# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜାନୁୟାରୀ ୩୦/୨୦୧୯ (୧୬ ପୃଷ୍ଠା) Sambalpur, Wednesday, January 30/ 2019 ★★

୧୫ଶ ଭାଗ ୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



DADLS-262

ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ

# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

## ମୟୂରଭଞ୍ଜ ଜିଲ୍ଲା ଗସ୍ତ

## ୩୦ ଜାନୁଆରୀ ୨୦୧୯ ବୁଧବାର

## ବାରିପଦା ଛଉପଡ଼ିଆ ମଧ୍ୟାହ୍ନ ୧୨.୨୫



### ୧୧ଟି ଜନହିତକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

- ଉଦଳା ବ୍ଲକ୍‌ର ରାଜ୍ୟ ରାଜପଥ-୧୯ରେ ଚମ୍ପା ନଦୀ ଉପରେ ହାଇଲେଭ୍‌ଲ ସେତୁ ।
- ଉଦଳା ଉପଖଣ୍ଡ ଚିକିତ୍ସାଳୟର ୫୦ ଶଯ୍ୟା ବିଶିଷ୍ଟ ନବନିର୍ମିତ ମାତୃ ଓ ଶିଶୁ ଚିକିତ୍ସାକେନ୍ଦ୍ର ।
- ବାରିପଦା ମହିଳା ମହାବିଦ୍ୟାଳୟ ଏବଂ ଏମ୍.ପି.ସି ଜୁନିଅର କଲେଜ୍‌ର ୩୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ।
- ତକତପୁରଠାରେ ଏମ୍.ପି.ସି ସ୍ୱୟଂଶାସିତ କଲେଜର ୪୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ।
- ମୋରଡା ବ୍ଲକ୍‌ର ଗଡିଆ-କେନ୍ଦୁଡିହ ରାସ୍ତାର ଜମ୍ବିରା ନାଳ ଉପରେ ହାଇଲେଭ୍‌ଲସେତୁ ।
- ଉଦଳା ବ୍ଲକ୍‌ର ଉଦଳା-ଦିମାଗଡିଆ ରାସ୍ତାରେ ସୋନ ନଦୀ ଉପରେ ହାଇଲେଭ୍‌ଲସେତୁ ।
- ବଡସାହି ବ୍ଲକ୍‌ର ବର୍ତ୍ତନା-ନିଶ୍ଚିନ୍ତପୁର ରାସ୍ତାରେ ବୁଢାବଳଙ୍ଗ ନଦୀ ଉପରେ ହାଇଲେଭ୍‌ଲ ସେତୁ ।
- ଶୁଳିଆପଦା ବ୍ଲକ୍‌ର ଫଣିଆ, ମୋରଡାବ୍ଲକ୍‌ର କୁଆଳିଭଙ୍ଗା ଏବଂ ଶାମାଖୁଣ୍ଟା ବ୍ଲକ୍‌ର ଜ୍ୟୋତିପୁରଠାରେ ୩ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ।
- ବାରିପଦା ବ୍ଲକ୍‌ର ନବନିର୍ମିତ ଜିଲ୍ଲା ପଞ୍ଚାୟତ ସମ୍ବଳ କାର୍ଯ୍ୟାଳୟ ।

### ୬ଟି ଜନହିତକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ବଡ଼ସାହି-ବାରିପଦା ବ୍ଲକ୍‌ର ବୁଢ଼ାବଳଙ୍ଗ ନଦୀ ଉପରେ ହାଇଲେଭଲ୍ ସେତୁ ।
- ବାରିପଦା-ପ୍ରତାପପୁର -ବଡ଼ସାହି-ମାଣତ୍ରୀ ରାସ୍ତାର ଉରା ନାଳ ଉପରେ ହାଇଲେଭଲ୍ ସେତୁ ।
- କପ୍ତିପଦା ବ୍ଲକ୍‌ର ବଡ଼ଗୁଡୁଗୁଡିଆ ଏବଂ ଶୁଳିଆପଦା ବ୍ଲକ୍‌ର ଧାତିକାଠାରେ ୨ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ।
- ଶାମାଖୁଣ୍ଟା ବ୍ଲକର ବାଲିଡିହ ଜଳସେଚନ ପ୍ରକଳ୍ପ ଉନ୍ନତିକରଣ କାର୍ଯ୍ୟ ।
- ରାସଗୋବିନ୍ଦପୁର ବ୍ଲକ୍‌ର ରାହିଡିହା-କୁଶଡିହା ମଧ୍ୟରେ ଜମ୍ବିରା ନଦୀର ଉଭୟ ପାର୍ଶ୍ୱ ତଟ ସୁରକ୍ଷା ବନ୍ଧ ।

### ମିଶନ ଶକ୍ତି

- ୨୦,୨୯୫ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ୧୫ ହଜାର ଟଙ୍କା ଲେଖାଏଁ ସିଡ୍ ମନି ସହାୟତା ।
- ୨୬ଟି ବ୍ଲକ୍‌ସ୍ତରୀୟ ମହାସଂଘକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ।
- ଡିଜିଟାଲ୍ ସଶକ୍ତିକରଣ ନିମନ୍ତେ ୩୯୪୧୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ।
- ମୟୂରଭଞ୍ଜ ଜିଲ୍ଲାରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହାସଂଘଗୁଡ଼ିକୁ ସମୁଦାୟ ୪୯ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ ।



15001/13/0565/1819

**ମିଶନ ଶକ୍ତି ମହାସମାବେଶରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ ଏବଂ ଉଦ୍‌ବୋଧନ ।**

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜାନୁୟାରୀ ୩୦/୨୦୧୯ | Sambalpur, Wednesday, January 30/ 2019 | ପୃଷ୍ଠା-୧




## ମନ୍ଧାନା ଦେଲେ ସିରିଜ ଭେଟି

ସ୍ମୃତି ମନ୍ଧାନାଙ୍କ ଅପରାଜିତ ୯୦ ରନ ବଳରେ ଭାରତୀୟ ମହିଳା କ୍ରିକେଟ ଦଳ ୨ୟ ଦିନିକିଆରେ ନ୍ୟୁଜିଲାଣ୍ଡକୁ ୮ ଉଇକେଟ୍‌ରେ ପରାସ୍ତ କରି ସିରିଜକୁ ଆଗୁଆ କବ୍‌ଜା କରିଛି। ୧୦

୦୫

## ‘ଏକ୍ ଲଡ଼କୀ କୋ...’ ସେଟ୍‌ରେ ସ୍ଥିର ହୋଇଥିଲା ବିବାହ: ସୋନମ୍

ଆଗାମୀ ଫିଲ୍ମ ‘ଏକ୍ ଲଡ଼କୀ କୋ ଦେଖା ତୋ ଐଶା ଲଗା’ର ଶୁଟିଂ ଚାଲିଥିବା ବେଳେ ଆନନ୍ଦ ଆହୁଜାଙ୍କ ସହିତ ତାଙ୍କର ବାହାଘର ସ୍ଥିର ହୋଇଥିଲା ବୋଲି ଅଭିନେତ୍ରୀ ସୋନମ୍ କପୁର ପ୍ରକାଶ କରିଛନ୍ତି।



## ଜର୍ଜ ଫର୍ନାଣ୍ଡିଜ୍‌ଙ୍କ ପରଲୋକ



ନୂଆଦିଲ୍ଲୀ,୨୯।୧(ପି.ଟି.): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆଜୀବନ ସମାଜବାଦୀ ନେତା ଜର୍ଜ ଫର୍ନାଣ୍ଡିଜ୍ ଆଉ ନାହାନ୍ତି। ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ମଙ୍ଗଳବାର ସକାଳେ ତାଙ୍କର ପରଲୋକ ହୋଇଛି। ଫର୍ନାଣ୍ଡିଜ୍‌ଙ୍କୁ ୮୮ ବର୍ଷ ହୋଇଥିଲା। ଫର୍ନାଣ୍ଡିଜ୍ ଅଲ୍‌ଜାଇମର ରୋଗରେ ପୀଡ଼ିତ ହେବା ପରେ ଅନେକ ବର୍ଷ ଧରି ଜନସାଧାରଣଙ୍କ ନଜର ଆଢୁଆଳରେ ରହିଆସୁଥିଲେ। ନିକଟରେ ସେ ସ୍ୱାଇନ୍ ଫ୍ଲୁ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଫର୍ନାଣ୍ଡିଜ୍‌ଙ୍କ ଘନିଷ୍ଠ ସହଯୋଗୀ ଜୟା ଜେଟ୍‌ଲୀ ସୂଚନା ଦେଇଛନ୍ତି। ☞ପୃଷ୍ଠା–୨

### ବିଜେଡି କାଉନସିଲର ହତ୍ୟା ମାମଲା

## ଗୋଲକ, ଭୃଗୁଙ୍କୁ ପୋଲିସର ନୋଟିସ



ଛତ୍ରପୁର,୨୯।୧(ଡି.ଏନ.ଏ):ଗଞ୍ଜାମ ଜିଲା ଛତ୍ରପୁର ଏନଏସି ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଓ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ରଙ୍କୁ ପୋଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଆସନ୍ତା ୭ ତାରିଖରେ ଗୋଲକ ଓ ୯ ତାରିଖରେ ଭୃଗୁ ଛତ୍ରପୁର ଥାନାରେ ହାଜର ହେବାକୁ ନୋଟିସ୍‌ରେ କୁହାଯାଇଛି। ୨୦୧୭ ସେପ୍ଟେମ୍ବର ୧୬ ତାରିଖରେ ବିଜେଡି କାଉନସିଲର ଲକ୍ଷ୍ମୀକାନ୍ତଙ୍କୁ ତାଙ୍କ ଘର ଆଗରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ☞ପୃଷ୍ଠା–୨



କଟକ ଜିଲା ସାଲେପୁର ନିକଟସ୍ଥ କୁଳିଆ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ଭାଜପାର ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କ ସମ୍ମିଳନୀରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା।

# ୧୨୦ ନୁହେଁ ୨୧

କଟକ ଅଫିସ, ୨୯।୧

- କର୍ମୀଙ୍କ କାନରେ ବିଜୟ ମନ୍ତ୍ର ଫୁଙ୍କିଲେ ଶାହ
- ବିଜେଡି ଓ କଂଗ୍ରେସ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ
- ରାଜ୍ୟରେ ପିପିପି ମୋଡ୍‌ରେ ସରକାର ଚାଲିଛି: ଧର୍ମେନ୍ଦ୍ର

ମିଶନ ୧୨୦ ନୁହେଁ ୨୧ ଦରକାର। ୨୦୧୭ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ରାଜ୍ୟ ନେତୃବୃନ୍ଦଙ୍କ ଆଗରେ ମିଶନ ୧୨୦ର ଟାର୍ଗେଟ ଦେଇଥିଲେ। ଅର୍ଥାତ୍ ଓଡ଼ିଶାର ମୋଟ ୧୪୭ ବିଧାନସଭା ଆସନ ମଧ୍ୟରୁ ଭାଜପା ୧୨୦ ଆସନରେ ବିଜୟୀ ହେବ ବୋଲି ସେ ଦମ୍ଭ ବାନ୍ଧିଥିଲେ। ୨୦୧୭ ପରଠାରୁ ଶାହ ଯେତେଥର ଓଡ଼ିଶା ଆସିଛନ୍ତି ମିଶନ ୧୨୦ ଟାର୍ଗେଟକୁ ଦୋହରାଇଛନ୍ତି। ଏପରିକି ରାଜ୍ୟ ଭାଜପା ପାଇଁ ‘ମିଶନ ୧୨୦’ ମୁଖ୍ୟ ସ୍ଲୋଗାନ ପାଲଟିଛି। ହେଲେ ଶାହ ୧୨୦ ଟାର୍ଗେଟକୁ ନିଜେ ଭୁଲି ଯାଇଛନ୍ତି। ଏବେ ୧୨୦ ବଦଳରେ ୨୧ ଆସନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଅର୍ଥାତ୍ ରାଜ୍ୟର ମୋଟ ୨୧ ଲୋକ ସଭା ଆସନ ମଧ୍ୟରୁ ଅଧିକରୁ ଅଧିକ ଆସନ ମୋଦିଙ୍କୁ ଦେବାକୁ ଶାହ ମଙ୍ଗଳବାର ସାଲେପୁରଠାରେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଦୁଇବର୍ଷ ତଳେ ନିଜେ ଧାର୍ଯ୍ୟ କରିଥିବା ଟାର୍ଗେଟକୁ ଶାହ ପାସୋରିଗଲେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ଭାଜପା ପକ୍ଷରୁ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଲୋକ ସଭା ଆସନ ଅଧୀନ ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କ ସମ୍ମିଳନୀ ସାଲେପୁର ନିକଟସ୍ଥ କୁଳିଆ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଶାହ ଯୋଗଦେଇ ୨୦୧୯ରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ଓଡ଼ିଶାବାସୀଙ୍କ ସହାୟତା ଲୋଡ଼ିଥିଲେ। ଏହାସହ ଓଡ଼ିଆ କହୁଥିବା ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମନେପକାଇଥିଲେ। ମଧୁବାବୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ପାଇଁ ଲଢ଼େଇ କରୁଥିଲେ। ଭାଜପା ନୂଆ ଓଡ଼ିଶା ଗଢ଼ିବାର ସଂକଳ୍ପ ନେଇ ଲଢ଼େଇ କରୁଛି। ତେଣୁ ଓଡ଼ିଆ ଭାଷା ସଂସ୍କୃତିକୁ ଶିଖରରେ ପହଞ୍ଚାଇବା ପାଇଁ ଭାଜପା ସରକାରକୁ ଆସିଲେ ଉଦ୍ୟମ କରିବ ବୋଲି ଶାହ କହିଥିଲେ। ସେ ଓଡ଼ିଶାକୁ କେନ୍ଦ୍ରରୁ ଆସିଥିବା ଅନୁଦାନର ହିସାବ ମଧ୍ୟ ଦେଇଥିଲେ। ଓଡ଼ିଶାରେ ଆୟୁଷ୍ମାନ୍ ଭାରତ କାର୍ଯ୍ୟକାରୀ ନ ହେବା ପଛରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିଥିଲେ। ଏହାଦ୍ୱାରା ଓଡ଼ିଶାର ବହୁସଂଖ୍ୟକ ଗରିବ ଏକ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି କହିଥିଲେ। ସେହିପରି ଓଡ଼ିଶା ଖଣିଜ ସମ୍ପଦରେ ଭରା, ହେଲେ ଓଡ଼ିଆ ଗରିବ। ଓଡ଼ିଶାରେ ଯୁବକ ଅଛନ୍ତି, ହେଲେ ସେମାନଙ୍କର ବିକାଶ ହେଉନି। କାରଣ ଏଠାକାର ସରକାର ବିକାଶ କରିଜାଣିନାହାନ୍ତି। ଭାଜପା ଓଡ଼ିଶାରେ କ୍ଷମତାକୁ ଆସିଲେ ☞ପୃଷ୍ଠା–୨

■ ସୁପ୍ରିମକୋର୍ଟଙ୍କୁ କେନ୍ଦ୍ରର ଅନୁରୋଧ

# ମୂଳ ମାଲିକଙ୍କୁ ଫେରାଯାଉ ୬୭ ଏକର ନିର୍ବିବାଦୀୟ ଜମି

ନୂଆଦିଲ୍ଲୀ,୨୯।୧(ପି.ଟି.)

ଅଯୋଧ୍ୟା ମାମଲାରେ ଚାପର ସମ୍ମୁଖୀନ ହେଉଥିବା କେନ୍ଦ୍ର ସରକାର ମଙ୍ଗଳବାର ଏହି ପ୍ରସଙ୍ଗରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଅଯୋଧ୍ୟାସ୍ଥିତ ନିର୍ବିବାଦୀୟ ଜମିକୁ ମୂଳ ମାଲିକଙ୍କୁ ଫେରାଇ ଦେବା ପାଇଁ ସୁପ୍ରିମକୋର୍ଟରେ କେନ୍ଦ୍ର ପକ୍ଷରୁ ଦାଏର ଏକ ପିଟିଶନରେ ଦାବି କରାଯାଇଛି। ୧୯୯୧ରୁ ୧୯୯୩ ମଧ୍ୟରେ ସରକାର ବିବାଦୀୟ ସ୍ଥଳ ଓ ଏହାର ଆଖପାଖରେ ୬୭ ଏକର ଜମି ଅଧିଗ୍ରହଣ କରିଥିଲେ। ୨୦୦୩ରେ ସୁପ୍ରିମକୋର୍ଟ ଏହା ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିବାଦୀୟ ସ୍ଥଳ ଆଖପାଖରେ ଅଧିଗ୍ରହୀତ ଅତିରିକ୍ତ ଭୂମିକୁ ଏକ ହିନ୍ଦୁ ଟ୍ରଷ୍ଟ ଓ ଅନ୍ୟ ମୂଳ ମାଲିକମାନଙ୍କୁ ଫେରାଇ ଦେବା ପାଇଁ କେନ୍ଦ୍ର ସରକାର ଏବେ ସର୍ବୋଚ୍ଚ ଅଦାଲତଙ୍କ ଅନୁମତି ମାଗିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ରର ଏହି ନିଷ୍ପତ୍ତିକୁ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ସ୍ୱାଗତ କରିଛି। ସରକାର ଏବେ ଉଚିତ ଦିଗରେ ପଦକ୍ଷେପ ନେଇଛନ୍ତି ବୋଲି ଭିଏଚ୍‌ପି ପକ୍ଷରୁ କୁହାଯାଇଛି।

ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମ ଜନ୍ମଭୂମି–ବାବ୍ରି ମସଜିଦ ବିବାଦ ୨.୭୭ ଏକର ଜମିକୁ ନେଇ ରହିଛି। ରାମଲାଲା ଏବେ ଏହି ଜମି ଉପରେ ବିରାଜମାନ ଅଛନ୍ତି। ନିର୍ବିବାଦୀୟ ୬୭ ଏକର ଜମି ହିନ୍ଦୁ ସଙ୍ଗଠନଗୁଡ଼ିକୁ ହସ୍ତାନ୍ତର ☞ପୃଷ୍ଠା–୮

### ଅଯୋଧ୍ୟା ବିବାଦ



- ୧୯୯୧ରୁ ୧୯୯୩ ମଧ୍ୟରେ କେନ୍ଦ୍ର ସରକାର ୬୭ ଏକର ଜମି ଅଧିଗ୍ରହଣ କରିଥିଲେ
- ଆଲ୍ଲାହାବାଦ ହାଇକୋର୍ଟ ୨୦୧୦ରେ ୨.୭୭ ଏକର ଜମିକୁ ସମାନ ୩ ଭାଗରେ ବାଣ୍ଟିଦେଇଥିଲେ
- ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ଦାଏର ୧୪ଟି ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଛି
- ସରକାର କହିଲେ, ଆମେ ବିବାଦୀୟ ଜମିକୁ ଛୁଉଁନାହୁଁ

# ଅତନୁ, ଅରୁଣଙ୍କୁ ସିବିଆଇ ନୋଟିସ

ଭୁବନେଶ୍ୱର,୨୯।୧ (ବ୍ୟୁରୋ)

### ଚିଟ୍‌ଫଣ୍ଡ ଠକେଇ ଲିଙ୍କ୍



ସି–ଶୋର୍ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଛନ୍ଦି ହୋଇପଡ଼ିଛନ୍ତି ବିଜେଡିର ଦୁଇ ନେତା। ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ ଓ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ସିବିଆଇ ନୋଟିସ ଜାରି କରିଛି। ଜାନୁୟାରୀ ୨୮ ସୋମବାର ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ହାଜର ପାଇଁ ଅରୁଣଙ୍କୁ ନୋଟିସ ହୋଇଥିଲା। ହେଲେ ସେ ହାଜର ହୋଇ ନ ଥିବା ଜଣାପଡିଛି। ☞ପୃଷ୍ଠା–୨

# ୬ ଜିଲାର ୧୮ ଲକ୍ଷଙ୍କୁ ମିଳିବ ବିଶୁଦ୍ଧ ପାନୀୟ ଜଳ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

### କ୍ୟାବିନେଟ ନିଷ୍ପତ୍ତି

- ବ୍ୟୟ ହେବ ୩୧୮୦ କୋଟି ଟଙ୍କା
- କାଳିଆ ଯୋଜନାରେ ୫ ଲକ୍ଷ ଭୂମିହୀନଙ୍କୁ ଚଳିତ ବର୍ଷ ମିଳିବ ସହାୟତା

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବୃହତ୍ ଯୋଜନା କରିଛନ୍ତି। ୬ ଜିଲାର ୧୬ ବ୍ଲକରେ ବାସ କରୁଥିବା ପ୍ରାୟ ୧୮ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩୧୮୦.୮୮ କୋଟି ଟଙ୍କା ବ୍ୟୟ କରାଯିବ। ଏଥିଲାଗି ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଭଦ୍ରକ ଜିଲାର ବାସୁଦେବପୁର, ତିହିଡି, ଚାନ୍ଦବାଲି ଓ ଧାମରା ଆଦି ୪ ବ୍ଲକ ଅଧୀନରେ ଥିବା ୫୨୬ ଗ୍ରାମକୁ ପାନୀୟଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ୭୫୪ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ମୟୂରଭଞ୍ଜ ଜିଲାର ଖଣି ଦ୍ୱାରା ପ୍ରଭାବିତ ରାଇରଙ୍ଗପୁର ଏବଂ ଯଶିପୁର ବ୍ଲକ ଅନ୍ତର୍ଗତ ୩୩୦ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୪୩୦ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। କେନ୍ଦୁଝର ଜିଲାର ଖଣି ☞ପୃଷ୍ଠା–୮

### ସି-ଶୋର ଚିଟ୍‌ଫଣ୍ଡ ଠକେଇ ଲିଙ୍କ୍

## ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ଆଗୁଆ ଜାମିନ

କଟକ ଅଫିସ, ୨୯।୧

ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ତେବେ ମାମଲାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଏମ୍‌ପିଙ୍କ ଉପରେ ସର୍ତ୍ତାରୋପ କରିବେ ବୋଲି ବିଚାରପତି ସି.ଆର୍. ଦାସ ଆଦେଶ ଦେଇଛନ୍ତି।

ସି–ଶୋର ଚିଟ୍‌ଫଣ୍ଡ ଠକେଇ ଲିଙ୍କରେ ଏମ୍‌ପି ଜେନାଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଥିଲା। ସି–ଶୋର ସହିତ ଏମ୍‌ପିଙ୍କ ଆର୍ଥିକ କାରବାର ରହିଥିବା ସିବିଆଇ ତଦନ୍ତରୁ ଜାଣିପାରିଥିଲା। ତେବେ ଏହି ମାମଲାରେ ସିବିଆଇ ଗିରଫଦାରିରୁ ବର୍ତ୍ତିବା ପାଇଁ ଏମ୍‌ପି ଜେନା ଆଗୁଆ ଜାମିନ ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାମିନ ଆବେଦନରେ ଏମ୍‌ପି ଦର୍ଶାଇଥିଲେ ଯେ, ସିବିଆଇକୁ ତଦନ୍ତରେ ସେ ସମ୍ପୂର୍ଣ୍ଣ ସହଯୋଗ କରି ଆସିଛନ୍ତି। ସିବିଆଇ ପକ୍ଷରୁ ଏମ୍‌ପିଙ୍କୁ ପଚରାଉଚରା ନିମନ୍ତେ ଦୁଇଥର ଡକାଯାଇଥିଲା। ☞ପୃଷ୍ଠା–୮

### ଆଜିର ସମ୍ପାଦକୀୟ

ଜନବାଉଳାକାରୀ ଯୋଜନା

### ଆଜିର ମନ୍ତବ୍ୟ

“ ପିଲାମାନେ ଆମ ଅପୂରଣ ସ୍ୱପ୍ନ ସାକାର କରିବେ ବୋଲି ମା’ବାପା ଆଶା କରିବା ଅନୁଚିତ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

୨୦୧୮ ଏପ୍ରିଲ–ଡିସେମ୍ବର ସମୟରେ ଦେଶର ମୋଟ ରପ୍ତାନି ୧୦.୧୮% ବୃଦ୍ଧି ଘଟି ୨୪୫.୪୪ ବିଲିୟନ ଡଲାର ଛୁଇଁଛି।

–ଭାରତୀୟ ରପ୍ତାନିକାରୀ ମହାସଂଘ


SUDHAKAR
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com


NECC NATIONAL EGG CO-ORDINATION COMMITTEE 29.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 86 | 140 | 150 |
| DKL | 86 | 140 | 150 |
| BDK | 88 | 142 | 152 |
| BLS | 89 | 144 | 154 |
| ANG | 86 | 140 | 150 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers

# ୩ ଥର ନୀତି ବିଳମ୍ବ କଲେ ସେବାରୁ ବିଦା

ପୁରୀ ଅଫିସ,୨୯।୧

### କଠୋର ହେଲା ଶ୍ରୀମନ୍ଦିର ପ୍ରଶାସନ



- ଇଚ୍ଛାକୃତ ଭାବେ ଥରେ ବିଳମ୍ବ କଲେ ବହିଷ୍କୃତ ହେବେ
- ଡିସେମ୍ବର ୨୮ ବିଶୃଙ୍ଖଳାକାରୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ନୀତି ତ୍ୱରାନ୍ୱିତ ପାଇଁ ଧୂପ ସହିତ ଉଠିବ ଭୋଗମଣ୍ଡପ
- ନିୟମିତ ହେବ ଶ୍ରୀମନ୍ଦିର ସ୍ମାରକୀ ମୁଦ୍ରା

କୌଣସି ପରିସ୍ଥିତିରେ ମହାପ୍ରଭୁଙ୍କ ସେବାପୂଜାରେ ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ପୂର୍ବରୁ ପାଳିଆ ପୁରସ୍କାର ଉପରେ ଏହି ସଂସ୍କାର ଛାଟ ଲଗାଇଥିବା ଶ୍ରୀମନ୍ଦିର ପ୍ରଶାସନ ଏବେ ଆହୁରି କଠୋର ହୋଇଛି। ଯେଉଁ ପାଳିଆ ସେବକ ତିନିଥର ନୀତିରେ ବିଳମ୍ବ କରିବେ ତାଙ୍କୁ ସେବାରୁ ବହିଷ୍କାର କରାଯିବ। ଏପରି କି ଜାଣିଶୁଣି ଯଦି କେହି ଥରେ ବି ବିଳମ୍ବ କରୁଥିବା ଜଣାପଡିବ ତେବେ ଶାଢିବନ୍ଧା ରଦ୍ଦ ସହିତ ତାଙ୍କୁ ମଧ୍ୟ ସେବାରୁ ବିଦା କରାଯିବ। ଏଥିପାଇଁ ପରିଚାଳନା କମିଟି ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦେଇଛି। ଶ୍ରୀମନ୍ଦିର ପ୍ରଶାସନର ଏହି କଠୋର କାର୍ଯ୍ୟାନୁଷ୍ଠାନ ଉପରେ ମୋହର ଲଗାଇଛି କମିଟି।

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପରିଚାଳନା କମିଟି ବୈଠକ ବସିଥିଲା। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଗଣମାଧ୍ୟମକୁ କହିଥିଲେ, ବର୍ତ୍ତମାନ ନୀତି ପ୍ରାୟ ଶୃଙ୍ଖଳିତ ଭାବେ ଚାଲିଛି। ଏହି ପ୍ରକ୍ରିୟା ଯେମିତି ଜାରି ରହିବ ତାହା ☞ପୃଷ୍ଠା–୮




ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ଜାନୁୟାରୀ ୩୦/୨୦୧୯



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଢୁଗୁଲ୍
ପରିବାରବର୍ଗ


ସଂକିର୍ତ୍ତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

ମୋର ଭଣଜା, ଜାତି ପାଟରା ବ୍ୟବସାୟ କରୁଥିବା ନାମ-ଅମ୍ବୁଜ ଲେଙ୍କା (ବୟସ ୨୮ ଉଚ୍ଚତା ୫ଫୁଟ ୪ଇଞ୍ଚ)ଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଆବଶ୍ୟକ। ଯୋଗାଯୋଗ: 9861378997. D-64044

### GROOM WANTED

Beautiful Khandayat girl 1995, 5'3" MBA serving Axis Bank "Sunasansar". 9937512659. D-10815

Now Matrimonial ads. only on Wednesday & Sunday Book 1 Get 1 FREE

Beautiful Kandara girl 1987 Diploma requires serviceholder ODISSI. 9439493111. D-64779

Extremely beautiful Brahmin girl 1989/5'4" MBA require Software Engineer. Barsha. 9338229705, 7749883585. D-64780

Groom wanted for Utkal Brahmin bride age 28+ height 5'6" Rasi- Mina, Debagana M.A in English BED. Sound health groom be Teacher, Lecturer, Engineer or Govt. Service. Contact: 9732563395, 8250378568. D-10798

Wanted Brahmin groom for bride 34/5'3" BSc. MBA arround Bhubaneswar. 9668334861. D-10737

Brahmin, 44 ବର୍ଷ postal assistant 38,000 ଦରମା, ଝିଅ ପାଇଁ ଯେକୌଣସି ଜାତିର ଚାକିରିଆ କିମ୍ବା ବ୍ୟବସାୟିକ ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। 9937011734. D-10819

Invited qualified employed Bhubaneswar/ Cuttack based Brahmin groom for qualified fairely beautiful 34+ bride, required for early marriage. 8599044357. D-10802

## classified




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

Investment plot in BDA commercial zone Pitapali Chaka, sqft.- 199/-, 9348048204. D-65348

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65528

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

2BHK simplex 15,00,000/- finishing Hanspal, plot- Balianta- NH-203 side. 8093465134. D-65349

ପୁରୀ ବାଟମଙ୍ଗଳା ପାଖ ବାଟଗାଁ ଛକ ନିକଟରେ ସ୍ଥିତିବାନ ଘରବାଡ଼ି ପ୍ଲଟ୍ ପାଚେରି ଇଲେକ୍ଟ୍ରି ସୁବିଧାଥାଇ ଡିସିମିଲ ପ୍ରତି 2.40 ଲକ୍ଷ, ପ୍ରତି ପ୍ଲଟ୍ 2 ଡ଼ିସିମିଲ୍‌ରୁ ଅଧିକ। 8144658008, 8144634252, 9776404801. D-10813

Book flat ready to move within six months with all amenities very few remaining at Patrapada , Bhubaneswar 500 meters from National Highway. Contact: 9238326233, 9040072544. D-38543

ପ୍ଲଟ ବିକ୍ରିହେବ। ମୌଜା ବିଜୟ ଚନ୍ଦ୍ରପୁର, ପାରାଦ୍ୱୀପ ଜମି- ଏ୦- ୨୨ ୧/୨ଡି ଓ ଏ୦- ୨୫ଡି ମୋଟ ଏ୦.୪୭ ୧/୨ଅଧେ ପ୍ଲଟ ୪୭ ଖାତା ୩୭, କଛ ନଂ ୩୧ ବିକ୍ରିହେବ। ଯୋଗାଯୋଗ: 7008727988, 9437318118. D-10818




3BHK house for family aerodrome area, Lane-6, Bhubaneswar. 9437082192, 9437119146. D-65603

Two rooms marble 1st floor 1181 Bomikhal Rs. 4500/-, 9437181633. D-10752

GF 1100 sqft. & FF 1500 sqft. space available on rent at Jayadevvihar, Bhubaneswar for commercial purpose. Contact: 9438802628. D-10816

ଭୁବନେଶ୍ୱରରେ ଆଇବେଷ୍ଟସ ଘର 3 phase line ସହ ଖୋଲା ଜାଗା ଆବଶ୍ୟକ। 8018172594. D-59529

### AFFIDAVIT

By virtue of an affidavit before The Notary, Bhubaneswar, I have changed my Name from Abhisekh Sharma to Abhishek Sharma for all future purposes. D-62154




Monalisa massage Club- full body massage with hiprofile smart lady therapist 750/- only. Hurry up ! 9708545108. D-10796

Roshin ayurvedic massage club fully relaxed by smart lady home service facility available. 9937637219. D-64697

### AFFIDAVIT

By virtue of affidavit on dated 22.12.2018 I known as Balodu Laxmidhar, S/o- Balodu Krushnamurty for all purposes. Balodu Laxmidhar. D-64042

By virtue of affidavit on dated 22.12.2018 I known as Balodu Tirupati, S/o- Balodu Krushnamurty for all Purposes. Balodu Tirupati. D-64043

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ
### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ହେମଲତା ମହାନ୍ତି**
ବାବୁଜଙ୍ଗ, କଟକ
ତିରୋଧାନ ମାଘ କୃଷ୍ଣ ଏକାଦଶୀ
୧୨-୦୧-୨୦୧୮
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକ ସନ୍ତପ୍ତ ପୁତ୍ର ମନୋଜ ମୋହନ ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି ଓ ପରିବାର ବର୍ଗ। ଧ-୧୦୮୧୦

### ୨୫ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଭାବଗ୍ରାହୀ ଦାସ**
ଶ୍ରୀରାମନଗର, ଭୁବନେଶ୍ୱର
ଆବିର୍ଭାବ: ୦୫।୦୪।୧୯୨୬
ତେନ୍ତୁଳିଆ ଶାସନ, ଗଞ୍ଜାମ
ତିରୋଧାନ: ୦୫।୦୨।୧୯୯୪
ଶ୍ରୀରାମ ନଗର, ଭୁବନେଶ୍ୱର
ଚିର ସ୍ମରଣୀୟ
ଚିର ନମସ୍ୟ
ଧର୍ମପତ୍ନୀ: ଚାରୁଲତା ଦାସ, ପରିବାରବର୍ଗ ଏବଂ ବନ୍ଧୁବାନ୍ଧବ। ଧ-୫୮୦୩୪

### ୪ର୍ଥ ଜନ୍ମଦିନ ଶୁଭେଚ୍ଛା



(ଢୁଗୁଲ୍)
**ଅରିଜିତ୍ ରଣସିଂହ**
ଗୌଡ଼ଛେଲି, କଟକ
ଆଜି ୪ର୍ଥ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ବାବା, ମାମା, ବାପା, ବୋଉ, ଜେଜେ, ମା, ଅଜା, ଆଈ, ମାମୁ, ମାଈଁ, ମଉସା, ମାଉସୀ, ଦିଦି, ଭାଇ, ଦାଦା ଏବଂ ବନ୍ଧୁ ପରିବାରବର୍ଗ। ଧ-୬୫୮୦୬

### 3rd Birthday Wish



**Sanskriti Mohapatra**
At/Po- Saranda, Dist.- Bargarh
Wishing you a beautiful day with good health and happiness forever. Happy Birthday. Mohapatra Family. D-10824

### Marriage Anniversary Wish



***Aswini & Jyotshna***
IRC Village, Bhubaneswar
Wishing you another wonderful year of Marital bliss together.Best wishes from: **Gunu & Family**. D-10809

### ବିବାହ ଶୁଭେଚ୍ଛା



**ଆୟୁଷ୍ମାନ ଶାନ୍ତନୁ (ପୁପୁନି)**
ତୁଳସୀପୁର, ପୁରୀଙ୍କ ସହିତ
**ଆୟୁଷ୍ମତୀ ମିଲିଲତା (ପୂଜା)**
ରାହାସୋଇ, ଯାଜପୁରଙ୍କ
ଶୁଭବିବାହ ଆଜି
ଶୁଭେଚ୍ଛା ସହ: ସନ୍ତୋଷ ଭାଇନା, ବନ୍ଧୁ ଓ ପରିବାରବର୍ଗ। ଧ-୧୦୮୧୭

**ପ୍ରଥମ ପୃଷ୍ଠାରୁ...**

## ଅତନୁ, ଅରୁଣଙ୍କୁ...

ଅନ୍ୟପକ୍ଷରେ ୩୦ ତାରିଖ ବୁଧବାର ଅତନୁ ସିବିଆଇ କାର୍ଯ୍ୟାଳୟରେ ହାଜର ହେବାକୁ ନୋଟିସ ହୋଇଛି। ଏହି ନୋଟିସ ସଂକ୍ରାନ୍ତରେ ଖବର ସରବରାହ ସଂସ୍ଥା 'ଏଏନ୍‌ଆଇ' ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଆଗକୁ ସାଧାରଣ ନିର୍ବାଚନ ରହିଥିବାବେଳେ ମଙ୍ଗଳବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶା ଗସ୍ତରେ ଆସିଥିଲେ। ଏପରିସ୍ଥଳେ ବିଜେଡି ନେତାଙ୍କୁ ହଠାତ୍ ସିବିଆଇର ନୋଟିସକୁ ନେଇ ରାଜବ୍ୟାପୀ ହଟଚମଟ ସୃଷ୍ଟି ହୋଇଛି। କେବଳ ଏହି ଦୁଇ ନେତା ନୁହନ୍ତି, ବିଜେଡିର ଅନ୍ୟ ଦୁଇ ନେତାଙ୍କୁ ମଧ୍ୟ ସିବିଆଇ ନୋଟିସ ହୋଇଥିବା ଚର୍ଚ୍ଚା ହେଉଛି।

ମିଳିଥିବା ସୂଚନାନୁସାରେ, ବିଜେଡିର ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ୟାରୀମୋହନ ମହାପାତ୍ରଙ୍କ ସମୟରେ ଅରୁଣ ଓ ଅତନୁ ସି-ଶୋର ଚିଟ୍‌ଫଣ୍ଡ୍ ସଂସ୍ଥାଦ୍ୱାରା ଲାଭବାନ ହୋଇଥିବା ସିବିଆଇ ଖୋଳତାଡ଼ ବେଳେ ଜାଣିବାକୁ ପାଇଥିଲା। ତେଣୁ ସିବିଆଇ ଦୁଇ ନେତାଙ୍କୁ ପଚରାଉଚରା କରିବା ପାଇଁ ନୋଟିସ କରିଥିବା କୁହାଯାଉଛି। ପୂର୍ବରୁ ବିଜେଡି ସମେତ ଅନ୍ୟ ଦଳର ବହୁ ନେତା ଚିଟ୍‌ଫଣ୍ଡ୍ ଠକେଇ ମାମଲାରେ ଛନ୍ଦି ହୋଇଛନ୍ତି। କଟକ ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳ ଓ ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା ଜେଲ୍ ଯାଇଥିବାବେଳେ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କ ସମ୍ପର୍କରେ ସିବିଆଇ ତଦନ୍ତ ଜାରି ରଖିଛି। ଆହୁରି କେତେଜଣ ବିଜେଡି ନେତା ସିବିଆଇର ନଜରରେ ରହିଥିବା କୁହାଯାଉଛି।

ସିବିଆଇ ନୋଟିସ ସଂକ୍ରାନ୍ତରେ ଅତନୁ ଓ ଅରୁଣଙ୍କୁ ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଉଠାଇ ନ ଥିଲେ। ତେବେ ସେମାନେ କୌଣସି ନୋଟିସ ପାଇ ନ ଥିବା ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ସିବିଆଇ ଅଧିକାରୀମାନେ ପ୍ରଥମେ ଗଣମାଧ୍ୟମକୁ ଜଣାଇ ଦେଇଥାଇପାରନ୍ତି। ଆଗକୁ ନିର୍ବାଚନ ଥିବାରୁ ସିବିଆଇ ଏଭଳି କରୁଥିବା ଓ ଏହାଦ୍ୱାରା ସିବିଆଇର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠୁଥିବା ସେ କହିଛନ୍ତି।

## ଗୋଲକ, ଭୃଗୁଙ୍କୁ ...

ଏହି ମାମଲାରେ ଭାଜପା ନେତା କୃଷ୍ଣ ଚନ୍ଦ୍ର ନାୟକ ଓ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ ଗିରଫ ହୋଇଥିଲେ । ସେମାନେ ଡେରାଡୁନ୍‌ରେ ରହିବାରେ ଗୋଲକ ସହାୟତା କରିଥିଲେ ବୋଲି ସେମାନେ ପୋଲିସ ଆଗରେ କହିଥିଲେ। ଏହାକୁ ଭିତ୍ତିକରି ଛତ୍ରପୁର ପୋଲିସ ପକ୍ଷରୁ ଗୋଲକଙ୍କୁ ପୂର୍ବରୁ ଥରେ ନୋଟିସ ଜାରି କରାଯାଇଥିଲା। ସେହି ନୋଟିସ ପାଇ ୨୦୧୭ ନଭେମ୍ବର ୧ ତାରିଖରେ ସେ ଥାନାରେ ହାଜର ହୋଇଥିଲେ । ୨ଟି ପର୍ଯ୍ୟାୟରେ ପୋଲିସର ଏକ ଟିମ୍ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ତାଙ୍କୁ ପଚରାଉଚୁରା କରିଥିଲା। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ମିଥ୍ୟା ବୋଲି ଗୋଲକ ସେ ସମୟରେ ଗଣମାଧ୍ୟମକୁ କହିଥିଲେ। ଅପରପକ୍ଷରେ ଭୃଗୁ ଅଭିଯୁକ୍ତମାନଙ୍କୁ ଫେରାର କରାଇବାରେ ସହଯୋଗ କରିଥିବାରୁ ତାଙ୍କୁ ନୋଟିସ ଜାରି କରାଯାଇଥିବା ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ କହିଛନ୍ତି। ହତ୍ୟା ମାମଲାରେ ୧୮ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଜାମିନ ମିଳିଛି। ଅନ୍ୟ କେତେଜଣ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ମାମଲାର ଚାର୍ଜଶିଟ୍ କୋର୍ଟରେ ଦାଖଲ ହୋଇସାରିଛି।

## ଜର୍ଜ ଫର୍ନାଣ୍ଡିଜ୍‌ଙ୍କ ...

ଫର୍ନାଣ୍ଡିଜ୍ ଗୁରୁତର ଥିବା ନେଇ ମଙ୍ଗଳବାର ଘରୋଇ ହସ୍ପିଟାଲ ମ୍ୟାକ୍ସ ହେଲ୍‌ଥକେୟାରକୁ ଫୋନ୍ ଯାଇଥିଲା। ସେଠାରୁ ଆସିଥିବା ଆମ୍ବୁଲାନ୍ସ ତାଙ୍କୁ ନେଇ ହସ୍ପିଟାଲକୁ ଯାଇଥିଲା। ହସ୍ପିଟାଲରେ ଡାକ୍ତରୀ ଦଳ ସକାଳ ୬ଟା ୪୨ରେ ମୃତ ଘୋଷଣା କରିଥିଲେ। ୧୯୩୦ ଜୁନ୍ ୩ରେ କର୍ଣ୍ଣାଟକସ୍ଥିତ ମାଙ୍ଗାଲୋରର ଏକ ଖ୍ରୀଷ୍ଟିୟାନ ପରିବାରରେ ଜନ୍ମିତ ଫର୍ନାଣ୍ଡିଜ୍ ଜଣେ ଶ୍ରମିକ ନେତା ଥିଲେ। ପରବର୍ତ୍ତୀ ସମୟରେ ରାଜନୈତିକ ବିଚାରଧାରାର ବିରୋଧାଭାସୀ ଦୁଇଟି ସରକାରରେ ସେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୧୯୭୭ରେ ସେ କୋକା-କୋଲାକୁ ବାହାରର ରାସ୍ତା ଦେଖାଇଥିବାବେଳେ ୧୯୯୯ରେ କାର୍‌ଗିଲ ଯୁଦ୍ଧ ଦେଖିଥିଲେ। ଏହି ମହାନ୍ ଜନନାୟକଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ବିଶିଷ୍ଟ ନେତା ଶୋକବ୍ୟକ୍ତ କରିଛନ୍ତି।



ସାଲେପୁର ନିକଟ କୁଳିଆ ପଡ଼ିଆରେ ଅନୁଷ୍ଠିତ ଭାଜପାର ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କ ସମ୍ମିଳନୀରେ ଯୋଗଦେଇଥିବା କର୍ମୀ ଓ ଅନ୍ୟମାନେ ।

## ୧୨୦ ନୁହେଁ ...

ରାଜ୍ୟକୁ ଏକ ନମ୍ବର କରାଯିବ ବୋଲି ଶାହ କହିଥିଲେ। ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଶାହ କହିଥିଲେ ଯେ, ଏଠାକାର ସରକାର ଜଗନ୍ନାଥଙ୍କ ରତ୍ନଭଣ୍ଡାରକୁ ସୁରକ୍ଷା ଦେଇପାରିନି। ଅର୍ଥାତ୍ ଏହା ମା' ଲକ୍ଷ୍ମୀଙ୍କ ପ୍ରତି ଅପମାନ। ନବୀନ ବାବୁ ୧୯ ବର୍ଷ ହେବ ଓଡ଼ିଶାକୁ ଶାସନ କରୁଛନ୍ତି। ୨୦୧୯ରେ ନିର୍ବାଚନ ହେବ। ତେଣୁ ଏହି ସରକାରକୁ ଶେଷ କରିଦେବାକୁ ସେ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କଂଗ୍ରେସକୁ ସମାଲୋଚନା କରି ଶାହ କହିଥିଲେ, କଂଗ୍ରେସ ନେତୃତ୍ୱରେ ଏବେ ସମସ୍ତ ବିରୋଧୀ ଏକଜୁଟ ହେଉଛନ୍ତି। ହେଲେ ସେମାନଙ୍କ ନେତା ଓ ନୀତି ଅସ୍ପଷ୍ଟ। କଂଗ୍ରେସ ସରକାର ସମୟରେ ତ୍ରୟୋଦଶ ଅର୍ଥ କମିଶନରେ ଓଡ଼ିଶାକୁ ୭୯ହଜାର କୋଟି ଟଙ୍କା ମିଳିଥିଲା। କିନ୍ତୁ ମୋଦିଙ୍କ ସରକାର ସମୟରେ ଓଡ଼ିଶାକୁ ୨ ଲକ୍ଷ ୧୧ହଜାର ୫୧୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଛି। ମୋଟାମୋଟି ଭାବେ ମୋଦି ସରକାର ଓଡ଼ିଶାକୁ ୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିବା ଶାହ କହିଥିଲେ। ସେହିପରି ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ପୂର୍ବରୁ ଉଦ୍ୟୋଗପତିଙ୍କ ଆକାଉଣ୍ଟକୁ ଯାଉଥିଲା। ମାତ୍ର ମୋଦି ସରକାର ଏହି ଟଙ୍କାକୁ ଆଦିବାସୀଙ୍କ କଲ୍ୟାଣରେ ବିନିଯୋଗ କରିଛନ୍ତି। ସେ ଏପରି ଜଣେ ପ୍ରଧାନମନ୍ତ୍ରୀ, ଯିଏ କି ୭୦ ବର୍ଷ ପରେ ଦେଶର ଆଦିବାସୀଙ୍କ ଘରେ ପାଇଖାନା, ବିଜୁଳି ଓ ଗ୍ୟାସ ପହଞ୍ଚାଇବାର ବ୍ୟବସ୍ଥା କରିଛନ୍ତି ବୋଲି ଶାହ କହିଥିଲେ। ବିଜେଡି ଓ କଂଗ୍ରେସ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଦୀର୍ଘଦିନ ଧରି ଏହି ଦୁଇ ଦଳ ଓଡ଼ିଶାକୁ ଶାସନ କରିଛନ୍ତି। ମାତ୍ର ଓଡ଼ିଶାର ବିକାଶ କରିପାରି ନାହାନ୍ତି। ୫ ବର୍ଷ ପାଇଁ ମୋଦିଙ୍କୁ ସୁଯୋଗ ଦେଲେ ଓଡ଼ିଶା ଏକ ନମ୍ବର ହୋଇପାରିବ। ମୋଦି ଯେପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବେ ପୁଣି ଥରେ ଶପଥ ନେଇନାହାନ୍ତି ସେପର୍ଯ୍ୟନ୍ତ ଭାଜପା କାର୍ଯ୍ୟକର୍ତ୍ତାମାନେ ଅକ୍ଳାନ୍ତ ପରିଶ୍ରମ ଜାରି ରଖିବାକୁ ସେ କହିଥିଲେ।

ଆରମ୍ଭରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ନିକଟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି କହିଥିଲେ ଯେ, ଏଠାକାର ସରକାରଙ୍କ ରିମୋଟ୍ ମୋଦିଙ୍କ ହାତରେ ରହିଛି। ମାତ୍ର ତାହା ଭୁଲ। ଏଠାକାର ସରକାରଙ୍କ ରିମୋଟ୍ ଖଣି ମାଫିଆମାନଙ୍କ ହାତରେ ଥିବା ଧର୍ମେନ୍ଦ୍ର କହିଥିଲେ। ଏଠାରେ ପିପିପି ମୋଡ୍‌ରେ ସରକାର ଚାଲିଥିବା ଧର୍ମେନ୍ଦ୍ର କଟାକ୍ଷ କରିଥିଲେ। ଶିକ୍ଷକଙ୍କୁ ଦରମା ଦେବାକୁ ସରକାରଙ୍କ ପାଖରେ ଟଙ୍କା ନ ଥିବାବେଳେ ସଲମାନ ଖାନ୍ ଓ ଶାହରୁଖ ଖାନ୍‌ଙ୍କୁ ଆଣି ନଚାଇବାକୁ ପଇସା ଥିବା କହିଥିଲେ। ଏବେ ରାଜ୍ୟ ସରକାରଙ୍କୁ ହିସାବ ଦେବା ସମୟ ଆସିଥିବା ଧର୍ମେନ୍ଦ୍ର କହିଥିଲେ।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ୮ହଜାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ବଙ୍ଗଳା ଫିଲ୍ମ ନିର୍ମାତା ଶ୍ରୀକାନ୍ତଙ୍କ ଜାମିନ ଖାରଜ

**ରୋଜ୍‌ଭ୍ୟାଲି ଚିଟଫଣ୍ଡ୍ ଠକେଇ ମାମଲା**

ଭୁବନେଶ୍ୱର,୨୯।୧ (ବ୍ୟୁରୋ)

ରୋଜ୍‌ଭ୍ୟାଲି ଚିଟଫଣ୍ଡ୍ ଠକେଇ ମାମଲାରେ ଗିରଫ ହୋଇଥିବା ବଙ୍ଗଳା ଫିଲ୍ମ ନିର୍ମାତା ଶ୍ରୀକାନ୍ତ ମାହାତୋଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଜାମିନ ପାଇଁ ସେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଆବେଦନ କରିଥିଲେ। ମଙ୍ଗଳବାର ଶ୍ରୀକାନ୍ତ କୋର୍ଟରେ ହାଜର ହୋଇଥିଲେ। ମାମଲାର ଶୁଣାଣି କରି କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି। ଫଳରେ ଶ୍ରୀକାନ୍ତଙ୍କୁ ପୁଣି ଝାରପଡ଼ା ଜେଲ୍‌କୁ ଯିବାକୁ ପଡିଛି। ପୂର୍ବରୁ କୋର୍ଟ ତାଙ୍କୁ ୧୪ ଦିନ ପାଇଁ ବିଚାରବିଭାଗୀୟ ହାଜକୁ ପଠାଇ ଦେଇଥିଲେ। ତେବେ ତଳ କୋର୍ଟଙ୍କ ଏହି ରାୟ ବିରୋଧରେ ଶ୍ରୀକାନ୍ତ ଉପର କୋର୍ଟକୁ ଯିବେ ବୋଲି ତାଙ୍କ ଓକିଲ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସପ୍ତମ କେନ୍ଦ୍ରରେ ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପାରିବାରିକ ସୁଖ, ସମୃଦ୍ଧିକୁ ଋଦ୍ଧିମନ୍ତ କରିବ। ଏପରି କି ଏକାଧାରରେ ଅର୍ଥ, ସମ୍ମାନ, ସ୍ୱାଗତ,ସମ୍ବର୍ଦ୍ଧନା ପାଇବାର ଯୋଗ ରହିଛି। ଯଦିଓ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ ତାହା ସାମୟିକ କହିଲେ ଅତ୍ୟୁକ୍ତି ହେବ ନାହିଁ।

**ବୃଷ**
କର୍ମାଧିପତି ସହ ରାଶ୍ୟାଧିପତି ଦୁଃସ୍ଥାନସ୍ଥ ହେତୁ ଚେଷ୍ଟାକଲେ ମଧ୍ୟ ଆପଣଙ୍କ କାର୍ଯ୍ୟହାସଲରେ ସୁଫଳ ଦେଇ ନ ପାରନ୍ତି। ତଥାପି ବୃହସ୍ପତିଙ୍କ ପ୍ରଭାବରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସି କେତେକାଂଶରେ ଉପକୃତ ହେବାର ଆଶା କରାଯାଇ ପାରେ। ମାଲିମକଦ୍ଦମାରେ ବିଜୟ ପ୍ରାପ୍ତି ହୋଇପାରେ।

**ମିଥୁନ**
ସପ୍ତମାଧିପତି ତୃତୀୟାଧିପତି ସହ ଷଷ୍ଠଭାବସ୍ଥ ହେତୁ ସମ୍ପର୍କୀୟଙ୍କ କାନକୁହା କଥାରେ ପାରିବାରିକ ଅସ୍ଥିରତାର ସୂଚନା ରହିଛି। ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ଡାକରା ଆପଣଙ୍କୁ ଚଳଚଞ୍ଚଳ କରାଇପାରେ। କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଏକ ତରଫା ହୋଇଯାଇ ପାରେ ଯାହାକୁ ନେଇ ସମାଲୋଚିତ ହେବାକୁ ପଡିବାର ଆଶଙ୍କା ରହିଛି।

**କର୍କଟ**
କୌଣସି ନୂଆ କାମଟିଏ ଆରମ୍ଭ କରିବାକୁ ଯାଇ ବ୍ୟୟବରାଦ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଗତି ମାନସିକ ସ୍ଥିତିକୁ ବହୁ ପରିମାଣରେ ବୃଦ୍ଧି କରିବ। ଗୃହ, ଯାନବାହନ, ଶିଳ୍ପ, ବାଣିଜ୍ୟ, ପରିବହନ ବାଧାପ୍ରାପ୍ତ ହେବ ନାହିଁ। ତଥାପି ସାମୟିକ ଭାବରେ ଅତୀତ କଥା ଓ ଉପସ୍ଥିତ ସମସ୍ୟା ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ସିଂହ**
ଚତୁର୍ଥଭାବରେ ବୃହସ୍ପତି ଓ ଚନ୍ଦ୍ର ସାମାଜିକ ପ୍ରତିଷ୍ଠାସହ ଲକ୍ଷ୍ୟପୂରଣରେ ସହାୟକ ହୋଇପାରିବ। କଳା,ସାହିତ୍ୟ,ସାମ୍ବାଦିକତା ଓ ସଭାସମିତିରେ ପ୍ରଶଂସିତ ହେବେ । ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାର୍ଯ୍ୟ, ଜମିଜମା, ମାଲିମକଦ୍ଦମା ସମ୍ପର୍କିତ ଦୁଶ୍ଚିନ୍ତା ମଧ୍ୟ ରହିବ।

**କନ୍ୟା**
ଭାଗ୍ୟସ୍ଥାନକୁ ଶୁଭଗ୍ରହର ଦୃଷ୍ଟି ଆପଣଙ୍କ କାର୍ଯ୍ୟସିଦ୍ଧି,ଅର୍ଥଗୌରବ,ବନ୍ଧୁଙ୍କ ଆଦର ପ୍ରାପ୍ତି କରାଇପାରେ। କିନ୍ତୁ କର୍ମକ୍ଷେତ୍ରରେ ଭାବପ୍ରବଣତା ଯୋଗୁ ସାମୟିକ ଆନମନା ରହିପାରନ୍ତି। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ବୃତ୍ତି, ବାଣିଜ୍ୟ, କ୍ରୟବିକ୍ରୟ, ଯାତ୍ରା, ବିବାଦ କ୍ଷେତ୍ରରେ ସଫଳତା ହାସଲ କରିବେ।

**ତୁଳା**
ରାଶ୍ୟାଧିପତି ଉଭୟଚରୀ ଯୋଗଯୁକ୍ତ କାରଣରୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି କର୍ମାରମ୍ଭ କଲେ ଭୁଲ୍ କରିବେ। ନିର୍ମାଣାଧୀନ କାମ, ବିବାଦୀୟ ଘଟଣା ଓ ଜମିଜମା କିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ। ସଭାସମିତି,ବକ୍ତୃତା କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଜିର ଯାତ୍ରା ଓ ସରକାରୀ ସ୍ତରରେ ଦେଖାସାକ୍ଷାତରୁ ଉପକୃତ ହୋଇପାରନ୍ତି।

**ବିଛା**
ଦିନଟିରେ କିଛି କାମରେ ସନ୍ତୋଷ ପାଇବା ସାଙ୍ଗକୁ କିଛି ବିରକ୍ତିକର ପରିସ୍ଥିତି ମଧ୍ୟ ସାମନାକୁ ଆସିବ। ଅବଶ୍ୟ ଅଫିସ୍ କାମରେ, ପ୍ରଶାସନିକ ସ୍ତରରେ, ରାଜନୈତିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନ୍‌ସନ୍ ଦୂର ହୋଇପାରେ। ନୂତନ ବସ୍ତ୍ରଭୂଷଣ,ସମ୍ମାନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ପାରିବାରିକ ସମସ୍ୟା ସଜାଡିବାରେ ଯତ୍ନବାନ ହେବେ।

**ଧନୁ**
ଶନିଙ୍କ ପ୍ରଭାବ ଆପଣଙ୍କୁ ଅଧିକାଂଶ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରାରେ ବିଷାଦିତ କରିପାରେ। କିନ୍ତୁ ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ବିରକ୍ତିଭାବ ଦୂରେଇଯିବ, ଧୈର୍ଯ୍ୟ ବୃଦ୍ଧି ପାଇବ ଯାହାକି ଆଜି ପାଇଁ ତାହାର ଆବଶ୍ୟକତା ରହିଛି। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ମିତ୍ର, ବନ୍ଧୁମାନଙ୍କ ପରାମର୍ଶ ମାନିବା ଭଲ।

**ମକର**
ବିବାଦୀୟ ଚିନ୍ତାଧାରା ସାଙ୍ଗକୁ ଦୁର୍ଭାବନା ମାନସିକ ଅସ୍ଥିରତାର କାରଣ ସାଜିପାରେ। ବ୍ୟବସାୟିକ ଦିଗଟି ଭଲ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ଯାନ ବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି କ୍ରୟ କରିପାରନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିପାରନ୍ତି କିନ୍ତୁ ଶେଷ ପର୍ଯ୍ୟାୟରେ ବନ୍ଧୁ ସମ୍ପର୍କ ହାନିର ଆଶଙ୍କା ଦେଖାଦେଇପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପଡୋଶୀଙ୍କ ଅଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଆଜିର ଯାତ୍ରାରେ ସାମାନ୍ୟ ବ୍ୟସ୍ତତା ଅନୁଭବ କରିବେ। ଅର୍ଥନୈତିକ ସ୍ଥିତି ସାମାଜିକ ପ୍ରଗତି କ୍ଷେତ୍ରରେ ବହୁ ମାତ୍ରାରେ ସହାୟକ ହୋଇପାରିବ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରିବା ଭଲ।

**ମୀନ**
କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପୂର୍ବପରି ରହିବ। ପାଖ ପଡୋଶୀଙ୍କ କଥାରେ ଚିହ୍ନା ପଡି କୌଣସି କାମ କରିବା ଠିକ୍ ହେବ ନାହିଁ। ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ । ଭ୍ରମଣ ରାଜନୀତି, ପ୍ରଶାସନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ପାଇଁ ଦିନଟି ବହୁତ ଭଲ। ନୂତନ ବନ୍ଧୁତ୍ୱ ସ୍ଥାପନ ସକାଶେ ମନ ବଳାଇପାରନ୍ତି।

ଆଜି ମାଘ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ବୁଧବାର, ଜାନୁୟାରୀ ୩୦ ତାରିଖ, ଜାତିରପିତା ମହାମାନବ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ଶହୀଦ ଦିବସ,ସର୍ବୋଦୟ ଦିବସ, ରାଶିନକ୍ଷତ୍ର-ଅନୁରାଧା/ବିଛା, କର୍କଟ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୫୨ମି. ଗତେ, ଘ୯।୧୫ମି. ମଧ୍ୟେ ଘ୨।୫୦ମି. ଗତେ, ଘ୪।୧୩ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୫୨ମି. ମଧ୍ୟେ ଘ୧୦।୩୮ମି. ଗତେ, ଘ୧୨।୦୨ମି. ମଧ୍ୟେ ଘ୪।୧୩ମି. ଗତେ, ଘ୫।୩୬ମି. ମଧ୍ୟେ ମାହେନ୍ଦ୍ରବେଳା।

## ସଂକ୍ଷେପରେ

### ସ୍ଥପତି କୁଞ୍ଜବିହାରୀ ମହାପାତ୍ରଙ୍କ ପରଲୋକ



**କଟକ ଅଫିସ,୨୯।୧:** ଓଡ଼ିଶାର ସୁନାମଧନ୍ୟ ସ୍ଥପତି କୁଞ୍ଜବିହାରୀ ମହାପାତ୍ରଙ୍କର ମଙ୍ଗଳବାର ଭୋର ସମୟରେ କଟକ ବାଦାମବାଡ଼ିସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ରାଜ୍ୟରେ ସ୍ଥପତି ପାଠ୍ୟକ୍ରମ କ୍ଷେତ୍ରରେ କୁଞ୍ଜବିହାରୀଙ୍କୁ ଭୀଷ୍ମ ପିତାମହ ବୋଲି ବିଚାର କରାଯାଏ। ଏବିଆଇଟି ପିଏମ୍‌ସିଏ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ନିର୍ଦ୍ଦେଶକ ସହ ନୂଆଦିଲ୍ଲୀସ୍ଥିତ କାଉନସିଲ ଅଫ ଆର୍କିଟେକ୍‌ଚର କେନ୍ଦ୍ରର ସଭାପତି ଭଳି ମର୍ଯ୍ୟାଦାଜନକ ପଦବୀରେ ସେ ଅଧିଷ୍ଠିତ ଥିଲେ। ଏପରି କି ଓଡ଼ିଶା ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ଆଜୀବନ ସଦସ୍ୟ ମଧ୍ୟ ଥିଲେ। ସାଧାରଣ ଜୀବନରେ ସେ ଜଣେ ଅମାୟିକ ବ୍ୟକ୍ତିଭାବେ ଲୋକଙ୍କ ନିକଟରେ ପରିଚିତ ଥିଲେ। ୧୯୪୦ ଜୁଲାଇ ୨୪ ତାରିଖରେ କେନ୍ଦ୍ରାପଡ଼ାର ଗୋପୀନାଥପୁର ଶାସନରେ ଜନ୍ମିତ କୁଞ୍ଜବିହାରୀ କଟକରେ ରହୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଝିଅ ପ୍ରିୟା ଓ ପାୟଲ, ଜ୍ୱାଇଁ ଇଂ. ସତ୍ୟଦର୍ଶୀ ମିଶ୍ରଙ୍କ ସମେତ ନାତୁଣୀ, ନାତି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ଓଡ଼ିଶା ବେସରକାରୀ ଇଞ୍ଜିନିୟରିଂ କଲେଜ ଆସୋସିଏଶନ ସମ୍ପାଦକ ବିନୋଦ ଦାସ, ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ବିଜନ ରାୟ, ଶିକ୍ଷାବିତ୍ ପ୍ରଭାତ ମିଶ୍ରଙ୍କ ସମେତ ଅନେକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜର ବରିଷ୍ଠ ସଦସ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।




## ଡେପୁଟେଶନରେ ଯିବେ ଚନ୍ଦ୍ରଶେଖର

### କ୍ରିଷନ୍ କୁମାରଙ୍କୁ ପଣ୍ୟାଗାର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ବରିଷ୍ଠ ଆଇଏଏସ୍ ଅଧିକାରୀ ଡକ୍ଟର ଚନ୍ଦ୍ରଶେଖର କୁମାର ୫ ବର୍ଷ ପାଇଁ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ଚନ୍ଦ୍ରଶେଖର ନୂଆଦିଲ୍ଲୀରେ କେନ୍ଦ୍ରୀୟ ସଚିବାଳୟରେ ଡିପାର୍ଟମେଣ୍ଟ ଅଫ୍ ପର୍ସୋନେଲ ଏଣ୍ଡ ଟ୍ରେନିଂରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ। ଓଡ଼ିଶାରେ ସେ କିଛିମାସ ଧରି ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଥିଲେ। ସେହିପରି ସମବାୟ ସଚିବ ଭାବେ କାର୍ଯ୍ୟରତ କ୍ରିଷନ୍ କୁମାରଙ୍କୁ ରାଜ୍ୟ ପଣ୍ୟାଗାର ନିଗମର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ କ୍ରିଷନ୍ କୁମାର ବିଡିଏ ଉପାଧ୍ୟକ୍ଷ ଏବଂ ବିଏମ୍‌ସିର ପ୍ରଶାସକ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି।




# ଝୁଲି ରହିଲା ମହାପ୍ରସାଦ ଦର

**ପୁରୀ ଅଫିସ,୨୯।୧**

### ଆଲୋଚନା ହେଲା, ସହମତି ମିଳିଲାନି

- ଧାର୍ଯ୍ୟ ଦର ତାଲିକାକୁ ପୁଣି ତର୍ଜମା କରିବ ସୁଆର ମହାସୁଆର ନିଯୋଗ
- ମନ୍ଦିର ପ୍ରଶାସନକୁ ଜଣାଇବା ପରେ ହେବ ଚୂଡ଼ାନ୍ତ
- ଶେଡ୍ ନିର୍ମାଣ ଶୈଳୀରେ ପରିବର୍ତ୍ତନ ଦାବି କଲେ ସୁଆର ସେବକ



ନିର୍ଦ୍ଧାରଣ ହୋଇପାରୁନି ମହାପ୍ରସାଦ ଦର। ଏଥିପାଇଁ ଏକାଧିକଥର ବୈଠକ ବସୁଛି, ହେଲେ ସହମତି ପ୍ରକାଶ ପାଉନି। ଫଳରେ ଆନନ୍ଦ ବଜାରରେ ଲଗାଯିବାକୁ ଥିବା ମହାପ୍ରସାଦ ଦର ତାଲିକା ବିଳମ୍ବ ହେବାରେ ଲାଗିଛି। ମଙ୍ଗଳବାର ପୂର୍ବାହ୍ନରେ ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ସୁଆର ସେବକ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ। ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଦରକୁ ନେଇ ସୁଆର ସେବକ ସହମତି ହୋଇପାରୁ ନାହାନ୍ତି। ତେଣୁ ସୁଆର ମହାସୁଆର ନିଯୋଗ ବୈଠକରେ ଧାର୍ଯ୍ୟ ଦରକୁ ନେଇ ପୁଣିଥରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ଏହି ଦର ଠିକ୍ ଅଛି କିମ୍ବା ଏଥିରେ କିଛି ପରିବର୍ତ୍ତନ ଦରକାର ସେ ନେଇ ନିଯୋଗ ଖୁବଶୀଘ୍ର ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇବ। ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା ପରେ ମହାପ୍ରସାଦ ଦର ଚୂଡ଼ାନ୍ତ ହେବ ବୋଲି ଜଣାପଡିଛି।

ଅନ୍ୟପକ୍ଷରେ ଏହି ବୈଠକରେ ଆନନ୍ଦ ବଜାରରେ ଶୃଙ୍ଖଳା ରକ୍ଷା କରିବା ଲାଗି ମଧ୍ୟ ଆଲୋଚନା କରାଯାଇଥିଲା। ମହାପ୍ରସାଦ ବିକ୍ରୟ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରାଥମିକ ପର୍ଯ୍ୟାୟରେ ୪୫ଟି ଶେଡ୍ ତିଆରି କରୁଛି। କିନ୍ତୁ ଏହି ଶେଡ୍ ଠିକ୍ ଭାବେ ହେଉ ନାହିଁ ଏବଂ ମହାପ୍ରସାଦ ବିକ୍ରି କରିବା ସମୟରେ ସେମାନେ ଅସୁବିଧାରେ ପଡିବେ ବୋଲି ସୁଆର ସେବକମାନେ ଅଭିଯୋଗ କରିଥିଲେ। ତେଣୁ ଏହାର ନିର୍ମାଣ ଶୈଳୀରେ କିଛିଟା ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ପ୍ରଶାସକ ଏଥିରେ ସହମତି ପ୍ରକାଶ କରିଥିଲେ। ସେବକଙ୍କ ସହ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଏବଂ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇ ଏହାର ଅନୁଧ୍ୟାନ କରିଛନ୍ତି।

ମହାପ୍ରସାଦ ଦର ନିର୍ଦ୍ଧାରଣ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଯେଉଁ ଦର ତାଲିକା ହୋଇଛି ତାହା ସୁଆର ମହାସୁଆର ନିଯୋଗକୁ ପ୍ରଦାନ କରାଯାଇଛି। ଅଳ୍ପଦିନ ମଧ୍ୟରେ ସେମାନେ ତାଙ୍କ ମତାମତ ଜଣାଇବେ। ଏହାପରେ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯିବ। ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ସାମନ୍ତରା କହିଛନ୍ତି, ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ଅଧିକ ସମୟ ଲାଗିବ। କିନ୍ତୁ ଯାହା ହେବ ଆଲୋଚନା ମାଧ୍ୟମରେ ହେବ। ବିଭିନ୍ନ ସମୟରେ ବଜାର ଦର ବୃଦ୍ଧି ପାଉଛି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛୁ। ଏହା ଉପରେ ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବ। ଏଥିପାଇଁ ଦର ନିର୍ଦ୍ଧାରଣରେ ବିଳମ୍ବ ହେଉଛି ବୋଲି କହିଥିଲେ।

ସୂଚନାଥାଉ କି, ଦର ନିର୍ଦ୍ଧାରଣ ଲାଗି ଗତ ଡିସେମ୍ବର ୪ରେ ସ୍ୱତନ୍ତ୍ର ଭାବେ ବରାଦି ଭୋଗରେ ରୋଷେଇ ହୋଇଥିଲା ମହାପ୍ରସାଦ। ମନ୍ଦିର ପ୍ରଶାସନ ଆବଶ୍ୟକ ଡାଲି, ଚାଉଳ, ପରିବା, କୁଡୁଆ ପ୍ରଭୃତି ସାମଗ୍ରୀ ଯୋଗାଇ ଦେଇଥିଲା। ମନ୍ଦିର ପ୍ରଶାସନର ଅଧିକାରୀ ଓ ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ରୋଷେଇ ହୋଇଥିଲା। ଗତ ମାସ ୨୬ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଥିଲେ, ନୂଆବର୍ଷରେ ମହାପ୍ରସାଦ ଦର ତାଲିକା ଲଗାଯିବ। ହେଲେ ଇତିମଧ୍ୟରେ ଦର ନିର୍ଦ୍ଧାରଣ ହୋଇପାରି ନ ଥିବା ବେଳେ ତାଲିକା କେବେ ଲାଗିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।






ୟୁରୋପୀୟ ସମାଜର ସୁନ୍ଦର ବାହ୍ୟ ସଭ୍ୟତା ତଳେ, ଏକ ଗଭୀର ନୈତିକ ରୋଗ ତା'ର ପ୍ରାଣକୁ ଗ୍ରାସ କରୁଛି – ଯାହାର ସହସ୍ର ସହସ୍ର ଲକ୍ଷଣ ଆମ ଆଖିରେ ପଡୁଛି। ଭାରତ ଯଦି ତା'ର ରାଜନୈତିକ ଆଦର୍ଶ, ସାମାଜିକ ପ୍ରଣାଳୀ ଓ ଆର୍ଥିକ ନିୟମକୁ ଗ୍ରହଣ କରେ– ତେବେ ସେ ମଧ୍ୟ ସେ ସବୁ ରୋଗ ଦ୍ୱାରା ଆକ୍ରାନ୍ତ ହେବ।
–ଶ୍ରୀଅରବିନ୍ଦ

# ଜନବାଉଳାକାରୀ ଯୋଜନା

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ୨୦୧୯ ଜାନୁୟାରୀ ୨୮ରେ ଛତିଶଗଡ଼ ରାଜଧାନୀ ରାୟପୁରଠାରେ ଏକ କୃଷକ ସମାବେଶରେ ଯୋଗଦେବା ଅବସରରେ କହିଛନ୍ତି ଯେ, ତାଙ୍କ ଦଳ କ୍ଷମତାକୁ ଆସିଲେ ଗରିବଙ୍କ ପାଇଁ ସର୍ବନିମ୍ନ ଆୟ ଯୋଗାଇ ଦେବ। ଏହି ଯୋଜନାରେ ଗରିବ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସର୍ବନିମ୍ନ ଆୟ ଅର୍ଥ ସିଧାସଳଖ ପହଞ୍ଚିଯିବ। ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟ ଲାଭ କରିବା ପରେ କୃଷି ଋଣ ଛାଡ଼ କରାଯିବ ବୋଲି ରାହୁଲ ନିକଟରେ ଘୋଷଣା କରିଥିଲେ। ଏବେ ଗରିବଙ୍କ ପାଇଁ ସର୍ବନିମ୍ନ ଆୟ ଯୋଗାଇ ଦେବା ଭଳି ପ୍ରତିଶ୍ରୁତି ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାକୁ ରୋକୋ ଦେବା ଲାଗି ଅନ୍ୟତମ ମାଷ୍ଟରଷ୍ଟ୍ରୋକ୍ ବୋଲି କୁହାଯାଉଛି। ତେବେ ଏତେବଡ଼ ଜନସଂଖ୍ୟାବହୁଳ ଦେଶରେ ଗରିବଙ୍କୁ ଚିହ୍ନି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ଦେବା ଏବଂ ସେଥିପାଇଁ ଆବଶ୍ୟକ ପାଣ୍ଠି ଯୋଗାଡ଼ କରିବା ବାସ୍ତବତା ଉପରେ ଆଧାରିତ ବୋଲି ମନେହେଉ ନାହିଁ। ଏହି ପରିପ୍ରେକ୍ଷୀରେ ମନେପଡ଼େ ଅନ୍ୟତମ ଜାତୀୟ ଦଳ ଭାଜପାର ନିର୍ବାଚନ ପ୍ରତିଶ୍ରୁତି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ନେତା ନରେନ୍ଦ୍ର ମୋଦି କହିଥିଲେ ଯେ କ୍ଷମତାକୁ ଆସିଲେ ବିଦେଶରେ ଥିବା କଳାଧନ ଫେରାଇ ଅଣାଯାଇ ପ୍ରତ୍ୟେକ ନାଗରିକଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଭରି ଦିଆଯିବ। କ୍ଷମତା ଉପଭୋଗର ୫ ବର୍ଷ ପୂରିବାକୁ ବସିଥିବା ବେଳେ ସେହି ପ୍ରତିଶ୍ରୁତି ପାଣିରଗାର ଭଳି ପ୍ରତୀୟମାନ ହୋଇଛି। କେବଳ ସେତିକି ନୁହେଁ, ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବାଠାରୁ ଆରମ୍ଭ କରି କୃଷି ସମସ୍ୟା ଦୂର, ଦରଦାମ ନିୟନ୍ତ୍ରଣ, ଲୋକପାଳ ନିଯୁକ୍ତି ଏପରିକି ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ହେଉ ବା ୩୭୦ ଧାରା ଉଚ୍ଛେଦ ଭଳି ବିବାଦୀୟ ପ୍ରସଙ୍ଗ ଉପରେ କୌଣସି ସମାଧାନ ଅଣାଯାଇପାରି ନାହିଁ। ତା' ସହିତ ନୂତନ ଭାବେ ଯୋଡ଼ି ଦିଆଗଲା 'ଉଜ୍ଜ୍ୱଳା' ଭଳି ଅନେକ ଯୋଜନା। ୫ କୋଟି ମହିଳାଙ୍କୁ ପ୍ରଥମ ଥର ପାଇଁ ରନ୍ଧନ ଗ୍ୟାସ୍‌ଭର୍ତ୍ତି ସିଲିଣ୍ଡର ଦିଆଯାଇଛି ବୋଲି ସରକାର ଦାବି କରିଛନ୍ତି। ଏହି ତଥ୍ୟର ସତ୍ୟାସତ୍ୟ ଜାଣିବା ଅସମ୍ଭବ। ତାହା ଯଦି ସତ୍ୟ ହୋଇଥାଏ, ତେବେ ଦ୍ୱିତୀୟ ସିଲିଣ୍ଡର ପାଇଁ ସେହି ଗରିବ ପରିବାରକୁ ବଜାର ଦରରେ ରନ୍ଧନ ଗ୍ୟାସ୍ କିଣିବାକୁ ପଡୁଛି। ଏଠାରେ ଉଲ୍ଲେଖଯୋଗ୍ୟ, ରନ୍ଧନ ଗ୍ୟାସ୍ ଏକ ଯୁଗ ଉପଯୋଗୀ ଇନ୍ଧନ ନୁହେଁ। ଏହା ପରିବେଶର କ୍ଷତି କରିବା ସହିତ ଯେହେତୁ ପେଟ୍ରୋଲିୟମ୍ ପଦାର୍ଥରୁ ପ୍ରସ୍ତୁତ କରାଯାଇଥାଏ, ସେଥିପାଇଁ ତାହା ବିଦେଶରୁ ଅଣାଯାଉଛି। ମାଗଣା ସିଲିଣ୍ଡର ଯୋଗାଇ ଦେବା ଭଳି ଯୋଜନା ଚାଲୁ ରହିଲେ ଏହି ଗ୍ୟାସ୍ କିଣୁଥିବା ବ୍ୟକ୍ତିଙ୍କ ଉପରେ ଆର୍ଥିକ ବୋଝ ଲଦିବାକୁ ସରକାର ବାଧ୍ୟ ହେବେ। ସେହିଭଳି ଓଡ଼ିଶା ସରକାରଙ୍କ ଦ୍ୱାରା ଲାଗି ରହିଥିବା ଯୋଜନା ପରେ ଯୋଜନା ଘୋଷଣା ଗୋଟିଏ କଥା ପ୍ରମାଣ କରୁଛି। କରଦାତାଙ୍କ ଅର୍ଥକୁ ବଦ୍ ଉପଯୋଗ କରି କ୍ଷମତା ହାସଲ ପାଇଁ ସବୁ ରାଜନୈତିକ ଦଳ ତତ୍ପର ହୋଇପଡ଼ିଛନ୍ତି। ଯିଏ କ୍ଷମତାରେ ଅଛି ସିଏ ଯୋଜନା ଘୋଷଣା କରୁଛି, ଯିଏ ନାହିଁ ସେ ବଦ୍ ଉପଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଉଛି।

## ତଥାଗତ ସତପଥୀ

ବର୍ତ୍ତମାନ ଦେଶର ପରିସ୍ଥିତି ଦେଖିଲେ କୃଷି ସମ୍ବନ୍ଧୀୟ ଦୁରବସ୍ଥା ଓ ବେରୋଜଗାରଙ୍କ ପାଇଁ କର୍ମନିଯୁକ୍ତିର ଅଭାବ ସବୁ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି କରୁଛି। ଏଭଳିସ୍ଥଳେ ରାଜନୈତିକ ଦଳ ଓ ରାଜନେତାମାନେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନାଗରିକଙ୍କ ପାଇଁ ବିଭିନ୍ନ ପ୍ରକାର ଲୋଭନୀୟ ଯୋଜନା ଘୋଷଣା କରିବାରେ ବ୍ୟସ୍ତ। ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଟଙ୍କା ଭର୍ତ୍ତି ହେବା, କୃଷି ଋଣ ଛାଡ଼, ସୁଧରେ ରିହାତି, ଛାତ୍ରୀଛାତ୍ରଙ୍କ ପାଇଁ ପ୍ରୋତ୍ସାହନ, ମାଗଣାରେ ଖାଦ୍ୟସାମଗ୍ରୀ ଯୋଗାଣ ପରି ଲୋକଙ୍କୁ ଭୁଆଁ ବୁଲାଇବା ଭଳି କାର୍ଯ୍ୟକ୍ରମ ନେଇ ସୁନୀଳ ଚିତ୍ର ଦେଖାଇ ଦିଆଯାଉଛି। ଭାରତୀୟମାନେ ମଧ୍ୟ ବିନା କର୍ମରେ ଅର୍ଥ ହାସଲ ପାଇଁ ଯଥେଷ୍ଟ ପରିମାଣରେ ହାଇଁପାଇଁ ହେଉଛନ୍ତି। ଏହା ଜାତୀୟ ଚରିତ୍ରକୁ ଶକ୍ତ ଧକ୍କା ଦେଉଛି। ପ୍ରତ୍ୟେକ ନାଗରିକ ଯଦି ହାତ ବାନ୍ଧି ବସିବ ଏବଂ ସରକାରଙ୍କଠାରୁ ଅର୍ଥ ଆଶା ରଖିବ, ତେବେ ଖୁବ୍ ଶୀଘ୍ର, ଦେଶର ଅର୍ଥନୀତି ତଳିତଳାନ୍ତ ହୋଇଯିବ। ଭାରତ ଏକ ଆଧୁନିକ ଅର୍ଥନୀତିରେ ଶକ୍ତିଶାଳୀ ରାଷ୍ଟ୍ର ହୋଇ ଗଢ଼ି ଉଠିବ ବୋଲି ଯେଉଁ ସ୍ୱପ୍ନ ଦର୍ଶାଯାଉଛି, ତାହା ଏବେଠାରୁ ଅସତ୍ୟ ବୋଲି ଜଣାପଡୁଛି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଅକର୍ମଣ୍ୟ ସୃଷ୍ଟି କରିବାରେ ଇଚ୍ଛୁକ ଥିଲା ଭଳି ବୁଝାପଡୁଛି। ଏହି ଦୌଡ଼ରୁ କୌଣସି ରାଜନୈତିକ ଦଳ ଭିନ୍ନ ହେବାକୁ ଚାହୁଁ ନାହିଁ। କାରଣ ଲୋକଙ୍କୁ ଖୁସି କଲେ ଭୋଟ ମିଳିବ। ଏସବୁ ଦେଖି ନାଗରିକମାନେ କିଏ ଅଧିକ ସୁବିଧା ଓ ସୁଯୋଗ ଦେଇପାରିବେ ତାହା ତଉଲିବାରେ ଲାଗିଲେଣି। କିନ୍ତୁ ଭୋଟରମାନେ ବିବେକକୁ ପ୍ରଶ୍ନ କରିବା ଦରକାର ଯେ ଦିଆଯାଉଥିବା ସବୁ ପ୍ରତିଶ୍ରୁତି ବାସ୍ତବତା ଉପରେ ଆଧାରିତ ଅଛି କି ନାହିଁ। ଦେଶର ଅର୍ଥନୀତି ସୁଦୃଢ଼ ନ ଥିବା ବେଳେ ଜନସଂଖ୍ୟାବହୁଳ ଭାରତବର୍ଷର ଲୋକଙ୍କୁ ଖୁସି କରିବା ଲାଗି ପାଣ୍ଠି କେଉଁଠାରୁ ଆସିବ, ତାହା ହେବା କଥା ମୂଳ ପ୍ରଶ୍ନ। ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ଲୋକବାଉଳାକାରୀ ଯୋଜନାଗୁଡ଼ିକ ରାଷ୍ଟ୍ରର ପାଣ୍ଠି ପାଇଁ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି କରିଥାଏ। ଭୋଟ ପାଇବା ସକାଶେ ଯୋଜନା ଘୋଷଣା କରିବା ସହଜ। କିନ୍ତୁ ଏହାର ରୂପାୟନ ଆର୍ଥିକ ସ୍ଥିତି ଉପରେ ନିର୍ଭର କରେ। ଅତୀତରେ ଦେଖାଯାଇଛି, କେତେକ ଶାସକ ଦେଶର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ବିଭିନ୍ନ ସ୍ତରରୁ ଋଣ କରି ଦେଶକୁ ଦେବାଳିଆ ସ୍ତରକୁ ନେଇଯାଇଥିଲେ। ସେତେବେଳର ସ୍ଥିତିଠାରୁ ଆଜିର ବିଶ୍ୱ ଅର୍ଥନୀତିକୁ ଦେଖିଲେ ଆକାଶପାତାଳ ଫରକ ରହିଛି। ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ଲାଗି ଦେଶ–ଦେଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ତେଣୁ ଏବେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦେଶବାସୀଙ୍କୁ ଯେଉଁ ଗୋଲାପୀ ସ୍ୱପ୍ନ ଦେଖାଇ ଦିଆଯାଉଛି, ତାହା ଦ୍ୱାରା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଧ୍ୱଂସ କରିଦେବ। କାରଣ ଜିଡିପି ଏଭଳି ଏକ ଆର୍ଥିକ ଶକ୍ତି, ଯାହାକୁ ଦୃଢ଼ୀଭୂତ କରିବାକୁ ହେଲେ ପ୍ରତ୍ୟେକ ନାଗରିକକୁ କାର୍ଯ୍ୟ କରି କିଛି ଉତ୍ପାଦନ କରିବାକୁ ପଡ଼ିଥାଏ। ଏଠାରେ କେବଳ ରାଜନେତାମାନଙ୍କୁ ଦୋଷ ଦେଇ ବସିପଡ଼ିଲେ ହେବ ନାହିଁ। କର୍ମକୋଡ଼ି ହେବା ପାଇଁ ଆମେ ସମସ୍ତେ ଆଗଭର ହେଉଛେ। ଏହାର ସୁଯୋଗ ରାଜନେତାମାନେ ନେଉଛନ୍ତି।

# ବିଜ୍ଞାନ ଗବେଷଣାରେ ବୃତ୍ତି ଓ ଯୋଜନା



ସୁଶାନ୍ତ କୁମାର ସାହୁ

ଷଡ଼ବିଂଶ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିଲାମାନଙ୍କୁ ଗବେଷଣା ପାଇଁ ଆହ୍ୱାନ ଦେବା ସହିତ ରାଜ୍ୟସରକାର କିପରି ଓଡିଶାର ଛାତ୍ର ତଥା ଯୁବପିଢି ମଧ୍ୟରେ ବୈଜ୍ଞାନିକ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଯୋଜନା କରୁଛନ୍ତି ତାହା ସୂଚାଇଛନ୍ତି। ସେହିପରି ରାଜ୍ୟରେ ଗୁଣାତ୍ମକ ଉଚ୍ଚଶିକ୍ଷା, ଉଚ୍ଚତର ଗବେଷଣା ଓ ଜାତୀୟ ସ୍ତରରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଁ ୯ଟି ବିଶ୍ୱବିଦ୍ୟାଳୟରେ ପ୍ରସ୍ତାବିତ ଏକକ ପାଠ୍ୟକ୍ରମ ପ୍ରଚଳନ ତଥା ଏକକ ପ୍ରବେଶିକା ପରୀକ୍ଷା ଏକ ଯୁଗାନ୍ତକାରୀ ପଦକ୍ଷେପ। କିନ୍ତୁ ବାସ୍ତବରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ଶିକ୍ଷା ବ୍ୟବସ୍ଥା ଏବଂ ଯୋଜନାଗୁଡିକର ସମୟାନୁଯାୟୀ ସଫଳ ପ୍ରୟୋଗରେ ଆମେ ବହୁତ ପଛରେ ପଡିଯାଇଛେ, ଯାହାକି ଉତ୍କଳ ବିଶ୍ୱବିଦ୍ୟାଳୟ ପରି ଏକ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟକୁ ଦେଶର ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ (ଏନ୍‌ଆଇଆର୍ ଅଫ୍ ର୍ୟାଙ୍କିଙ୍ଗ୍) ମଧ୍ୟରେ ସ୍ଥାନ ପାଇବାରୁ ବଞ୍ଚିତ କରିଛି।

ନିକଟରେ ହୋଇଥିବା ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ମଧ୍ୟ ବିଶ୍ୱବିଦ୍ୟାଳୟସ୍ତରୀୟ ଗବେଷଣାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆମର ଉଚ୍ଚଶିକ୍ଷାମନ୍ତ୍ରୀ ଓଡିଶା ୟୁନିଭର୍ସିଟି ଇନୋଭେଶନ ଆଣ୍ଡ ଇନ୍‌ସେଣ୍ଟିଭାଇଜେଶନ ପଲିସି (ଓୟୁଆଇଆଇପି)ରେ ନୂତନ ନୀତି ଓ ନିୟମସମୂହ ଉନ୍ମୋଚନ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଜେଆର୍‌ଏଫ୍‌ରେ କୃତକାର୍ଯ୍ୟ ହୋଇ ନ ଥିବେ। କିନ୍ତୁ ନେଟରେ ଶୀର୍ଷ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ଦେବାର ବ୍ୟବସ୍ଥା କରିଛନ୍ତି, ଯାହାକି ସ୍ୱାଗତ ଯୋଗ୍ୟ। ଏହି ନିୟମ ଅନୁଯାୟୀ, ବଛା ହୋଇଥିବା ପ୍ରାର୍ଥୀମାନଙ୍କୁ ମାସିକ ୧୫୦୦୦ ଟଙ୍କା ବୃତ୍ତି ଓ ବାର୍ଷିକ ୨୫୦୦୦ ଟଙ୍କା ଗବେଷଣା ଖର୍ଚ୍ଚ ଦେବାର ବ୍ୟବସ୍ଥା ରହିଛି। ଏହି ପଦକ୍ଷେପକୁ ଅନେକ ବୁଦ୍ଧିଜୀବୀ, ବୈଜ୍ଞାନିକ ଓ ଛାତ୍ରୀଛାତ୍ର ସ୍ୱାଗତ କରିଛନ୍ତି।

ତେବେ ବୃଦ୍ଧି ପାଉଥିବା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆମ ଜୀବନଶୈଳୀ ଉପରେ ପ୍ରଭାବକୁ ଆଖି ଆଗରେ ରଖି ଏହି ଯୋଜନାଗୁଡ଼ିକର ପ୍ରୟୋଗର ବିଚାର କଲେ ସେପରି ଖୁସି ଓ ଉନ୍ମାଦନାର ବିଶେଷ କାରଣ ଅନୁଭବ ହେଉନାହିଁ। ଏହାର ଗୋଟିଏ କାରଣ ହେଲା ଏହି ବୃତ୍ତିର ସଂଖ୍ୟା ଓ ପରିମାଣ ସେତେଟା ଉତ୍ସାହଜନକ ନୁହେଁ ଯାହାକି ଗବେଷଣା ପାଇଁ ବହୁ ଆଗ୍ରହୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିପାରିବ। ଅଧୁନା ଭାରତର ଅଗ୍ରଣୀ ଅନୁଷ୍ଠାନଗୁଡିକ ଯଥା ଆଇଆଇଏସ୍‌ସି, ଆଇଆଇଟି, ଆଇଜର, ନାଇଜର ଇତ୍ୟାଦିରେ ଗବେଷଣା କରୁଥିବା ପିଏଚ୍‌ଡି ଛାତ୍ରୀଛାତ୍ର ଓ ଯୁବ ଗବେଷକମାନେ ମାସିକ ବୃତ୍ତି ୨୫ହଜାରରୁ ୫୦ହଜାର ଟଙ୍କାକୁ ବୃଦ୍ଧି ଦାବିରେ ତୀବ୍ର ଆନ୍ଦୋଳନ କରୁଥିବା ବେଳେ ଓଡିଶାର ଏହି ନୂତନ ଯୋଜନା କେତେଦୂର ପ୍ରଭାବଶାଳୀ ହୋଇପାରିବ ଏବଂ ଯୁବପିଢିଙ୍କୁ ଆକର୍ଷିତ କରିପାରିବ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରେ। ପୁଣି ଏହି ଯୋଜନା ଅନୁଯାୟୀ ପ୍ରତି ବିଷୟରେ ମାତ୍ର ୫ଜଣ ପ୍ରାର୍ଥୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ, ଯେଉଁଥିରେ ଦୁଇଟି ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ। ଯଦି ଆମେ ସିଏସ୍‌ଆଇଆର୍–ୟୁଜିସି ନେଟ୍ (ଏନ୍‌ଇଟି–ଜାତୀୟ ଯୋଗ୍ୟତା ପରୀକ୍ଷା) ଜୁନ ୨୦୧୮ ଫଳାଫଳକୁ ଅନୁଧ୍ୟାନ କରିବା, ତେବେ ଜାଣିବାକୁ ପାଇବା ଯେ, ସମଗ୍ର ଭାରତରେ ୩୭୫୬ ପାର୍ଥୀ ଲେକ୍ଚରର୍‌ଶିପ ନେଟ୍‌ରେ କୃତକାର୍ଯ୍ୟ ହୋଇପାରିଛନ୍ତି ଓ ସେହିପରି ୟୁଜିସି ନେଟ୍‌ରେ ବାର୍ଷିକ ପ୍ରାୟ ୬ ପ୍ରତିଶତ ପ୍ରାର୍ଥୀ ସଫଳ ହୋଇପାରିଛନ୍ତି। ଏହି ନେଟ୍ ପରୀକ୍ଷାଗୁଡିକରେ ଓଡିଶାରୁ ସଫଳତା ପାଉଥିବା ପ୍ରାର୍ଥୀ ଢେର କମ୍ ହୋଇଥିବା ଯୋଗୁ ଓୟୁଆଇଆଇପି ଯୋଜନାରେ ସମସ୍ତ ନେଟ୍ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରିବା ବିଚାରଯୋଗ୍ୟ।

ସେହିପରି ନେଟ୍‌ରେ ସଫଳତା ପାଇ ନ ଥିବା କିନ୍ତୁ ଗବେଷଣା ପାଇଁ ଆଗ୍ରହୀ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ପରୀକ୍ଷା ମାଧ୍ୟମରେ ଫେଲୋଶିପ ଦେବାରେ ନୂତନ ଯୋଜନାଗୁଡିକର ଆବଶ୍ୟକତା ରହିଛି। କିଛି ଲୋକ ମତ ଦିଅନ୍ତି ଯେ ଏହି ଓୟୁଆଇଆଇପି ଯୋଜନା ଆଣିବାରେ ଓଡିଶା ପ୍ରଥମ ରାଜ୍ୟ, କିନ୍ତୁ ବାସ୍ତବରେ ଅନେକ ରାଜ୍ୟ ଏହିପରି ଯୋଜନାକୁ ବହୁବର୍ଷ ଧରି ସଫଳ କରାଇ ଗବେଷଣା ଓ ଅଭିନବୀକରଣରେ ନିଜକୁ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠା କରାଇ ପାରିଛନ୍ତି। ଉଦାହରଣ ସ୍ୱରୂପ କେରଳ ପରି ରାଜ୍ୟ ୨୦୦୨ରୁ ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଦ୍ୱାରା ପ୍ରାୟୋଜିତ ଯୋଜନା ମାଧ୍ୟମରେ ବିଶ୍ୱବିଦ୍ୟାଳୟରୁ ଏମ୍‌ଏସ୍‌ସି ଓ ଏମ୍‌ଟେକ୍ ଡିଗ୍ରୀଧାରୀମାନଙ୍କୁ ଗବେଷଣା କରିବାକୁ ପ୍ରୋତ୍ସାହନ ଯୋଗାଇଦେଇ ଆସିଛନ୍ତି। ଏହି ନନ୍–ନେଟ୍ ଫେଲୋଶିପ୍‌ଗୁଡିକରେ ସମସ୍ତ ବିଷୟରେ ମାସିକ ବୃତ୍ତି ୨୨ହଜାର ଟଙ୍କା, ୧୦ ପ୍ରତିଶତ ଏଚ୍‌ଆର୍‌ଏ ଏବଂ ବାର୍ଷିକ ଗବେଷଣା ଖର୍ଚ୍ଚ ୨୦ହଜାର ଟଙ୍କା ଦିଆଯିବାର ବ୍ୟବସ୍ଥା ରହିଛି, ଯେଉଁଥିରେ ଏକ ରାଜ୍ୟସ୍ତରୀୟ ପରୀକ୍ଷା ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯାଇ ଗବେଷଣା ପାଇଁ ନିୟୋଜିତ କରାଯାଏ। ସେହିପରି ପିଏଚ୍‌ଡି ଡିଗ୍ରୀଧାରୀମାନଙ୍କୁ ଗବେଷଣା ପାଇଁ ଏବଂ ବୈଜ୍ଞାନିକ ହେବାର ପ୍ରାଥମିକ ଅଭିଜ୍ଞତା ହାସଲ ପାଇଁ ରାଜ୍ୟ ସରକାର ବୃତ୍ତି ସହଯୋଗ ଦେଇ ଆସୁଛନ୍ତି। ପ୍ରତ୍ୟେକ ପୋଷ୍ଟଡୋକ ଫେଲୋଙ୍କୁ ମାସିକ ୩୨ହଜାର ଟଙ୍କା ବୃତ୍ତି, ୧୦ ପ୍ରତିଶତ ଏଚ୍‌ଆର୍‌ଏ ଏବଂ ବାର୍ଷିକ ୫୦ହଜାର ଟଙ୍କା ଗବେଷଣା ଖର୍ଚ୍ଚ ରାଜ୍ୟ ସରକାର ପରିବହନ କରିଥାନ୍ତି। ସେହିପରି ସ୍କୁଲ ଓ କଲେଜ ସ୍ତରର ଛାତ୍ରୀଛାତ୍ରମାନଙ୍କର ଭୌତିକ ବିକାଶ ଓ ଅଭିନବୀକରଣ ପାଇଁ କେରଳ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସୁତରାଂ ଓଡିଶାର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଆକର୍ଷଣୀୟ ଏବଂ ପ୍ରେରଣାଭିତ୍ତିକ ଗବେଷଣା ଯୋଜନା ପ୍ରଣୟନ କରିବା ଉଚିତ ଓ ଯୁବ ଗବେଷକମାନଙ୍କୁ ଗବେଷଣା ପାଇଁ ପ୍ରୋତ୍ସାହନ ଦେବା ଆବଶ୍ୟକ। ସ୍କୁଲଗୁଡ଼ିକ ପାଠ୍ୟକ୍ରମରେ ବିଜ୍ଞାନଭିତ୍ତିକ ପରୀକ୍ଷା ପ୍ରଦର୍ଶନ, ବିଜ୍ଞାନଭିତ୍ତିକ ପତ୍ରିକାର ଆଲୋଚନା, ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ଗବେଷଣା ଅନୁଷ୍ଠାନଗୁଡିକ ଭ୍ରମଣ ଏବଂ ବିଜ୍ଞାନ ଶିକ୍ଷକମାନଙ୍କୁ ଗବେଷଣାଭିତ୍ତିକ ପ୍ରଶିକ୍ଷଣ ଦେବାର ପ୍ରୟୋଜନୀୟତା ରହିଛି। ଅତୀତରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ କୋର୍ସଗୁଡ଼ିକରେ ଗବେଷଣାଭିତ୍ତିକ ପ୍ରୋଜେକ୍ଟ ସିଲାବସ ନ ରହିବା ନିଶ୍ଚିତ ଭାବରେ ଏକ ଦୁର୍ଭାଗ୍ୟଜନକ ବିଷୟ।

୨୦୧୬–୧୭ ଶିକ୍ଷା ବର୍ଷଠାରୁ ସ୍ନାତକ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ସିବିସିଏସ୍ ସିଷ୍ଟମ୍ ଲାଗୁକରିଛନ୍ତି, ଯେଉଁଥିରେ ଏକ ପ୍ରୋଜେକ୍ଟ ସମ୍ପୃକ୍ତ। କିନ୍ତୁ କେତେଦୂର ଏହା ଗବେଷଣାଭିତ୍ତିକ ଏବଂ ମହାବିଦ୍ୟାଳୟଗୁଡ଼ିକରେ ସଫଳରୂପେ ସମ୍ପାଦନ କରାଯାଉଛି ତାହା ବିଶ୍ଳେଷଣଯୋଗ୍ୟ ଏବଂ ଏଥିପାଇଁ ଗବେଷଣା ଅଭିଜ୍ଞତା ଥିବା ଅଧ୍ୟାପକଙ୍କୁ ନିଯୋଜିତ କରିବାର ଆବଶ୍ୟକତା ରହିଛି। ସେହିପରି ରାଜ୍ୟସ୍ତରୀୟ ଆସେସ୍‌ମେଣ୍ଟ ଓ ଆକ୍ରିଡିଏଶନ କାଉନ୍‌ସିଲ ଗଠନ କରି ଓଡିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିୟମିତ ଭାବରେ ପରିଚାଳନା କଲେ ଉତ୍କଳ ବିଶ୍ୱବିଦ୍ୟାଳୟ ପରି (ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଦ୍ୱାରା ୧୦୦ କୋଟି ଅନୁଦାନ ପ୍ରାପ୍ତ) ଅନ୍ୟ ବିଶ୍ୱବିଦ୍ୟାଳୟଗୁଡିକୁ ମଧ୍ୟ କେନ୍ଦ୍ରୀୟ ଅନୁଦାନ ମିଳିପାରିବ, ଯାହାକି ଗବେଷଣା ଓ ଅନ୍ୟାନ୍ୟ ଭିତ୍ତିଭୂମି ଗଠନରେ ସାହାଯ୍ୟ କରିବ। ଓଡିଶାର ଗୌରବମୟ ଇତିହାସକୁ ମନେପକାଇଲେ ଜଣାପଡେ, ଓଡିଶା ଅତୀତରେ ବହୁ ପ୍ରଖ୍ୟାତ ବୈଜ୍ଞାନିକ ଯଥା ଡ. ପ୍ରାଣକୃଷ୍ଣ ପରିଜା, ଗୋକୁଳାନନ୍ଦ ମହାପାତ୍ର, ଯୋଗେଶ ଚନ୍ଦ୍ର ପତି ଆଦିଙ୍କୁ ସୃଷ୍ଟି କରିପାରିଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ପୃଷ୍ଠଭୂମି ଗଠନ ଓ ଗବେଷଣାଭିତ୍ତିକ ଯୋଜନାଗୁଡିକର ବହୁମାତ୍ରାରେ ପ୍ରୟୋଗ, ଫେଲୋଶିପ୍ ବୃଦ୍ଧି ଓ ଗବେଷଣାରେ ଦକ୍ଷ ଶିକ୍ଷକମାନଙ୍କୁ ନିଯୁକ୍ତି ମାଧ୍ୟମରେ ଓଡିଶା ନିଜକୁ ଗବେଷଣାରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠିତ କରାଇ ପାରିବ। ଏହା ସୁଚାରୁରୂପେ ସମ୍ପାଦନ କଲେ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡିକ ଏମ୍‌ଏଚ୍‌ଆର୍‌ଡି ଦ୍ୱାରା ପରିଚାଳିତ ଏନ୍‌ଆଇଆର ଅଫ୍ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିପାରିବେ ତଥା ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ସୃଷ୍ଟିକରି ସୁନାମ ଅର୍ଜନ କରିପାରିବେ ବୋଲି ଆଶା ଓ ବିଶ୍ୱାସ।

ଆଇଟିପୁର, ଆଶ୍ରମ ବାଲିକୁଦା, କେନ୍ଦ୍ରାପଡ଼ା,
ମୋ–୯୮୫୩୩୨୩୭୫୩

# ହିଂସାର ଶିକାର ଅହିଂସାର ପୂଜାରୀ



ଗିରିଜାଶଙ୍କର ତରାସିଆ

ଭାରତବର୍ଷ ସ୍ୱାଧୀନତା ଲାଭ କରିବାର ମାତ୍ର ୫ ମାସ ୧୫ ଦିନ ପରେ ଅର୍ଥାତ୍ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖ ଶୁକ୍ରବାର ଅପରାହ୍ଣ ୫ଟା ୧୭ ମିନିଟ୍ ସମୟରେ ନୂଆଦିଲ୍ଲୀସ୍ଥିତ ବିରଳା ଭବନରେ ଅନୁଷ୍ଠିତ ପ୍ରାର୍ଥନାସଭାରେ ଆତତାୟୀ ଗୁଳିର ଶିକାର ହୋଇ ଜାତିର ଜନକ ଗାନ୍ଧିଜୀଙ୍କର ପ୍ରାଣବାୟୁ ଉଡ଼ିଗଲା। ମହାତ୍ମାଙ୍କ ମହାପ୍ରୟାଣ ଖବର ବିଜୁଳି ବେଗରେ ବ୍ୟାପିଗଲା। ଏହି ମର୍ମନ୍ତୁଦ ଖବର ପାଇ ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ, ଗାନ୍ଧିଜୀଙ୍କ ପୁତ୍ର ଦେବଦାସ ଗାନ୍ଧୀ ସହସା ବିରଳା ଭବନକୁ ଛୁଟି ଆସିଲେ। ବଡ଼ଲାଟ ଲର୍ଡ ମାଉଣ୍ଟବାଟେନ ସସ୍ତ୍ରୀକ ପହଞ୍ଚି ଗାନ୍ଧିଜୀଙ୍କୁ ଶେଷ ସମ୍ମାନ ଜଣାଇ ଦୁଃଖାଭିଭୂତ ହୋଇ କହିଉଠିଲେ, 'ଆଜି କେବଳ ଭାରତର ନୁହେଁ, ସମଗ୍ର ବିଶ୍ୱ ନିମନ୍ତେ ଶୋକ ଦିବସ।' ପ୍ରଧାନମନ୍ତ୍ରୀ ନେହେରୁ ବେତାର ବାର୍ତ୍ତାରେ କହିଲେ, ''ଭାରତର ଆଲୋକ ଲିଭିଗଲା। ଆମର ଶ୍ରଦ୍ଧେୟ ବାପୁଜୀ ଆଉ ଇହଜଗତରେ ନାହାନ୍ତି। ତାଙ୍କର ଶିକ୍ଷା ଆମକୁ ହଜାର ବର୍ଷ ଧରି ଅନୁପ୍ରାଣିତ କରିବ।''

ଗାନ୍ଧୀଙ୍କ ମହାପ୍ରୟାଣର ହୃଦୟବିଦାରକ ବିବରଣୀ ତତ୍କାଳୀନ ବିଭିନ୍ନ ଦୈନିକ କାଗଜରେ ପ୍ରକାଶ ପାଇଲା। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଖବରକାଗଜ ସମାଜ ଏହାର ୧୯୪୮ ମସିହା ଫେବୃୟାରୀ ୪ ତାରିଖ ସଂସ୍କରଣରେ ମହାତ୍ମାଙ୍କ ମୃତ୍ୟୁର ବିବରଣୀ ପ୍ରକାଶ କରି ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ମହାତ୍ମା ୭୮ ବର୍ଷ ୩ ମାସ ୨୮ ଦିନ ପାର୍ଥିବ ଜଗତରେ ଲୀଳାଖେଳା କରି ଇହଧାମରୁ ବିଦାୟନେବା ପୂର୍ବରୁ ନିଜ ହାତରେ ଲେଖିଥିବା ଏକ ପ୍ରବନ୍ଧରେ ନିମ୍ନମତେ ଉଲ୍ଲେଖ କରିଥିଲେ, ''ଲୋକଙ୍କର ଯେ ପ୍ରକୃତ ସେବକ ହେବ ସେ ବରାବର ଖଦି ପିନ୍ଧିବ, ନିଶା ବ୍ୟବହାର କରିବ ନାହିଁ ବା ଧୂମପାନ କରିବ ନାହିଁ। ସବୁ ଧର୍ମ ସମାନ ଓ ପବିତ୍ର ବୋଲି ମନେକରିବ, ଜାତିବର୍ଣ୍ଣ ଇତ୍ୟାଦି ଭେଦଭାବ ରଖିବ ନାହିଁ, ଗ୍ରାମବାସୀଙ୍କ ପାଇଁ କାର୍ଯ୍ୟ କରିବ, ଗ୍ରାମର ଲୋକଙ୍କ ମଧ୍ୟରେ ସାକ୍ଷରତାର ପ୍ରସାର ଏବଂ ସେମାନଙ୍କର ସ୍ୱାସ୍ଥ୍ୟୋନ୍ନତି ଓ ଗ୍ରାମର ପରିଷ୍କାର ପରିଚ୍ଛନ୍ନତା ନେଇ କାମ କରିବ।''

ଗାନ୍ଧିଜୀ ବିଦେଶରୁ ପ୍ରତ୍ୟାବର୍ତ୍ତନ କରି ୧୯୧୫ ଜାନୁୟାରୀ ୯ ତାରିଖରେ ବମ୍ବେର ଆପୋଲୋ ବନ୍ଦରରେ ପଦାର୍ପଣ କଲେ। ନିଜ ଦେଶବାସୀଙ୍କ ସେବା କରିବାର ସଂକଳ୍ପ ନେଇ ସେ ୧୯୧୫ ମେ ୨୫ ତାରିଖରେ ଏକ ଆଶ୍ରମ ନିର୍ମାଣ କଲେ। ଗାନ୍ଧିଜୀ ଶାନ୍ତିନିକେତନ ଗସ୍ତରେ ଥିବାବେଳେ ସେ ତାଙ୍କର ରାଜନୈତିକ ଗୁରୁ ଗୋଖଲେଙ୍କ ଅକାଳ ବିୟୋଗ ସମ୍ପର୍କୀୟ ଏକ ଟେଲିଗ୍ରାମ୍ ପୁଣେରୁ ପାଇ ଅତ୍ୟନ୍ତ ବ୍ୟଥିତ ହୋଇପଡ଼ିଲେ। ସେ ତାଙ୍କର ଗୁରୁଙ୍କୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ଏକ ବର୍ଷ ପର୍ଯ୍ୟନ୍ତ ଖାଲି ପାଦରେ ବିଚରଣ କଲେ।

## ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ

ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ନିମନ୍ତ୍ରଣ କ୍ରମେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ ଉତ୍ସବରେ ୧୯୧୬ ଫେବୃୟାରୀ ୪ ତାରିଖ ଦିନ ଯୋଗଦାନ କରି ଗାନ୍ଧିଜୀ ଛାତ୍ରମାନଙ୍କୁ ଗୀତାର ଉପଯୋଗିତା ସମ୍ପର୍କରେ ସାରଗର୍ଭକ ଭାଷଣ ଦେଇଥିଲେ। ଗାନ୍ଧିଜୀ ଗୀତାକୁ ତାଙ୍କର ମାଆ ଭାବେ ଜ୍ଞାନ କରୁଥିଲେ। ଗାନ୍ଧିଜୀ କହୁଥିଲେ ''ମୋତେ ପାର୍ଥିବ ଶରୀରଧାରୀ ମା' ଜନ୍ମଦେଇ ମୃତ୍ୟୁବରଣ କରିଛି। କିନ୍ତୁ ଗୀତା ମୋ ମା'ର ସ୍ଥାନ ପୂରଣ କରି, ମୋ ସହିତ ସବୁବେଳେ ରହି ମୋତେ ବିପଦ ଆପଦରେ ସହାୟତା କରି ସତ୍ ଉପଦେଶ ପ୍ରଦାନ କରୁଛି।'' ପ୍ରତ୍ୟହ ପ୍ରାତଃକାଳରୁ ଗୀତା ଆବୃତ୍ତି କରି ନିଜର ଦୈନନ୍ଦିନ ଜୀବନଚର୍ଯ୍ୟା ଆରମ୍ଭ କରିବା ପାଇଁ ସେ ଛାତ୍ରମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ।

ଗାନ୍ଧିଜୀ ତାଙ୍କ ରାଜନୈତିକ ଜୀବନରେ ସତ୍ୟାଗ୍ରହକୁ ଗୁରୁତ୍ୱ ଦେଉଥିଲେ। ସେ ୧୯୧୮ ମସିହାରେ ଅହମଦାବାଦ ଶ୍ରମିକ ଧର୍ମଘଟର ନେତୃତ୍ୱ ନେଇ ପ୍ରଥମେ ୩ ଦିନ ପର୍ଯ୍ୟନ୍ତ ଅନଶନ କରି ଶ୍ରମିକମାନଙ୍କର ଦାବି ହାସଲ କରିଥିଲେ। ସେ ମୁକ୍ତି ସଂଗ୍ରାମର ପ୍ରଧାନ ସେନାପତି ସାଜି ଇଂରେଜମାନଙ୍କ ବିରୋଧରେ ଅହିଂସା ଯୁଦ୍ଧ ପରିଚାଳନା କରିଥିଲେ। ଗାନ୍ଧିଜୀଙ୍କ ଜୀବନର ଗତିପଥ ପରିବର୍ତ୍ତନରେ ରସକିନ୍‌ଙ୍କର 'ଅନ୍ ଟୁ ଦି ଲାଷ୍ଟ' ପୁସ୍ତକ ସହିତ ଟଲଷ୍ଟୟଙ୍କ ଲେଖା ପ୍ରମୁଖ ଭୂମିକା ତୁଲାଇଥିଲା। ଏ କଥା ଗାନ୍ଧୀ ସ୍ୱୀକାର କରିଯାଇଛନ୍ତି। ତଥାକଥିତ ରାଜନୈତିକ ନେତାଙ୍କଠାରୁ ସେ ଥିଲେ ଭିନ୍ନ। ତାଙ୍କୁ ଋଷିପ୍ରାଣ ରାଜନୀତିଜ୍ଞ କୁହାଯାଏ। ସେ କୌଣସି ନୂତନ ଦର୍ଶନର ପ୍ରବର୍ତ୍ତକ ନୁହନ୍ତି। ଭାରତୀୟ ସମନ୍ୱୟ ପ୍ରକ୍ରିୟାର ସେ ହେଉଛନ୍ତି ଜଣେ ବଳିଷ୍ଠ ପ୍ରତିନିଧି। ସେ ତାଙ୍କ ଆତ୍ମଜୀବନୀରେ ଦର୍ଶାଇଛନ୍ତି ଯେ ସତ୍ୟ ପ୍ରତି ରହିଥିବା ଅଙ୍ଗୀକାରବଦ୍ଧତାରୁ ହିଁ ସେ ରାଜନୀତିକୁ ଆସିଛନ୍ତି। ଶାନ୍ତି ପାଇଁ ବିଭିନ୍ନ ସମୟରେ ନୋବେଲ ପୁରସ୍କାର ପାଇଥିବା ଆମେରିକାର ମାର୍ଟିନ ଲୁଥର କିଙ୍ଗ୍ (ଜୁନିୟର), ତିବ୍ବତର ଦଲାଇଲାମା, ମ୍ୟାନ୍‌ମାରର ଅଙ୍ଗ୍‌ସାନ୍ ସୁ'କି, ଦକ୍ଷିଣ ଆଫ୍ରିକାର ନେଲସନ୍ ମଣ୍ଡେଲା ଏବଂ ଆର୍ଜେଣ୍ଟିନାର ଆଡ୍ରୋଲଫୋ ପ୍ରେଜ ଏସ୍ କ୍ୱାଇଭେଲ ପ୍ରମୁଖ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି ଯେ, ସେମାନେ ସମସ୍ତେ ଗାନ୍ଧିଜୀଙ୍କ ଆଦର୍ଶ ଓ ଦର୍ଶନରେ ପ୍ରଭାବିତ ହୋଇଥିଲେ ।

ନିଜ ମୃତ୍ୟୁର ଦୁଇଦିନ ପୂର୍ବରୁ ଗାନ୍ଧିଜୀ ଉଲ୍ଲେଖ କରିଥିଲେ– ''If I am to die by the bullet of a mad man, I must do so smiling. God must be in my heart and on my lips. And if anything happens, you are not to shed a single tear.'' ମହାତ୍ମାଙ୍କର ଏହି ଭାବନା ସତ୍ୟରେ ପରିଣତ ହେଲା। ସତ୍ୟ ଓ ଅହିଂସାର ପୂଜାରୀ ଗାନ୍ଧିଜୀ ହିଂସାର ଶିକାର ହେଲେ। ମରଶରୀରରୁ ପ୍ରାଣପକ୍ଷୀ ଉଡ଼ିଯିବା ବେଳେ ମହାତ୍ମାଙ୍କ ଓଠରୁ ଝରିପଡ଼ିଲା ତାଙ୍କ ହୃଦୟର ଭାଷା 'ହେ ରାମ'।

ଖଣ୍ଡପଡ଼ା, ନୟାଗଡ଼, ମୋ: ୯୯୩୭୩୩୪୮୦୦

## ଏଇ ଭାରତରେ

ଦେଶରେ ସାମ୍ପ୍ରଦାୟିକ ଭେଦଭାବ ଜାରି ରହିଥିବା ବେଳେ ଉତ୍ତରପ୍ରଦେଶର ଗାଜିଆବାଦ୍ ଅନ୍ତର୍ଗତ ବାଗପତ୍‌ରେ ଜଣେ ମୁସଲମାନ କନ୍ୟାଙ୍କ ବିବାହ କରାଇଛନ୍ତି ହିନ୍ଦୁ ସମ୍ପ୍ରଦାୟର ଲୋକେ। ଉକ୍ତ ବାହାଘର ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା। କନ୍ୟାଦାନ କରିଥିଲେ ଏକ ବ୍ରାହ୍ମଣ ଦମ୍ପତି। କନ୍ୟା ଗୁଲ୍‌ଫସାଙ୍କ ବାପା ୨୮ବର୍ଷ ହେଲା ନିଖୋଜ। ବିବାହ ବୟସ ହେବାରୁ ଉକ୍ତ କନ୍ୟାର ବାହାଘର ପ୍ରସ୍ତାବ ଅବଦୁଲ୍ଲାପୁରା ଗ୍ରାମର ବାବୁ ଖାଁଙ୍କ ସହିତ ପଡିଥିଲା। ତେବେ ଏଥିପାଇଁ ଅର୍ଥ ଆସିବ କେଉଁଠୁ? ଏହି ଚିନ୍ତାରେ କନ୍ୟା ଓ ତାଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡ ଘୂରିଯାଇଥିଲା। ପରିବାରର ଦୁଃସ୍ଥିତି ଜାଣିବା ପରେ ସହାୟତାର ହାତ ବଢ଼ାଇଥିଲେ ଗାଁର ହିନ୍ଦୁ ସମାଜ। ହିନ୍ଦୁ ଲୋକଙ୍କ ଉଦ୍ୟମରେ ଲକ୍ଷାଧିକ ଟଙ୍କା ସଂଗ୍ରହ କରାଯାଇ ବିବାହ ଆଡ଼ମ୍ବର ସହକାରେ ସମ୍ପନ୍ନ କରାଯାଇଥିଲା। ବାହାଘର ବେଳେ କନ୍ୟାଦାନ କରିଥିଲେ ବ୍ରାହ୍ମଣ ଦମ୍ପତି କାନ୍ତା ଦେବୀ ଏବଂ ଗଙ୍ଗେଶ୍ୱର ଶର୍ମା। ଆମ ଦେଶରେ ବିଭିନ୍ନ ଧର୍ମ ଓ ଜାତିକୁ ନେଇ ବେଳେବେଳେ ଅସହିଷ୍ଣୁ ଭାବ ମୁଣ୍ଡ ଟେକି ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହେଉଥିବା ବେଳେ ଏଭଳି ଏକ ନିଆରା ବାହାଘର ସମସ୍ତଙ୍କ ପାଇଁ ଆଦର୍ଶ ନିଶ୍ଚୟ।

## ଚିରନ୍ତନୀ

ହେ ଦେବତା ! ଏ ଜୀବନେ
ପଡ଼େ ଯେତେ ବେଦନାର ଦାଗ,
କିଏଁ ବରି ଅକାତରେ
ମଣି ତାହା ତବ ଅନୁରାଗ।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜାନୁୟାରୀ ୧୯୯୪

- ଇଣ୍ଡିଆନ ଏୟାରଲାଇନ୍ସ ଓ ଏୟାର ଇଣ୍ଡିଆକୁ ପବ୍ଲିକ ଲିମିଟେଡ କମ୍ପାନୀରେ ପରିଣତ କରିବାକୁ ରାଷ୍ଟ୍ରପତି ଶଙ୍କରଦୟାଲ ଶର୍ମା ଏକ ଅଧ୍ୟାଦେଶ ଜାରି କରିଛନ୍ତି।
- ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ଜର୍ମାନୀ ତାରକା ଷ୍ଟେଫି ଗ୍ରାଫ ଚତୁର୍ଥଥର ପାଇଁ ଅଷ୍ଟ୍ରେଲିଆ ଓପନ ଟେନିସ ଚାମ୍ପିୟନ।

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | 4 | 9 | | | | | D | | | | | | 5 |
| | | 3 | | | | | | | | | 1 | | 8 | |
| D | | 9 | | | | 5 | | | | | 6 | | | 3 |
| | B | | 0 | 7 | | 9 | | | | 5 | | | | |
| | | | 8 | | E | 7 | 3 | | | | B | | D | A |
| 1 | 3 | | | | B | 0 | | | | C | | | | 6 |
| | | | 2 | | 4 | | | | 0 | | | | | |
| 5 | A | | 1 | 0 | | 3 | | | | 6 | 7 | | | 4 |
| | | | | | 6 | D | | | | 8 | | | 2 | C |
| 6 | | | | | | 4 | | | | E | | 5 | A | 7 |
| | 0 | | | | | | B | | 6 | | | 1 | | |
| | 1 | 2 | A | 8 | | | | | | | 5 | | E | |
| | | | | | | | | | | B | | | 3 | 9 |
| | 9 | 5 | B | D | 3 | | | 8 | | | 0 | | | |
| C | | 7 | | 9 | 1 | 2 | | | | A | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | A | 6 | 5 | 2 | B | D | 0 | 7 | E | C | 4 | 3 | 9 | 1 |
| 1 | 9 | 5 | D | 7 | 0 | 2 | 8 | E | B | 3 | 6 | C | 4 | A |
| 4 | 7 | 0 | 8 | 1 | 6 | 9 | C | 3 | A | 5 | D | B | 2 | E |
| 3 | D | 2 | C | A | E | 4 | 1 | B | 8 | 9 | 0 | 5 | 7 | 6 |
| C | E | B | 3 | 4 | 9 | 5 | A | 6 | 7 | 2 | 1 | 8 | D | 0 |
| 7 | 2 | 9 | 6 | B | 4 | A | 3 | C | D | 1 | 8 | 0 | E | 5 |
| 0 | 8 | D | 7 | C | A | E | 9 | 5 | 4 | B | 2 | 6 | 1 | 3 |
| A | 4 | C | 9 | 3 | 1 | 6 | 7 | 8 | 5 | 0 | E | 2 | B | D |
| 5 | 1 | 3 | E | 8 | 2 | B | D | 0 | 6 | A | 9 | 7 | C | 4 |
| B | 6 | E | 0 | D | 5 | 1 | 2 | 4 | 3 | 7 | C | 9 | A | 8 |
| 6 | 5 | A | 2 | 9 | D | C | E | 1 | 0 | 8 | 7 | 4 | 3 | B |
| 2 | B | 8 | 1 | E | 7 | 3 | 4 | A | 9 | 6 | 5 | D | 0 | C |
| D | 3 | 7 | 4 | 0 | C | 8 | 5 | 2 | 1 | E | B | A | 6 | 9 |
| E | C | 4 | B | 5 | 3 | 0 | 6 | 9 | 2 | D | A | 1 | 8 | 7 |
| 9 | 0 | 1 | A | 6 | 8 | 7 | B | D | C | 4 | 3 | E | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନାରୀ ସୁରକ୍ଷା ଆଇନ କଠୋର ହେଉ

ମହାଶୟ,

ପ୍ରାୟ ପ୍ରତିଦିନ ନାରୀ ନିର୍ଯାତନା ଖବର ଗଣମାଧ୍ୟମରେ ଦେଖିବାକୁ ଓ ପଢ଼ିବାକୁ ମିଳୁଛି। ମାତ୍ର ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଦେଖିବାକୁ ମିଳୁନାହିଁ। ନାରୀ ନିର୍ଯାତନା ଦୂର କରିବା ପାଇଁ ବିଭିନ୍ନ ନାରାବାଜି କରି ନିର୍ବାଚନ ପୂର୍ବରୁ ରଣହୁଙ୍କାର ଦେଉଥିବା ରାଜନୈତିକ ଦଳ ନିର୍ବାଚିତ ହୋଇସାରିବା ପରେ 'ଯଥା ପୂର୍ବଂ ତଥା ପରମ୍' ନୀତିରେ ଶାସନ ଭାର ତୁଲାଇ ଆସୁଛନ୍ତି। ବଳାତ୍କାରୀମାନଙ୍କ ପାଇଁ କୌଣସି କଠୋର ଆଇନ ପ୍ରଣୟନ ହୋଇପାରୁ ନାହିଁ। ଫଳସ୍ୱରୂପ ନାରୀ ପୂର୍ବବତ୍ ନିର୍ଯାତିତା ତଥା ଅବହେଳିତା ହୋଇ ଶେଷରେ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହେଉଛି। ମୋ ମତରେ ବଳାତ୍କାରୀକୁ ପୀଡ଼ିତାଙ୍କ କ୍ଷତିପୂରଣ ପାଇଁ ପର୍ଯ୍ୟାପ୍ତ ଅର୍ଥଦଣ୍ଡ, ଅଭାବରେ ଜେଲଦଣ୍ଡରେ ଦଣ୍ଡିତ କରାଯିବା ସହ ଭବିଷ୍ୟତରେ ସେ ଏପରି କାମ ଯେପରି କରି ନ ପାରିବେ, ସେଥିପାଇଁ ନପୁଂସକୀକରଣ କରାଯିବା ଉଚିତ।

ଯୁଧିଷ୍ଠିର ନାୟକ, ସିଂହବ୍ରହ୍ମପୁର, ଜଟଣୀ, ଖୋର୍ଦ୍ଧା

### ଭଲ ମଣିଷ ହେବାର ଶିକ୍ଷା

ଲୋକେ ମାତୃଭୂମି ଓ ମାତୃଭାଷା ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱକୁ ଭୁଲିଯାଉଛନ୍ତି। ଭବିଷ୍ୟତରେ ବଡ଼ ମଣିଷ ହେବା ସହ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରମାନେ ପ୍ରୟାସ କରିବା ଉଚିତ। ଏବେ ପ୍ରଚଳିତ ପାଠ୍ୟପୁସ୍ତକରେ ସମୟର ଆବଶ୍ୟକତାକୁ ଆଧାର କରି ବିଷୟବସ୍ତୁ ସ୍ଥାନ ପାଇବା ଦରକାର। ଏଣୁ ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକରେ ନିମ୍ନୋକ୍ତ ବିଷୟବସ୍ତୁ ସାମିଲ ହେଲେ ସେମାନେ ଭବିଷ୍ୟତରେ ସୁନାଗରିକ ହେବାରେ ଯଥେଷ୍ଟ ସହାୟକ ହୋଇପାରିବ, ଯଥା– ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, ମହାପୁରୁଷଙ୍କ ଜୀବନୀ ଓ ବାଣୀ, ପରିବେଶ ସୁରକ୍ଷା, ଯୋଗ, ଆଧ୍ୟାତ୍ମିକ, ସ୍ୱାସ୍ଥ୍ୟ ଓ ସଦାଚାର ଶିକ୍ଷା, ଜୈବିକ ଚାଷ, ଜଳ ଓ ଶକ୍ତି ସଂରକ୍ଷଣ ଇତ୍ୟାଦି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କୋରାପୁଟ : କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଇସ୍ତଫା

ଭୁବନେଶ୍ୱର,୨୯।୧(ବ୍ୟୁରୋ): କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଥିବା ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟକୁ ପଠାଇଛନ୍ତି। ଏହାର ଅନୁମୋଦନ ପାଇଁ ଏହି ପତ୍ର ରାଷ୍ଟ୍ରପତି ଭବନକୁ ପଠାଯାଇଥିବା ସୂତ୍ରରୁ ପ୍ରକାଶ। ସଚ୍ଚିଦାନନ୍ଦଙ୍କୁ ୫ ବର୍ଷ ପାଇଁ କୁଳପତି ପଦରେ ନିଯୁକ୍ତ କରାଯାଇଥିଲା। ହେଲେ କାର୍ଯ୍ୟକାଳ ସରିବାର ୨ ବର୍ଷ ପୂର୍ବରୁ ତାଙ୍କ ଇସ୍ତଫା ଆଲୋଚ୍ୟ ବିଷୟ ହୋଇଛି। ନିଜ କାର୍ଯ୍ୟକାଳ ମଧ୍ୟରେ ସଚ୍ଚିଦାନନ୍ଦ ବିବାଦୀୟ ହୋଇପଡିଥିଲେ। ତାଙ୍କ ବିରୋଧରେ ଅତୀତରେ ଛାତ୍ର ଅସନ୍ତୋଷ ମଧ୍ୟ ଦେଖା ଦେଇଥିଲା। ବ୍ୟକ୍ତିଗତ ସମସ୍ୟା କାରଣରୁ ସେ ଇସ୍ତଫା ଦେଇଥିବା ଜଣାପଡିଛି।

### ୪ ସାହସୀ ଓଡ଼ିଆ ପିଲାଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ପାଇଁ ସାହସିକତା ପୁରସ୍କାର ପାଇଥିବା ୪ ଓଡ଼ିଆ ବାଳିକାବାଳକଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରିଛନ୍ତି। ସେମାନେ ହେଲେ କୁମାରୀ ଝିଲୀ ବାଗ୍, ମାଷ୍ଟର ବିଶ୍ୱଜିତ ପୁହାଣ, କୁମାରୀ ରଞ୍ଜିତା ମାଝି ଏବଂ ମାଷ୍ଟର ସିତୁ ମଲିକ। ମୁଖ୍ୟମନ୍ତ୍ରୀ ପୁରସ୍କାର ରାଶି ସହ ସମସ୍ତଙ୍କୁ ଉପହାର ମଧ୍ୟ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉପସ୍ଥିତ ଥିଲେ।



## 'ଏକ୍ ଲଡ୍‌କୀ କୋ...' ସେଟ୍‌ରେ ସ୍ଥିର ହୋଇଥିଲା ବିବାହ: ସୋନମ୍



ମୁମ୍ବାଇ: ଆଗାମୀ ଫିଲ୍ମ 'ଏକ୍ ଲଡ୍‌କୀ କୋ ଦେଖା ତୋ ଐଶା ଲଗା'ର ଶୁଟିଂ ଚାଲିଥିବା ବେଳେ ଆନନ୍ଦ ଆହୁଜାଙ୍କ ସହିତ ତାଙ୍କର ବାହାଘର ସ୍ଥିର ହୋଇଥିଲା ବୋଲି ଅଭିନେତ୍ରୀ ସୋନମ୍ କପୁର ପ୍ରକାଶ କରିଛନ୍ତି। ସେହି ସମୟରେ ତାଙ୍କ ପିତା ଅନିଲ କପୁର ମଧ୍ୟ ଉପସ୍ଥିତ ଥିଲେ। କନ୍ୟା ଓ ପିତା ଉଭୟ ଏହି ଫିଲ୍ମରେ ପ୍ରଥମଥର ପାଇଁ ଏକତ୍ର କାମ କରିବାର ସୁଯୋଗ ମିଳିଥିଲା। ଫିଲ୍ମ ଶୁଟିଂ ଚାଲିଥିବାବେଳେ ବାହାଘର ସ୍ଥିର ହୋଇଥିବାରୁ ଏଥିପାଇଁ ବେଶି ସମୟ ନଷ୍ଟ କରିବାକୁ ପଡ଼ିଲା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ବିଧି ନିର୍ଦ୍ଦେଶ ଭଳି ବିବାହର ଠିକ୍ ପୂର୍ବରୁ ଆମେ ଏକତ୍ର ଏହି ଫିଲ୍ମରେ କାମ କରିଥିଲୁ। ଏଭଳି ଘଟି ନ ଥିଲେ ଆମେ ପରସ୍ପରକୁ ଭେଟିବାର ସୁଯୋଗ ପାଇପାରି ନ ଥାନ୍ତୁ ବୋଲି ସୋନମ୍ ଖବରଦାତାଙ୍କୁ କହିଛନ୍ତି। ୨୦୧୮ ମେ ୮ରେ ମୁମ୍ବାଇର ଏକ ସହରତଳି ଅଞ୍ଚଳରେ ସୋନମ୍ ଏବଂ ଆନନ୍ଦଙ୍କର ହାତଗଣ୍ଠି ପଡିଥିଲା। ବାପାଙ୍କ ସହିତ କାମକରିବା ବେଳେ ସେ ଅତ୍ୟନ୍ତ ନର୍ଭସ୍ ହୋଇପଡୁଥିବା ସୋନମ୍ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମର କାହାଣୀ ଗଜଲ ଧରିୱାଲ୍ ରଚନା କରିଥିବା ବେଳେ ଶେଲି ଚୋପ୍ରା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜକୁମାର ରାଓ ଏବଂ ଜୁହି ଚାୱଲା ଅଭିନୟ କରିଛନ୍ତି।

# ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ଶାହଙ୍କ ବକ୍ତବ୍ୟ ଉଦ୍ଦିଷ୍ଟ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। କଟକ ଜିଲା ସାଲେପୁରଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଓଡ଼ିଆ କହୁଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବ ୩ ସଭାରେ ଭାଜପାର ନରମ ଆଭିମୁଖ୍ୟ ଦେଖିବାକୁ ମିଳିଥିଲା। ହେଲେ ଶାହଙ୍କ ବକ୍ତବ୍ୟରେ ତାହା ଦେଖିବାକୁ ମିଳିନାହିଁ। ସେପଟେ ଶାହଙ୍କ ବକ୍ତବ୍ୟ ନେଇ ମତ ରଖିଛନ୍ତି ବିଜେଡି ଓ କଂଗ୍ରେସ।

ବିଜେଡି ପକ୍ଷରୁ ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଶାହଙ୍କ ବକ୍ତବ୍ୟ ଦଳୀୟ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା। ଆମେ ଭାବିଥିଲୁ ଶାହ ଧାନର ଏମ୍‌ଏସ୍‌ପି ବୃଦ୍ଧି, ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଏବଂ ଅନୁସୂଚିତ

## ରୋଚକ ମନ୍ତବ୍ୟ ରଖିଲେ କଂଗ୍ରେସ ପ୍ରଚାର କମିଟି ସଦସ୍ୟ

ଜାତି(ଏସ୍‌ସି) ବର୍ଗର ଛାତ୍ରୀଛାତ୍ରଙ୍କ ସ୍କଲାରଶିପ୍ ପ୍ରସଙ୍ଗରେ ମତ ରଖିବେ। କଂଗ୍ରେସ କହୁଛି ବିଜେଡି ଭାଜପା ସହ ଅଛି, ଭାଜପା କହୁଛି ବିଜେଡି କଂଗ୍ରେସ ସହ ଅଛି। ଏହିକଥା ଏବେ ହସ ଖୁସିର ମାଧମ ହୋଇଛି। ପ୍ରକୃତରେ ବିଜେଡି ଓଡ଼ିଶାବାସୀଙ୍କ ସହ ରହିଛି। ରାଜ୍ୟ ସରକାର ୨୦ ଲକ୍ଷ ପକ୍କାଘର ଓ ୪୧,୦୦୦ କି.ମି. ରାସ୍ତା ନିର୍ମାଣ କରିଛନ୍ତି। ରାଜ୍ୟରେ ୨୫ ପ୍ରତିଶତ ଗରିବୀ ହ୍ରାସ ପାଇବା ସହ ୯ ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କେନ୍ଦ୍ର ୬୪୦୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରି ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀ ଗସ୍ତ କରିବାକୁ ପଡିଛି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ହିଁ ଭାଜପା ପାଇଁ କାଳ ହୋଇଛି। ପାନୀୟ ଜଳ ବାବଦରେ ନିଜ ଭାଗ ୧୮୦ କୋଟି ଟଙ୍କାରୁ କେନ୍ଦ୍ର ମାତ୍ର ୮୦ କୋଟି, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ବାବଦକୁ ମାତ୍ର ୬ କୋଟି ପ୍ରଦାନ କରିଛି। ବିଗତ ୫ ବର୍ଷ ଧରି ମହାନଦୀ, ପୋଲାଭରମ, ସ୍ୱତନ୍ତ୍ର ପାହ୍ୟା, ଏମ୍‌ଏସ୍‌ପି ଯୋଜନାରୁ ଅର୍ଥକାଟ ପରି ପ୍ରସଙ୍ଗରେ କେନ୍ଦ୍ର ରାଜ୍ୟର ସ୍ୱାର୍ଥକୁ ଅଣଦେଖା କରୁଥିବା ସସ୍ମିତ କହିଛନ୍ତି।

ସେହିପରି କଂଗ୍ରେସ ପକ୍ଷରୁ ପ୍ରଚାର କମିଟି ସଦସ୍ୟ ଦେବୀ ପୃଷ୍ଟି ଶାହଙ୍କ ଗସ୍ତକୁ ନେଇ ମତ ରଖିଛନ୍ତି। ସେ କହିଛନ୍ତି, ଶାହ ଏବଂ ତାଙ୍କ ପୁଅଙ୍କ କାରନାମା ସମସ୍ତଙ୍କୁ ଜଣା। ଅମିତ ଶାହଙ୍କ ପୁଅ ଓ ଖଣି ମାଫିଆ ପ୍ରଭାକରନଙ୍କ ମଧ୍ୟରେ କି ସମ୍ପର୍କ ରହିଛି। ଓଡ଼ିଶାରେ ୨୦ ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଛି। ଏହାର ଉପଯୁକ୍ତ ତଦନ୍ତ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରଥମରୁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ନିବେଦନ କରାଯାଇଛି। ଅତୀତରେ ଖଣି ଦୁର୍ନୀତି ନେଇ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡା, ୟେଦୁରପ୍ପାଙ୍କୁ ମଧ୍ୟ ଜେଲ୍ ଯିବାକୁ ପଡିଛି। ତେଣୁ ଶାହ ପ୍ରଥମେ ପ୍ରଭାକରନ୍‌ଙ୍କଠାରୁ ଟଙ୍କା ଆଦାୟ କରନ୍ତୁ, ତା' ପରେ ଦୁର୍ନୀତିର କୁହୁକ ପେଡି ଖୋଲିବ। ଅତୀତରେ କଂଗ୍ରେସ ନେତା ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଖୋଲାଖୋଲି ଖଣି କାରବାର ନେଇ ମତ ରଖିଥିଲେ। ସେ ସମୟରେ ବିଜୁ ପଟ୍ଟନାୟକ ଖଣି ମାଲିକଙ୍କ ଅର୍ଥରେ ନିର୍ବାଚନ ଲଢିଥିବା ନବକୃଷ୍ଣବାବୁ କହିଥିଲେ। ହେଲେ ଦୁର୍ଭାଗ୍ୟର କଥା ରାଜ୍ୟ କଂଗ୍ରେସର ନେତୃତ୍ୱ ଏବେ ଖଣି ଲୁଟେରାଙ୍କ ହାତରେ ରହିଛି। ଆଗାମୀ ଦିନରେ ଏହି ରାଜ୍ୟ ରାଜନୀତିକୁ ଖଣି ଲୁଟେରାଙ୍କ କବଳରୁ ମୁକ୍ତ କରାଯିବ ବୋଲି ଦେବୀ କହିଛନ୍ତି। କଂଗ୍ରେସ ଦଳର ସଦସ୍ୟ ଥାଇ ଦେବୀଙ୍କ ଏପରି ମନ୍ତବ୍ୟ ଦଳରେ ଆଲୋଡନ ସୃଷ୍ଟି କରିଛି।

## ବସ୍ ପୋଡ଼ିଲେ, ଡ୍ରାଇଭରଙ୍କୁ ନିସ୍ତୁକ ପିଟିଲେ

ମାଥିଲି/ମାଲକାନଗିରି,୨୯।୧(ସ୍ୱ.ପ୍ର./ଡି.ଏନ୍.ଏ.)

ମାଓବାଦୀଙ୍କ ପ୍ରତିବାଦ ସପ୍ତାହ ଚାଲିଥିବା ବେଳେ ମାଲକାନଗିରି ଜିଲା ମାଥିଲି ଥାନା ଅଞ୍ଚଳରେ ହିଂସା ଘଟାଇଛନ୍ତି ମାଓବାଦୀ। କମାରପାଲି ପଞ୍ଚାୟତ ଅଧୀନ ମୁଣ୍ଡାଗୁଡ଼ାରେ ସୋମବାର ବିଳମ୍ବିତ ରାତିରେ ସେମାନେ ଏକ ବସ୍ ପୋଡ଼ିବା ସହ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ସେହିପରି ସୀମାନ୍ତ ଛତିଶଗଡ଼ରେ ମଧ ରେଳଧାରଣାରେ ବିସ୍ଫୋରଣ କରିଛନ୍ତି। ପ୍ରକାଶ ଯେ, ଜାନୟାରୀ ୨୫ ରୁ ୩୧ ଯାଏ ମାଓବାଦୀମାନେ ପ୍ରତିବାଦ ସପ୍ତାହ ପାଳନ କରୁଛନ୍ତି। ମାଥିଲିରୁ କମାରପାଲି ଯାଉଥିବା ଏକ ଘରୋଇ ବସ୍ (ସିଜି-୨୧ଏଚ୍-୦୯୧୭) ମୁଣ୍ଡାଗୁଡ଼ା ଗାଁ ଦାଣ୍ଡରେ ରହିଥିଲା। ସୋମବାର ବିଳମ୍ବିତ ରାତିରେ ମାଓବାଦୀମାନେ ବସ୍ ଭିତରେ ଶୋଇଥିବା ଡ୍ରାଇଭରଙ୍କୁ ଉଠାଇ ବାହାରକୁ ଆଣିବା ପରେ 'ବନ୍ଦ ଡାକରା ସତ୍ତ୍ୱେ କାହିଁକି ବସ୍ ଚଳାଉଛ' କହି ତାଙ୍କୁ ନିସ୍ତୁକ ପିଟିଥିଲେ। ଏହା ଦେଖି ଅନ୍ୟ ବସ କର୍ମଚାରୀ ସେଠାରୁ ଚମ୍ପଟ ମାରିଥିଲେ। ପରେ ମାଓବାଦୀମାନେ ଡିଜେଲ ପକାଇ ବସ୍‌ଟିକୁ ପୋଡ଼ି ଦେଇଥିଲେ। ବସ୍ ମାଲିକ ଏନେଇ କୌଣସି ଅଭିଯୋଗ କରିନାହାନ୍ତି। ତେବେ ଏନେଇ ଏକ ମାମଲା ରୁଜୁ କରାଯିବ ବୋଲି ମାଥିଲି ଥାନା ଭାରପ୍ରାପ୍ତ ନିରୀକ୍ଷକ ଜନ୍ କୁଜୁର କହିଛନ୍ତି। ଘଟଣା ପରେ ବିଏସ୍‌ଏଫ୍ କୋମ୍ବିଂ ଜୋରଦାର କରିଛି। ସେହିପରି ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲା ଭାସି ଷ୍ଟେଶନ ନିକଟରେ ସୋମବାର ଏମ୍.ଜି.ପି.ଭି. ୧୩/୧ ଡାଉନ୍ ମାଲଗାଡ଼ି ପହଞ୍ଚିବା ପରେ ମାଓବାଦୀମାନେ ତାହାକୁ ଅଟକାଇ ଥିଲେ। ପରେ ଗାର୍ଡଙ୍କ ହାତଗୋଡ଼ ବାନ୍ଧି ତାଙ୍କଠାରୁ ୱାକିଟକି ଲୁଟିନେଇ ଟ୍ରେନରେ ବ୍ୟାନର ଓ ପୋଷ୍ଟର ପକାଇଥିଲେ। କେନ୍ଦ୍ର ସରକାରଙ୍କ ଅପରେଶନ ସମାଧାନକୁ ବନ୍ଦ କରିବା ପାଇଁ ସେହି ବ୍ୟାନରରେ ଦର୍ଶାଯାଇଛି।

# ଜରୁରୀ ପରିସ୍ଥିତି ଜାରି ବେଳେ ବ୍ରହ୍ମପୁରରେ ଥିଲେ ଫର୍ନାଣ୍ଡିଜ୍

ବ୍ରହ୍ମପୁର ଅଫିସ,୨୯।୧

ଦେଶରେ ୧୯୭୫ ଜୁନ ୨୫ ରାତିରେ ଜାରି ହେଲା ଜରୁରିକାଳୀନ ପରିସ୍ଥିତି। ସେହିଦିନ ସନ୍ଧ୍ୟାରେ ବ୍ରହ୍ମପୁରର ପ୍ରକାଶମ୍ ରଙ୍ଗମଞ୍ଚରେ ବୁଦ୍ଧିଜୀବୀଙ୍କର ଏକ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ସାମ୍ୟବାଦୀ ନେତା ଜର୍ଜ ଫର୍ନାଣ୍ଡିଜ୍। ଭାଷଣ ପ୍ରସଙ୍ଗରେ ସେ ଆଶଙ୍କା କରିଥିଲେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଇସ୍ତଫା ଦେବେ ନଚେତ ଶାସନ କ୍ଷମତା ହାତଛଡ଼ା ନ କରିବା ପାଇଁ ଦେଶରେ ଅଗଣତାନ୍ତ୍ରିକ ଭାବେ ଜାରି କରିବେ ଜରୁରିକାଳୀନ ପରିସ୍ଥିତି। ସରକାରଙ୍କୁ ଏହି ସୂଚନା ମିଳିଥିବାରୁ, ପୋଲିସ ଓ ପ୍ରଶାସନ ସଜାଗ ହୋଇଯାଇଥିଲା । ତେଣୁ ସଭାସ୍ଥଳରୁ ଫର୍ନାଣ୍ଡିଜ୍ ଚମ୍ପଟ ମାରିଥିଲେ। ତାଙ୍କୁ ସହଯୋଗ କରିଥିଲେ ପୂର୍ବତନ କବିସୂର୍ଯ୍ୟନଗର ଜନତା ପାର୍ଟି ବିଧାୟକ ସ୍ୱର୍ଗତ ତାରିଣୀ ଚରଣ ପଟ୍ଟନାୟକ ଓ ବିଶିଷ୍ଟ ପରିବେଶବିତ୍ ତଥା ଆଦିବାସୀ, ଅନୁସୂଚିତ ଜନଜାତିର ହକ୍ ପାଇଁ ଲଢ଼େଇ କରୁଥିବା ପ୍ରଫୁଲ୍ଲ ସାମନ୍ତରା ଓ ଅନ୍ୟମାନେ। ଫର୍ଣ୍ଣାଡିଜ୍ ଜୁନ ୨୪ରୁ ଗଞ୍ଜାମ ଜିଲାକୁ ଆସି ତାଙ୍କ ଶ୍ୱଶୁର ତଥା ଜବାହରଲାଲ ନେହେରୁଙ୍କ ମନ୍ତ୍ରିମଣ୍ଡରେ ଶିକ୍ଷାମନ୍ତ୍ରୀ ଥିବା ହୁମାୟୁନ କବୀରଙ୍କ ଗୋପାଳପୁର ବେଳାଭୂମି ପାର୍ଶ୍ୱରେ ଥିବା ବାସଭବନରେ ରହୁଥିଲେ। ଜୁନ ୨୫ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ସମାବେଶରେ ଯୋଗ ଦେଇଥିଲେ। ସାମ୍ୟବାଦୀ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ପରଦିନ ଜୁନ ୨୬ରେ ଏଠାର ରେଲୱେ ଶ୍ରମିକ ସଂଘ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା । ତେବେ ଜରୁରୀ ପରିସ୍ଥିତି ଜାରି ହେବାରୁ ସେ ଗୋପନରେ ବ୍ରହ୍ମପୁର ଛାଡ଼ିଥିଲେ।

ସୂଚନାଯୋଗ୍ୟ, ଫର୍ନାଣ୍ଡିଜ୍ ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ କର୍ମଚାରୀ ଓ ରେଲୱେ କର୍ମଚାରୀ ମହାସଂଘର ଜାତୀୟ ସଭାପତି ଥିଲେ।


IDBI BANK

ଆଇଡିବିଆଇ ବ୍ୟାଙ୍କ ଲିଃ., ବଡ଼ଶଙ୍ଖ, ଗ୍ରାଣ୍ଡ କନ୍‌ଭେନ୍‌ସନ୍ ନିମ୍ନ, ପୁରୀ-୭୫୨୦୦୨, ଫୋନ୍.: ୦୬୭୫୨-୨୨୮୩୬୦/୭୦/୮୦

ସୁନା ଅଳଙ୍କାର ନିଲାମ ନୋଟିସ୍

ବ୍ୟାଙ୍କର ଋଣଗ୍ରହୀତାଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ବ୍ୟାଙ୍କ ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୦୪.୦୨.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଆରମ୍ଭ କରାଯିବ।

| ପୁରୀ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସୁନା ଅଳଙ୍କାରର ବିବରଣୀ | ମୋଟ ଓଜନ ଗ୍ରାମରେ | ବଜାର ମୂଲ୍ୟ | ଅମାନତ ଜମା ରାଶି | ନିଲାମ ସ୍ଥାନ |
|---|---|---|---|---|---|
| ଶ୍ରୀ ଦୀପକ କୁମାର ଦାଶ, ପିତା: ଜଗନ୍ନାଥ ଦାଶ, ଲାବଣ୍ୟ ବିହାର, ପୁରୀ ସଦର, ସର୍ବୋଦୟ ନଗର, ପୁରୀ, ପିନ୍-୭୫୨୦୦୨ | ଚୁଡ଼ି-୨ଟି | ୨୮.୯୦ | ଟ.୪୭,୬୨୮/- | ଟ.୭,୦୦୦/- | ଆଇଡିବିଆଇ ବ୍ୟାଙ୍କ ଲିଃ., ବଡ଼ଶଙ୍ଖ, ଗ୍ରାଣ୍ଡ କନ୍‌ଭେନ୍‌ସନ୍ ନିମ୍ନ, ପୁରୀ-୭୫୨୦୦୨ |
| | ହାତ ମୁଦି-୨ଟି | ୫.୩୧ | ଟ.୯,୯୨୩/- | | |
| | ପ୍ଲାଷ୍ଟିକ୍ ସହିତ ଶଙ୍ଖା-୪ଟି | ୨.୭୨ | ଟ.୪,୬୨୨/- | | |
| | ହାର-୧ଟି | ୨୧.୫୦ | ଟ.୫୩,୮୬୪/- | | |
| ସମୁଦାୟ | ୯ ଟି | ୫୮.୪୩ | ଟ.୧,୧୬,୦୩୭/- | | |

ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ ସମ୍ପନ୍ନ ହେବ। ଏହାର ଏକ କପି (ନକଲ) ସଂପୃକ୍ତ ଶାଖା କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୩୦.୦୧.୨୦୧୯ରିଖ ଠାରୁ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ନିଲାମଧାରୀ ବିକ୍ରୟର ଉପରୋକ୍ତ ନିୟମ ଏବଂ ସର୍ତ୍ତାବଳୀ ବିଷୟରେ ସମ୍ପୂର୍ଣ୍ଣ ଅବଗତ ହେବା ଉଚିତ୍। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୦୪.୦୨.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା।

ସ୍ଥାନ : ପୁରୀ, ତାରିଖ : ୨୯.୦୧.୨୦୧୯ — ସ୍ୱା/- ଆଞ୍ଚଳିକ ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିଃ.


# ଜାମୁଝାଡି-ବାସୁଦେବପୁର- ଧାମରା ରାସ୍ତା ଦୋହରୀକରଣ ହେବ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଭଦ୍ରକ ଜିଲାର ଜାମୁଝାଡି-ବାସୁଦେବପୁର- ଧାମରା ୬୦ କି.ମି ରାସ୍ତାର ପ୍ରଶସ୍ତିକରଣ ଏବଂ ଉନ୍ନତୀକରଣ କରାଯିବ। ଏହାକୁ ଦୁଇ ଲେନ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଏଥିପାଇଁ ୨୧୦କୋଟି ୮୫ ଲକ୍ଷ ୭୯ ହଜାର ୩୫୨ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛି। ଏହି ରାସ୍ତା ଦ୍ୱାରା ଅବଦୁଲ କାଲାମ ହ୍ୱଇଲର ଦ୍ୱିପରେ ପ୍ରତିରକ୍ଷା ବିଭାଗ ଦ୍ୱାରା ହେଉଥିବା ବିଭିନ୍ନ ପରୀକ୍ଷା ପାଇଁ ସାମଗ୍ରୀ ନେବାରେ ସହଜ ହେବା ସହ ଧାମରା ବନ୍ଦରକୁ ପଣ୍ୟ ପରିବହନରେ ମଧ୍ୟ ସହଜ ହେବ। ଏଥିଯୋଗୁ ରାସ୍ତାରେ ହେଉଥିବା ଭିଡ ମଧ୍ୟ ହ୍ରାସ ପାଇବ। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଓଡିଶା ସରକାର ଧାମରା ବନ୍ଦର କର୍ତ୍ତୃପକ୍ଷ ଏବଂ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନର ମିଳିତ ସହଯୋଗରେ ନିର୍ମାଣ ହେବ। ୩୦ ମାସ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ।

## ଗ୍ରାମାଞ୍ଚଳରେ ଡାକ୍ତରଖାନା ନିର୍ମାଣ ପାଇଁ ମାଗଣାରେ ଜମି ଯୋଗାଇବେ ସରକାର

### ସଚିବାଳୟ ଡିଇଓ ହେବେ ଅଫିସର

**ଭୁବନେଶ୍ୱର,୨୯।୧(ବ୍ୟୁରୋ):** ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସରକାରୀ-ଘରୋଇ ଭାଗୀଦାରି(ପିପିପି) ମୋଡରେ ଡାକ୍ତରଖାନା ନିର୍ମାଣ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସେଥିପାଇଁ ରାଜ୍ୟର ୨୫ଟି ସ୍ଥାନ ନିରୂପଣ କରାଯାଇଛି। ଡାକ୍ତରଖାନା କରିବା ପାଇଁ ୩୨ ବର୍ଷ ପର୍ଯ୍ୟନ୍ତ ଜମିକୁ ସବ୍ ଲିଜ ଦିଆଯିବ। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। ଜମି ଯୋଗାଣ ନିମନ୍ତେ ଘରୋଇ ଭାଗୀଦାରିମାନଙ୍କୁ ପ୍ରଚଳିତ ଶିଳ୍ପ ନୀତି-୨୦୧୫ ଅନୁଯାୟୀ ବାର୍ଷିକ ୧ ପ୍ରତିଶତ ହିସାବରେ ଖଜଣା ଓ ଜଳକର ବାବଦରେ ବାର୍ଷିକ ୭୫ ପ୍ରତିଶତ ସେସ ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡିବ। ଗ୍ରାମାଞ୍ଚଳରେ ଅଧିକ ଡାକ୍ତରଖାନା ଖୋଲିବା ପାଇଁ ସରକାର ଏଭଳି ଯୋଜନା କରିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହି ପ୍ରସ୍ତାବକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ସଚିବାଳୟରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ହେବେ ଅଫିସର। ଓଡିଶା ସଚିବାଳୟ ଡାଟା ଏଣ୍ଟ୍ରି ଅପରେଟର(ଚୟନ ଓ ଚାକିରି ସର୍ତ୍ତାବଳୀ)ନିୟମ-୨୦୦୮କୁ ସଂଶୋଧନ କରାଯିବ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି।


ପୂର୍ବ ତଟ ରେଳପଥ

'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/22 ତା.28.01.2019 ରିଖ

"ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।"

"ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ ।"

PR - 445/J/18-19

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



INSTITUTE OF HOTEL MANAGEMENT CATERING TECHNOLOGY & APPLIED NUTRITION

VEER SURENDRA SAI NAGAR, BHUBANESWAR-751007

Phone: (0674) 2589241, Website: www.ihmbbs.org

NOTICE INVITING TENDER

No. IHM BHUBANESWAR/2018-19 Dated: 21.05.2018

E-tender is invited by IHM, Bhubaneswar on two bid system from Individuals/Companies/Firms registered in India fulfilling the eligibility conditions, as per tender document for supply/ contract of the following items for a period of one year (1st April 2019 to 31st March 2020).

1. Sec-A: Groceries, Tins and Bottle products etc.
2. Sec-B: Vegetable, Fruits, Milk and Milk Products etc.
3. Sec-C: Mutton, Chicken, Fish, Egg etc.
4. Annual Contract for supply of Office Stationery.
5. Annual Contract for supply of Cleaning Materials.
6. Annual Contract for Security Services
7. Annual Contract for Pest Control.
8. Annual Contract for GAS Appliances
9. Outsourcing of Highly Skilled, Skilled, Semi-Skilled & Unskilled Workers
10. Annual contract for Hiring of Vehicles.

Last date of submission of tender upto **17.00 hrs. of 10.02.2019**

For details please visit our websites: www.tenderwizard.com/IHM or www.ihmbbs.org

Sd/- Principal



PANCHAYAT SAMITI, SOHELA

Advt. No. 184, Dt. 25.01.2019

Applications are invited from intending candidates of G.P. area to fill up of vacancy against the post of Jogana Sahayak in Lebidi and Rengali G.P. Last date of receipt of application via speed post / Regd. Post is 11.02.2019 till 17.00 hours. For details contact Sarpanch / PEO of concerned G.P. and Civil Supply Section, Sohela Block.

Sd./- Block Development Officer, Sohela



ପୂର୍ବ ତଟ ରେଳପଥ

ବିବିଧ ବୈଦ୍ୟୁତିକ କାର୍ଯ୍ୟ

ଟେଣ୍ଡର ବିଜ୍ଞପ୍ତି ସଂ.SBP/ELECT/2019/T-88, ତା.25.01.2019 ରିଖ

କାର୍ଯ୍ୟର ନାମ: (i)ସମ୍ବଲପୁର ଷ୍ଟେସନ ସ୍ଥିତ ପ୍ଲାଟଫର୍ମ ନଂ.1, 2 ଏବଂ 3 ରେ ରାମ୍ପ ଏବଂ ସାଇଡ୍ ଏସ୍କାଲେଟର ଦ୍ୱାରା ପ୍ଲାଟଫର୍ମ ସେଲ୍ଟର ଏବଂ ପ୍ଲାଟଫର୍ମ ନଂ.1A ଠାରୁ ସେଲୁନ୍ ସାଇଡ଼ିଙ୍ଗ୍ ପର୍ଯ୍ୟନ୍ତ ଫୁଟ୍ ଓଭର ବ୍ରିଜ୍‌ର ସଂପ୍ରସାରଣ ଏବଂ ଥେରୁବାଲି, ବିଷମକଟକ, ଲାଞ୍ଜିଗଡ଼ ରୋଡ଼, ନର୍ଲା ରୋଡ଼, ରୁପ୍ରା ରୋଡ଼, କାଣ୍ଟେଲ ରୋଡ଼ର ପ୍ଲାଟଫର୍ମ ନଂ.1 ଏବଂ 2 ଠାରେ ହାଇ ଲେଭେଲ ପ୍ଲାଟଫର୍ମ, ଜୁନାଗଡ଼ ରୋଡ଼ (ପ୍ରଥମ), ଦୋଇକାଲୁ (ପ୍ରଥମ) ଏବଂ କଣ୍ଟାବାଞ୍ଜି (ଦ୍ୱିତୀୟ) ଠାରେ ଫୁଟ୍ ଓଭର ବ୍ରିଜ୍ ବ୍ୟବସ୍ଥା । (ii) ଟିଟିଲାଗଡ଼-ଥେରୁବାଲି ସେକ୍ସନରେ RV-206, 213, 214, 219, 227 ଏବଂ 235 ଠାରେ ନୂଆ ଟ୍ରାଫିକ୍ ଲେଭେଲ କ୍ରସିଙ୍ଗ୍ ଗେଟ୍ ଗୁମଟିଗୁଡ଼ିକର ନିର୍ମାଣ, (iii) ସମ୍ବଲପୁର ମଣ୍ଡଳର ବାଗବହରା, ବରପାଲି, ଖରିଆର ରୋଡ଼, ମହାସମୁନ୍ଦ, ମୁନିଗୁଡ଼ା, ଜୁନାଗଡ଼ ରୋଡ଼, ଥେରୁବାଲି ଏବଂ ବରଣ୍ଡା ଇତ୍ୟାଦି ପ୍ରତ୍ୟେକ ଷ୍ଟେସନ ଠାରେ 02 ଗୋଟି ୱାଟର କୁଲର ବ୍ୟବସ୍ଥା, (iv) ଭବାନୀପାଟଣା ଷ୍ଟେସନ ଠାରେ 1 bay ପ୍ଲାଟଫର୍ମ ସେଲ୍ଟର ଏବଂ ଟିଟିଲାଗଡ଼ ଠାରେ ପ୍ଲାଟଫର୍ମ ନଂ.1ରେ ପ୍ରଚଳିତ ଫୁଟ୍ ଓଭର ବ୍ରିଜ୍‌ରୁ ଓହ୍ଲାଇବା ବ୍ୟବସ୍ଥା, (v) କେସିଙ୍ଗା ଷ୍ଟେସନ ପରିକ୍ଷେତ୍ରର ଉନ୍ନୟନ (vi) ମହାସମୁନ୍ଦ ଠାରେ ରେଳ ସୁରକ୍ଷା ବଳ (RPF) ବାରାକ୍ ନିର୍ମାଣ ଏବଂ (vii) ବେଲସୋଣ୍ଡା ଷ୍ଟେସନ ଠାରେ ମର୍ଚାଣ୍ଟ (Merchant) ପ୍ରକୋଷ୍ଠଗୁଡ଼ିକର ବ୍ୟବସ୍ଥା ସମ୍ପର୍କିତ ବୈଦ୍ୟୁତିକ କାର୍ଯ୍ୟ ।

କାର୍ଯ୍ୟର ଆକଳିତ ମୂଲ୍ୟ (ଟଙ୍କାରେ): 27,96,712/-, EMD (ଟଙ୍କାରେ): 55,940/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 3,000/-, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.02.2019 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ)/ ସମ୍ବଲପୁର

PR-441/J/18-19



# ODISHA JOINT ENTRANCE EXAMINATION-2019 (OJEE - 2019)

FOR ADMISSION TO B.PHARM/ M.Tech/ M.Tech(Part Time)/ M.Arch/ M.Pharm/M Plan/ MCA/ MBA /Int. MBA and LATERAL ENTRY TO B.Tech/ B.Pharm/ MCA COURSES IN UNIVERSITIES, GOVERNMENT AND PRIVATE COLLEGES OF ODISHA

**OJEE 2019 is the state level entrance examination on the basis of which, OJEE will do counselling and admission to colleges/ University for the professional courses as mentioned above. Candidates can secure their seats for these courses in various colleges as per their Rank secured in the examination.**

(Application form can be filled up online through **www.ojee.nic.in / www.odishajee.com** only)
Please read in detail the Information Brochure / Instructions to fill On-line Application form, which can be downloaded from the website **www.ojee.nic.in/ www.odishajee.com**

**Entrance Examination for B.PHARM, INT. MBA, LATERAL ENTRY TO B.TECH/B.PHARM Courses will be pen-and-paper mode as per previous practice. However there will be Computer Based Test (CBT) for all post graduate courses such as, MBA, MCA, LATERAL ENTRY TO MCA, M.PHARM, M.ARCH, M.PLAN AND All M.TECH courses.**

| | |
|---|---|
| Date of Examination for Pen-and-paper mode | : 12th May, 2019 (Sunday) |
| Tentative Dates for CBT | : 12th to 20th May, 2019 |
| Fill-up of Online Application through OJEE website begins on | : 30th January, 2019 |
| Last date to fill-up of Online Application form | : 20th March, 2019 |
| Last date of online application fee payment | : 25th March, 2019 |
| Downloading admit card | : 20th April, 2019 onwards |

**ELIGIBILITY (Minimum qualification and marks secured to be a valid candidate for admission):**

| SL NO | STREAM | GENERAL | SC, ST | SUBJECT passed or appearing in 2019 |
|---|---|---|---|---|
| 1 | B PHARM | Pass | Pass | 10+2 Science with PHYSICS, CHEMISTRY as Compulsory Subjects along with MATHEMATICS/ BIOLOGY subjects) *Students possessing 10+2 qualification from non-formal and non-class rooms based schooling such as National Institute of Open Schooling, open school systems of States etc. shall not be eligible for admission to B.Pharm Course* |
| 2 | LE TECH | 45% | 40% | DIPLOMA IN ENGINEERING |
| 3 | LE PHARM | 45% | 40% | DIPLOMA IN PHARMACY |
| 4 | MBA | 50% | 45% | BACHELOR DEGREE IN ANY STREAM 3 YEARS DURATION or BE/ B.Tech |
| 5 | MCA | 50% | 45% | BACHELOR DEGREE IN BCA/ B.SC./ B.Com/B.A STREAM of 3 YEARS DURATION MUST HAVE PASSED MATHEMATICS AT 12th LEVEL OR AT GRADUATION LEVEL. BUSINESS MATHEMATICS IS NOT ALLOWED |
| 6 | LE MCA | 50% | 45% | BACHELOR DEGREE of 3 YEARS DURATION in BCA, BSc (IT/CS/IST/ITM), MUST HAVE PASSED MATHEMATICS AT 12th LEVEL OR AT GRADUATION LEVEL. BUSINESS MATHEMATICS IS NOT ALLOWED |
| 7 | Integrated MBA | 45% | 40% | 10 +2 LEVEL of all streams |
| 8 | M TECH/ M ARCH/ M PLAN | 50% | 45% | B Tech or Equivalent, As per the Information Brochure (OJEE-2019) |
| 9 | M PHARM | 55% | 50% | B. Pharm or Equivalent, As per the Information Brochure (OJEE-2019) |
| 10 | B SC LE | 45% | 40% | PCM OR PCB AT GRADUATION LEVEL (MUST HAVE MATHEMATICS AS A SUBJECT AND PASSED AT 12th LEVEL) |

**RESERVATION:** The reservation of seats in different colleges under various categories will be as per the policy of the Government of Odisha. The percentage of seats to be reserved for different categories is subject to change and the decision of the State Government and is applicable as on the date of counseling.

**OUTSIDE STATE CANDIDATE:** Outside State candidates are not eligible for admission in Government Colleges but they are eligible for admission to Private Colleges as per Odisha Government rule.

**CONTACT ADDRESS:**
Odisha Joint Entrance Examination Cell (JEE Cell), Gandamunda, P.O.: Khandagiri, Bhubaneswar – 751030, E-mail: **odishaojee@gmail.com**, Phone: 0674- 2382101, 2382108., Website: **www.ojee.nic.in/www.odishajee.com**

For further detail information regarding OJEE-2019, please visit the website **www.ojee.nic.in/ www.odishajee.com**

*Students can install OJEE android App from Google Play Store for latest information and notices.*

Sd/-
**CHAIRMAN, OJEE, ODISHA**

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୩୦ ଜାନୁୟାରୀ, ୨୦୧୯



ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସିଏ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
- ଥୋମାସ କାର୍ଲାଇଲ୍



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

ରେଢ଼ାଖୋଲ, ୨୯।୧ (ଡି.ଏନ.ଏ)- ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ପୋଡ଼ାବଲଣ୍ଡା ଗାଁ ମୁଣ୍ଡରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଦୁର୍ଘଟଣା ଘଟିଛି। ତେବେ ଏଥିରେ ଏହି ଗାଁର ରବୀନ୍ଦ୍ର ସାହୁ ନାମକ ଜଣେ ୬୦ବର୍ଷ ବୟସ୍କ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ସାଇକେଲ୍‌ରେ ଯାଉଥିବାବେଳେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇ ଖସି ପଳାଇଛି। ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରିଛି। ତାଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଛି।

# ନିଯୁକ୍ତି ଦିଅ, ଭତ୍ତା ବୃଦ୍ଧି କର

ଦେବଗଡ,୨୯।୧(ସ୍ୱ.ପ୍ର.)

ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ଦେବଗଡ ଶାଖା ପକ୍ଷରୁ ସାମାଜିକ ସୁରକ୍ଷା ସହ ଭତ୍ତା ବୃଦ୍ଧି ଦାବିରେ ରିଆମାଳ ବ୍ଲକର ବୁଡିଦୋ ପଞ୍ଚାୟତ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ୩୦୦ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଭତ୍ତା ବୃଦ୍ଧି ଓ ୨୦ରୁ ଅଧିକ ବେକାରୀ ଯୁବତୀଯୁବକଙ୍କୁ ସମ୍ବିଧାନର ଅନୁଚ୍ଛେଦ – ୩୯ ଅନୁଯାୟୀ କର୍ମନିଯୁକ୍ତି ନ ଚେତ ୫୦୦୦ ଟଙ୍କା ଭତ୍ତା ଦେବା, ବିକଳାଙ୍ଗ, ବୃଦ୍ଧା, ବୃଦ୍ଧ, ବିଧବା ଭତ୍ତା ୧୫୦୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବାପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉପରୋକ୍ତ ଦାବି ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ଆନ୍ଦୋଳନ ସଚିବ ଡୋଳାକର ଭୋଇ, ଉପ ସଭାପତି ରାଜକିଶୋର ସାହୁ, ନିରାକାର ପ୍ରଧାନଙ୍କ ସମେତ ଗ୍ରାମର ବୁଦ୍ଧିଜୀବୀ ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।



ଦେବଗଡ଼ରେ ଭତ୍ତା ବୃଦ୍ଧି ଓ ନିଯୁକ୍ତି ଦାବି କରି ଶୋଭାଯାତ୍ରା ବାହାରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ଆଖିଆ କଣା**
**ସେ କି ଜାଣେ ବୁଝାମଣା ।**

କଣାର ଗୋଟାଏ ଆଖି। ଯେଉଁ ପଟର ଆଖିଥାଏ ସେ ସେଇପଟକୁ ଭଲ ଦେଖିପାରେ ଏବଂ ସେଇ ପଟକଥାର ଚିନ୍ତା କରୁଥାଏ। ଅନ୍ୟପଟ ଦେଖିବା ପାଇଁ ହେଲେ ମୁହଁ ବୁଲେଇବାକୁ ପଡ଼େ। ପରୋକ୍ଷରେ ଭଲମନ୍ଦ ବିଚାର ନ କରି ଗୋଟିଏ ଦିଗକୁ ଦୃଷ୍ଟିରେ ରଖି ବା ଚିନ୍ତା କରି ଏକପାଖିଆ ନିଷ୍ପତ୍ତି ନେଇଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏ ହାତକୁ ସେ ହାତ**
**ଖଣ୍ଡିଆ ହାତକୁ ଜଗନ୍ନାଥ ।**

ଜଗନ୍ନାଥ ହେଉଛନ୍ତି ଜଗତର ନାଥ। ତାଙ୍କ ଉପରେ ସମସ୍ତଙ୍କର ଅଶେଷ ଭରସା ରହିଥାଏ। ସାଧାରଣତଃ କେହି କାହାକୁ କିଛି ଦେଲେ ଦେଲା ଲୋକକୁ ନେଲା ଲୋକ କିଛି ଦେଇଥାଏ। ପରନ୍ତୁ ଯାହାର କେହି ନାହାନ୍ତି, ସମ୍ପୂର୍ଣ୍ଣ ନିଃସ୍ୱ, ତାର କାହାକୁ କିଛି ଦେବାକୁ ସମ୍ବଳ ନାହିଁ, ତାକୁ କେହି ଦେବାକୁ ଉଚିତ ମଣି ନ ଥାନ୍ତି। ଅରକ୍ଷିତକୁ ଦଇବ ସାହା ଭଳି ଉକ୍ତ ବ୍ୟକ୍ତି ପାଇଁ କେବଳ ଜଗନ୍ନାଥ ବା ଭଗବାନ ସାହା ହୋଇଥାନ୍ତି ସେହିଁ ଏକମାତ୍ର ଦେବା ଲୋକ ସେ ଭରସା ହୋଇଥାନ୍ତି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

## କିନ୍ନରମାନଙ୍କ ଅଧିକାର ନିମନ୍ତେ ଆଇନ ସଚେତନତା ଶିବିର

ଦେବଗଡ,୨୯।୧ (ସ୍ୱ.ପ୍ର)



ଦେବଗଡ଼ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତୋଷ ଜଣେ କିନ୍ନରଙ୍କୁ ପରିଚୟପତ୍ର ଦେଉଛନ୍ତି।

ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଆଇନ୍‌ସେବା ପ୍ରାଧିକରଣ କାର୍ଯ୍ୟାଳୟ ପରିସରରେ କିନ୍ନରମାନଙ୍କର ଅଧିକାର ଏବଂ ନାଗରିକମାନଙ୍କର ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାଜଜ୍ ତଥା ଜିଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତୋଷ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଜଜ୍ ସସ୍ମିତା ପାରିହି, ସିଜେଏମ୍ ଇତିଶ୍ରୀ ମାଳବିକା ଭୂୟାଁ, ରେଜିଷ୍ଟ୍ରାର ଚିତ୍ତରଞ୍ଜନ ପାତ୍ର, ସବ୍‌ଜଜ୍‌ଦିଲ୍ଲୀପ କୁମାର ସାହୁ, ପ୍ରିୟରଞ୍ଜନ ମିଶ୍ର, ଏସ୍‌ଡିଜେଏମ ସୌଦାମିନୀ ବିଶ୍ୱାଳ ପ୍ରମୁଖ କିନ୍ନରମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଆଇନ୍ ବିଷୟରେ ଆଲୋଚନା କରିଥିଲେ। ସେମାନେ ସାମ୍ବିଧାନିକ ତଥା ସାମାଜିକ ଅଧିକାର କିପରି ସହଜରେ ପାଇପାରିବେ ସେ ବିଷୟରେ ମଧ୍ୟ ବକ୍ତାମାନେ ସୂଚନା ଦେଇଥିଲେ। ଏଥି ସହିତ ଜଣେ କିନ୍ନରଙ୍କୁ ପାରାଲିଗାଲ ସ୍ୱେଚ୍ଛାସେବୀ କରାଯାଇ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

## ବିଭିନ୍ନ ପ୍ରକଳ୍ପର ଭୂମିପୂଜା, ଶିଳାନ୍ୟାସ କଲେ ବିଧାୟକ

ଦେବଗଡ,୨୯।୧(ସ୍ୱ.ପ୍ର.)

ତିଲେଇବଣି ବ୍ଲକର ତାଳକୁଣ୍ଡି ଓ ଦୁଧିଆନାଳି ପଞ୍ଚାୟତରେ ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ ବିଭିନ୍ନ ପ୍ରକଳ୍ପର ଭୂମିପୂଜା ଓ ଶିଳାନ୍ୟାସ କରିଛନ୍ତି। ତାଳକୁଣ୍ଡିର ହନୁମାନ ମଣ୍ଡପ, ଭାଲିଆଡିହିର ସିନ୍ଦୂରାପାଟ, ମଧୁପୁର ମଣ୍ଡପ, ଦୁଧିଆନାଳି ପଞ୍ଚାୟତର ତାଳବାହାଳି ଶିବ ମଣ୍ଡପ, ଭେରୁବଣି କୀର୍ତ୍ତନ ମଣ୍ଡପ ଆଦିର ଭୂମିପୂଜା ଓ ଶିଳାନ୍ୟାସ ହୋଇଛି। ସମିତି ସଭ୍ୟ ଶ୍ୱେତ ପ୍ରଧାନ, ଯୋଗେଶ ପ୍ରଧାନ, ଦିବାକର ପାତ୍ର, ଉଦିତ ନାଏକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ





ଦେବଗଡ଼ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାଜେନ୍ଦ୍ର କମାର ତୋଷ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି। (ବାମ) କାର୍ଯ୍ୟକ୍ରମରେ ଉପସ୍ଥିତ ପାରାଲିଗାଲ୍ ସ୍ୱେଚ୍ଛାସେବୀ ବୃନ୍ଦ।

ଦେବଗଡ,୨୯।୧ (ସ୍ୱ.ପ୍ର.)

ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ରାଜେନ୍ଦ୍ର କମାର ତୋଷଙ୍କ ତତ୍ତ୍ୱାବଧାନରେ ପାରାଲିଗାଲ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲା ଜଜ୍, ସି.ଜେ.ଏମ୍ ଇତିଶ୍ରୀ ମାଳବିକା ଭୂୟାଁ, ରେଜିଷ୍ଟ୍ରାର ଚିତ୍ତରଞ୍ଜନ ପାତ୍ର, ସବ୍ ଜଜ୍ ଦିଲ୍ଲୀପ୍ କୁମାର ସାହୁ, ପ୍ରିୟରଞ୍ଜନ ମିଶ୍ର, ଏସ୍‌ଡିଜେଏମ୍ ସୌଦାମିନୀ ବିଶ୍ୱାଳ, ଜିଲା ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ଗୁରୁ ଏବଂ ସମ୍ପାଦକ ବିକାଶ କୁମାର ପ୍ରଧାନ ଉପସ୍ଥିତ ଥିଲେ । ବିଭିନ୍ନ ସାମ୍ବିଧାନିକ ଅଧିକାର, ଆଇନ୍ ସେବାର ପୃଷ୍ଠଭୂମି, ଆଇନ୍ ସେବା କେଉଁମାନଙ୍କୁ ଏବଂ କିପରି ସହଜରେ ମିଳିପାରିବ, ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଯିବ।

## ଅଙ୍ଗନୱାଡି କର୍ମୀ ସମ୍ମିଳନୀ

ସମ୍ବଲପୁର, ୨୯।୧ (ବ୍ୟୁରୋ)– ବୁର୍ଲାରେ ଅଙ୍ଗନୱାଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନଳିନୀ ବାଗ, ନାକଟିଦେଉଳ ସିଡିପିଓ କ୍ଷୀରାବ୍ଧୀ ପାଣ୍ଡିଆ, ସାଧୁଚରଣ ପଣ୍ଡା, ସୁବାଷ ଚୌହାନ, ପ୍ରଶାନ୍ତ ପାଢ଼ୀ, ବିପିନ ମହାପାତ୍ର ଯୋଗଦେଇ ଅଙ୍ଗନୱାଡି ଓ ସହାୟିକାଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ।

## କଣ୍ଢେଇ ଯୁକ୍ତ ୨ ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର


କଣ୍ଢେଇ କଲେଜରେ ଆୟୋଜିତ ଆତ୍ମରକ୍ଷା କୌଶଳ ତାଲିମ୍ ଶିବିରରେ ମଞ୍ଚାସୀନ ଅତିଥି।

ବାରକୋଟ, ୨୯।୧ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଇ ଯୁକ୍ତ ୨ ମହାବିଦ୍ୟାଳୟଠାରେ ଓଡିଶା ସରକାରଙ୍କ ଗଣ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆରମ୍ଭ ହୋଇଛି। ଅଧ୍ୟାପକ କପୁର ଚାନ୍ଦ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ସମାଜରେ ନାରୀର ସ୍ଥାନ କିପରି ଭାବରେ ଥିଲା ଏବଂ ସମୟାନୁକ୍ରମେ ଏହା କିପରି ଅବକ୍ଷୟ ହୋଇଛି ସେ ବିଷୟରେ ଆଲୋଚନା କରିବା ସହିତ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। କ୍ରୀଡା ଅଧ୍ୟାପକ ଧବଳେଶ୍ୱର ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ତାଲିମ ଶିବିରର ପ୍ରଶିକ୍ଷକ ଭାବେ ଲଭଲି ଧଳ ଉପସ୍ଥିତ ଥିଲେ।

## ଗାଁ କଲ୍ୟାଣ ସମିତି, ଆଶା ସମ୍ମିଳନୀ

ରିଆମାଳ, ୨୯।୧ (ଡି.ଏନ.ଏ.)– ରିଆମାଳ ବ୍ଲକ ଅନ୍ତର୍ଗତ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଗାଁ କଲ୍ୟାଣ ସମିତି ଓ ଆଶା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରିଆମାଳ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳି ହାତୀ ସଭାପତିତ୍ୱ କରିଥିଲେ। ସାରଦା ପ୍ରସାଦ ମଲ୍ଲିକ ଅଧ୍ୟକ୍ଷତା କରିଥିବାବେଳେ ନାଜର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଆଶୁତୋଷ ଦାସ ସଂଯୋଜନା କରିଥିବାବେଳେ ସୁଇପର ଗୀତା ନାଏକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରିଆମାଳ ସରପଞ୍ଚ ତରଣିସେନ ପ୍ରଧାନ, ଗୁଣ୍ଡିଆପାଲି ସରପଞ୍ଚ ତାଣ୍ଡମଣି ଗଡ଼ନାୟକ, ଲୁଲୁଙ୍ଗ ସରପଞ୍ଚ ସଞ୍ଜୁବାଳା ପ୍ରଧାନ ଯୋଗ ଦେଇଥିଲେ। ଗାଁ କଲ୍ୟାଣ ସମିତିରେ ରେଙ୍ଗଟା, ନାଉଲିପଡ଼ା, ରିଆମାଳ ମନ୍ଦିର ସାହି ପୁରସ୍କୃତ ହୋଇଥିବାବେଳେ ସ୍ୱଚ୍ଛ ନିର୍ମଳ ଗ୍ରାମ ପଞ୍ଚାୟତ ଭାବରେ ରିଆମାଳ, ପଳସମା ଓ ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତ ପୁରସ୍କୃତ ହୋଇଥିଲା। ଆଶାକର୍ମୀ ଭାବେ ରଜନୀ ପ୍ରଧାନ, କୁନ୍ତଳା ନାୟକ ଓ କୁନି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜିତ ଠାକୁର, ହିମାଂଶୁ ପ୍ରଧାନ, ଜିତେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BALAJI FINANCE LTD.
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
25 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081
8658167603

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ୍ୟ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/–, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

ଡିଜିଟାଲ ଉପକରଣ –କମ୍ପାନୀ– SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355,
9162431749
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ଡିଜିଟାଲ ଉପକରଣ –କମ୍ପାନୀ– SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଡିଜିଟାଲ ଉପକରଣ –କମ୍ପାନୀ– SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722,
7718760748
Bukaro malepur, jamui Bihar-811313

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।

- ଭଗବତୀ ଚରଣ ପାଣିଗ୍ରାହୀ

# ମରିବୁ ପଛେ ଚାଷଜମି ଛାଡ଼ିବୁ ନାହିଁ





ସମ୍ବଲପୁର ବସନ୍ତପୁରରେ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀ ।

- ବସନ୍ତପୁରରେ ଉତ୍ତେଜନା
- ଫେରିଆସିଲେ ଅଧିକାରୀ
- ବିଟିଆଇ, ଇଡ୍‌କୋ ପାଇଁ ଜମି ଚିହ୍ନଟ ବନ୍ଦ ହେଲା

**ସମ୍ବଲପୁର/ଟିପିଲିମା, ୨୯।୧(ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ ବସନ୍ତପୁରରେ ପୋଲିସର 'ବେସିକ ଟ୍ରେନିଂ ସେଣ୍ଟର' (ବିଟିଆଇ) ଓ ଇଡ୍‌କୋ ପାଇଁ ପୂର୍ବରୁ ସରକାର ଅଧିଗ୍ରହଣ କରିଥିବା ଜମି ଚିହ୍ନଟ ବେଳେ ମଙ୍ଗଳବାର ଅପ୍ରୀତିକର ପରିସ୍ଥିତି ଉପୁଜିଛି। ଏବେ ଦଖଲରେ ରଖି ଚାଷ କରୁଥିବା ଗ୍ରାମବାସୀ ଜମି ଚିହ୍ନଟକୁ ବିରୋଧ କରିଛନ୍ତି। 'ମରିବୁ ପଛେ ଚାଷ ଜମି ଛାଡିବୁନି' ବୋଲି ସେମାନେ ଚେତାବନୀ ଦେଇଛନ୍ତି। ବସନ୍ତପୁର, ପାପଡେରା, ସାହାଜବାହାଳ ଗ୍ରାମର ଶତାଧିକ ମହିଳା ଓ ପରୁଷଙ୍କ ଏଭଳି ବିରୋଧ ଯୋଗୁ ସେଠାକୁ ଯାଇଥିବା ସରକାରୀ ଅଧିକାରୀମାନେ ଲାଙ୍ଗୁଡ ଜାକି ଫେରିଛନ୍ତି। ଟ୍ରେନିଂ ଆଇଏସ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କୁ ଲୋକମାନଙ୍କ ସହ ମୁହାଁମୁହିଁ ହେବାକୁ ପଡିଥିଲା ।

ଅଭିଯୋଗ କ୍ରମେ ୧୯୪୬ ମସିହାରୁ ଏହି ଗ୍ରାମର ମୌଜା ଗୁଡିକର ୭ ହଜାର ୫ ଶହ ଏକର ଜମି ଜଳଭଣ୍ଡାର ନିର୍ମାଣ ପାଇଁ ଶାଗ ମାଛ ଦରରେ ଅଧିଗ୍ରହଣ ହୋଇଥିଲା। ପରେ ସେ ମଧ୍ୟରୁ ୫ ଶହ ଏକର ଜମି ଟିପିଲିମା ପାୱାର ଚ୍ୟାନେଲ ପାଇଁ ବ୍ୟବହାର କରାଯାଇଥିଲା । ଏହା ପରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ମତ୍ସ୍ୟ ବିଭାଗକୁ ଜମି ଦିଆଯାଇଛି । ହେଲେ ଉକ୍ତ ଜମିରେ ଏବେ ଶତାଧିକ ଗ୍ରାମବାସୀ ଚାଷ କରି ପରିବାର ପୋଷଣ କରୁଛନ୍ତି। ଏଣୁ ଜମି ଟେକି ଦେବାର ପ୍ରଶ୍ନ ନାହିଁ ବୋଲି ସୁରେଶ ଚାନ୍ଦ, ଯୁଧିଷ୍ଠିର ମିର୍ଦ୍ଧା, ପ୍ରୟାଗ କୁମ୍ଭାର, ପ୍ରଣବ ମିର୍ଦ୍ଧା, ନାମ ପ୍ରଧାନଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଘର ନିକଟରେ ଯୁବକଙ୍କୁ ଗୁଳିକାଣ୍ଡ ଘଟଣା
## ୨ ଅଭିଯୁକ୍ତ ଗିରଫ: ମାଉଜର, ଗୁଳି ଜବତ

**ସମ୍ବଲପୁର,୨୯।୧(ବ୍ୟୁରୋ)**

ସମ୍ବଲପୁର ସହରର କ୍ଷେତରାଜପୁର ଥାନା ଅଧୀନ ଫାର୍ମରୋଡରେ ରବିବାର ସନ୍ଧ୍ୟାରେ ରୂପକ ସ୍ୱାଇଁଙ୍କୁ ହୋଇଥିବା ଗୁଳିକାଣ୍ଡ ଘଟଣାରେ ମଙ୍ଗଳବାର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ କ୍ଷେତରାଜପୁର ଥାନା ଷ୍ଟେଶନପଡାର ଝସକେତନ ଜାଲ (୩୦) ଓ ଟାଉନ ଥାନା ଅଧୀନ ମୁଦିପଡାର ରୋସନ ମେହେର (୨୮) । ଏମାନଙ୍କ ନିକଟରୁ ଏକ ମାଉଜର (ଇଟାଲି ପ୍ରସ୍ତୁତ ବିଦେଶୀ ବନ୍ଧୁକ), ୨ଟି ଜୀବନ୍ତ ଗୁଳି, ଗୋଟିଏ ଖୋକା, ନମ୍ବରବିହୀନ ଏକ ସ୍କୁଟି ଜବତ ହୋଇଛି। କ୍ଷେତରାଜପୁର ଥାନାରେ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପି.କେ. ମହାପାତ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଅଭିଯୁକ୍ତ ରୋସନ ଜଣେ ପେସାଦାର ଅପରାଧୀ। ତାଙ୍କ ବିରୋଧରେ ଟାଉନ, ଜିଆରପି, ଅଇଁଠାପାଲି ଥାନାରେ ପୂର୍ବରୁ ମାମଲା ରହିଛି ବୋଲି ମଧ୍ୟ ପୋଲିସ କହିଛି।

## ସଂକ୍ଷେପରେ

### ତୁଳସୀ ଦାସ ମାହାଣାଙ୍କୁ ଶ୍ରଦ୍ଧାଞ୍ଜଳି

**ରେଙ୍ଗାଲି, ୨୯।୧ (ଡି.ଏନ.ଏ)** ସ୍ଥାନୀୟ ସୁରଜମଲ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ତଥା ଶିକ୍ଷାବିତ ଡ. ତୁଳସୀଦାସ ମାହାଣାଙ୍କର ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ସୁଜିତ କୁମାର ସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ଡ. ମାହାଣାଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଡ. ତୁଳସୀ ଦାସ ମାହାଣା ୧୯୮୩ ମସିହାରୁ ୧୯୯୬ ମସିହା ପର୍ଯ୍ୟନ୍ତ ଅଧକ୍ଷ ଭାବରେ ଏ ଅଞ୍ଚଳର ଉଚ୍ଚଶିକ୍ଷାର ପ୍ରସାର ନିମନ୍ତେ ସୁରଜମଲ ମହାବିଦ୍ୟାଳୟ ପ୍ରତିଷ୍ଠାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ରେଙ୍ଗାଲି ଅଞ୍ଚଳରେ ପ୍ରତ୍ୟେକ କ୍ଷେତ୍ରରେ ଡ. ମାହାଣା ସକ୍ରିୟ ଭୂମିକା ଗ୍ରହଣ କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତପ୍ରକାଶ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ରହି ତାଙ୍କର ସ୍ମୃତିଚାରଣ କରିଥିଲେ । ଶେଷରେ ଅଧାପକ ଡ. ମନୋଜ ପଣ୍ଡା ଆତ୍ମାର ସଦଗତି ନିମନ୍ତେ ଶାନ୍ତିପାଠ କରିଥିଲେ ।

### ପିଏନ୍‌ବିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ସମ୍ବଲପୁର, ୨୯।୧ (ବ୍ୟୁରୋ)**-ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ସମ୍ବଲପୁର ମଣ୍ଡଳ ଅଫିସରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ପ୍ରମୁଖ ନିରେନ୍ଦ୍ର କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ପିଏନବି ୧୫୦ତମ ସ୍ଥାପନା ବର୍ଷ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ପଦ୍ମଶ୍ରୀ ହଳଧର ନାଗ, ଲିଟିଲ ମିସ୍ ଗ୍ୟାଲେକ୍ସି ୱାର୍ଲ୍ଡ ବିଜୟିନୀ ଅର୍ପିତା ବେହେରା, ସାମାଜିକ ସଂଗଠନ ଉତ୍ସର୍ଗ, ସମ୍ବଲପୁର କଳାପରିଷଦ, ମାରୱାଡି ଯୁବା ମଞ୍ଚକୁ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା । ଉପମଣ୍ଡଳ ପ୍ରମୁଖ ରଜନୀକାନ୍ତ ବେହେରା, ବିବେକ କୁମାର ସିଂ, ଶ୍ରୀକୁମାର ସନତ ସିଂ ଓ ଅଭିଜିତ ମେହେର ବକ୍ତବ୍ୟ ପ୍ରଦାନ କରିଥିଲେ। ସେମାନେ କହିଥିଲେ ଯେ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଭାରତର ଅର୍ଥିକ ଉନ୍ନତିରେ ସହଭାଗିତା ରହିଛି । ଗରିବ ଲୋକଙ୍କ ଉତଥାନ୍ ନିମନ୍ତେ ସଦାସର୍ବଦା ପ୍ରତିଶ୍ରୁତି ବଦ୍ଧ ରହିଛି ।

### ସାହାସପୁରରେ ନିର୍ମାଣାଧୀନ ଗିରିଗୋବର୍ଦ୍ଧନ ମନ୍ଦିରର ରତ୍ନମୁଦ ଉତ୍ସବ

**ଧମା, ୨୯।୧ (ଡି.ଏନ.ଏ)**- ମାନେଶ୍ୱର ବ୍ଲକ ସାହାସପୁରଠାରେ ନିର୍ମାଣାଧୀନ ଗିରିଗୋବର୍ଦ୍ଧନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କର୍ତ୍ତା ଭାବେ ପୁରନ୍ଦର ପାଣିଗ୍ରାହୀ ଓକଲ୍ୟାଣି, ରାଧାକୃଷ୍ଣ ପାଣିଗ୍ରାହୀ ଓ ସରୋଜିନୀ ଯୋଗଦେଇ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ସିନ୍ଦୂରପଙ୍କ, ପପଙ୍ଗା, ବରଗାଁ, ସାହାସପୁର ଓ ଦେଓଗାଁ ଇତ୍ୟାଦି ଗ୍ରାମର ସଂକୀର୍ତ୍ତନ ଦଳ କୀର୍ତ୍ତନ ପରିବେଷଣ କରିଥିଲେ । ମନ୍ଦିର କମିଟି ସଭାପତି ରାମନାରାୟଣ ନାଏକଙ୍କ ତତ୍ତ୍ୱାବଧାନରେ ସଦସ୍ୟ ପାର୍ଥସାରଥି ସାହୁ, ନୀଳମଣି ସାହୁ, ଶଙ୍କରଲାଲ ଅଗ୍ରୱାଲ, ରମେଶ ପଧାନ, ସତ୍ୟନାରାୟଣ ମେଣ୍ଡଲୀ, ସଞ୍ଜୟ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୈଦିକ କଲେଜରେ ବିଜ୍ଞାନ ଆସର



ବୈଦିକ କଲେଜରେ ଆୟୋଜିତ ବିଜ୍ଞାନ ଆସରରେ ଆୟୋଜକ ଓ ବୈଜ୍ଞାନିକମାନେ ।

**ସମ୍ବଲପୁର, ୨୯।୧ (ବ୍ୟୁରୋ)**

ବୈଦିକ କଲେଜରେ ବୈଜ୍ଞାନିକଙ୍କ ବିଜ୍ଞାନ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାବା ପରମାଣୁ ଗବେଷଣା କେନ୍ଦ୍ରର ବୈଜ୍ଞାନିକମାନେ ସାମିଲ ଥିଲେ। ବୈଜ୍ଞାନିକ ଡ. ଆରଏନ ସିଂ ଓ ଡ. କୁବେର ଭୈଇଁସାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା । ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଧାପିକା, ଅଧାପକ ଯୋଗ ଦେଇଥିଲେ । ଏଥିରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ସ୍କୁଲ ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ । ସେହିପରି କଲେଜ ଅଧକ୍ଷ ଡ. ଦିଲୀପ କୁମାର ଗୌର ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସ୍କୁଲ ଅଧକ୍ଷା କାମିନୀ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ପଦଯାତ୍ରା

**ସମ୍ବଲପୁର, ୨୯।୧ (ବ୍ୟୁରୋ)**

ସ୍ୱାମୀ ଜୀବନ ମୁକୁନ୍ଦାନନ୍ଦ ପୁରୀ ମହାରାଜଙ୍କ ପଦଯାତ୍ରା ସମ୍ବଲପୁରରେ ଅନୁଷ୍ଠିତ ହୋଇଛି । ଗୋବିନ୍ଦଟୋଲା ଛକ ରାଣୀସତୀ ମନ୍ଦିରରୁ ପଦଯାତ୍ରା ବାହାରି ଜେଲ ଛକ, ହୀରାକୁଦ କଲୋନୀ, ବଡସଡକ, ହାଟପଡା, ବୈଦ୍ୟନାଥ ଛକ, ମ୍ୟୁନିସିପାଲଟି ଛକ, ଦଲେଇପଡା, କୁଞ୍ଜେଲପଡା ଶୋଭାଯାତ୍ରାରେ ପରିକ୍ରମା କରିଥିଲା । ନାରାୟଣୀ ମହିଳା ସମିତି ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସ୍ୱାମୀଜୀଙ୍କୁ ସ୍ୱାଗତ କରିଥିଲେ । ଏହି ପଦଯାତ୍ରାରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ବିଭିନ୍ନ ହିନ୍ଦୁ ସଂଗଠନର ସଦସ୍ୟମାନେ ସାମିଲ ଥିଲେ । ସୂଚନାଯୋଗ୍ୟ ଯେ, କୁଚିଣ୍ଡା ଆଠଗାଁ ସ୍ଥିତ କୁନ୍ତରା ଆଶ୍ରମର ସ୍ୱାମୀ ମୁକୁନ୍ଦାନନ୍ଦ ୮ମାସ ହେଲା କନ୍ଧମାଳସ୍ଥିତ ସ୍ୱାମୀ ଲକ୍ଷ୍ମଣାନନ୍ଦଜୀଙ୍କ ଆଶ୍ରମରୁ ସନାତନ ଧର୍ମ ଓ ଗୋ ରକ୍ଷା ଲାଗି ପଦଯାତ୍ରା ଆରମ୍ଭ କରିଥିଲେ।





ସମ୍ବଲପୁର ଜିଲାସ୍ତରୀୟ କ୍ୟାରମ ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ କୃତୀମାନଙ୍କୁ ପୁରସ୍କୃତ କରୁଛନ୍ତି ।

## ଜିଲାସ୍ତରୀୟ କ୍ୟାରମ ଟୁର୍ନାମେଣ୍ଟ

**ସମ୍ବଲପୁର, ୨୯।୧ (ବ୍ୟୁରୋ)**

ବୀର ବଜରଙ୍ଗ ସଂଘ ପକ୍ଷରୁ ଜିଲାସ୍ତରୀୟ କ୍ୟାରେମ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଭରତ ଓ ରିଙ୍କୁ ଡବଲ୍ ଚାମ୍ପିୟନ ଓ ଶିବୁ ଓ କୁନା ରନର୍ସ ଅପ୍ ଟ୍ରଫି ହାସଲ କରିଛନ୍ତି । ସେହିପରି ଶୁଭ୍ରାଂଶୁ ନାୟକ ସିଙ୍ଗଲ ଚାମ୍ପିୟନ ଓ ମହମ୍ମଦ ଇର୍ସାଦ ରନର୍ସ ଅପ୍ ହୋଇଛନ୍ତି । ଏଥିସହ ମହମ୍ମଦ ନିଜାମ୍ ଖାନ୍ ଶ୍ରେଷ୍ଠ ଶୃଙ୍ଖଳିତ ଖେଳାଳି, ଏସ. ବନଛୋର ଶ୍ରେଷ୍ଠ ମନୋରଞ୍ଜନ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ତ୍ତିକେଶ୍ୱର ପ୍ରଧାନଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଦୀପକ ବରାଡ, ଦିଲୀପ ସାହୁ, ସୋମନାଥ ସେଠ, ବିଶ୍ୱଜିତ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜ୍ୟୋତିର ସମ୍ବର୍ଦ୍ଧନା ଉତ୍ସବ



ଜ୍ୟୋତି ଅନୁଷ୍ଠାନ ପକ୍ଷରୁ ଶିକ୍ଷାବିତ ଭକ୍ତପ୍ରସାଦ ନନ୍ଦ ଓ ନିରୂପମାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସମ୍ବଲପୁର, ୨୯।୧ (ବ୍ୟୁରୋ)**

ପଧାନପଡାସ୍ଥିତ ଭଗବତୀ କଲ୍ୟାଣ ମଣ୍ଡପଠାରେ ଚକ୍ଷୁ ଦାନ ସଂସ୍ଥା ଜ୍ୟୋତିର ସମ୍ବର୍ଦ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡା. ପରେଶଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା । ସଂଯୋଜକ କଳ୍ପନା ମିଶ୍ର ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଶିକ୍ଷାବିତ ଭକ୍ତପ୍ରସାଦ ନନ୍ଦ ଓ ନିରୂପମା ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଭକ୍ତପ୍ରସାଦ ନନ୍ଦ ଜଣେ ଉଚ୍ଚ ଶିକ୍ଷିତ ହୋଇଥିଲେ ମଧ୍ୟ ମୂକବଧିର ନିରୁପମାଙ୍କୁ ଜୀବନ ସାଥି ଭାବେ ଗ୍ରହଣ କରିଥିଲେ । ଏହା ଅନ୍ୟମାନଙ୍କ ପାଇଁ ଆଦର୍ଶ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ପ୍ରଫେସର ଅଶ୍ୱିନୀ ପୂଜାରୀ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ପ୍ରଫୁଲ୍ଲ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ରୀତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତ୍ରିଲୋଚନ ତ୍ରିପାଠୀଙ୍କ ସଂଯୋଜନାରେ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା ।

## ଏମ୍‌ସିଏଲ୍ ଅଧକ୍ଷଙ୍କ ସହ ଆଲୋଚନା କଲେ ଶ୍ରମିକ ପ୍ରତିନିଧି

**ସମ୍ବଲପୁର, ୨୯।୧ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରାଜୀବରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ବିଭିନ୍ନ ଶ୍ରମିକ ସଂଗଠନର ପ୍ରତିନିଧି ମାନଙ୍କ ସହ ଆଲୋଚନା କରିଥିଲେ । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଉତ୍ପାଦନ ଲକ୍ଷ୍ୟ ହାସଲ କିପରି କରିପାରିବ, କୋଇଲା ଉତ୍ପାଦନ, କର୍ମଚାରୀମାନଙ୍କ କଲ୍ୟାଣ ଓ ଠିକା କର୍ମଚାରୀମାନଙ୍କ ଉପରେ ଆଲୋଚନା ହୋଇଥିଲା । ମୁଖ୍ୟତଃ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କୋଇଲା ଉତ୍ପାଦନ ଲକ୍ଷ୍ୟ ହାସଲ ଏବଂ ଠିକା କର୍ମଚାରୀମାନେ ସେମାନଙ୍କର କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଏମସିଏଲ ଅଧକ୍ଷ ପରାମର୍ଶ ଦେଇଥିଲେ । ପୂର୍ବତନ କାର୍ମିକ ନିର୍ଦ୍ଦେଶକ ତଥା ବର୍ତ୍ତମାନର ସିନିୟର ଉପଦେଷ୍ଟା ଲିଲାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ଏମ୍‌ସିଏଲ୍ ପୂର୍ବତନ କାର୍ମିକ ନିର୍ଦ୍ଦେଶକ ଲିଲାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ମଧୁମେହ, କ୍ୟାନ୍‌ସର ଚିକିତ୍ସା ଶିବିର

**ସମ୍ବଲପୁର, ୨୯।୧ (ବ୍ୟୁରୋ)**

ଅଇଁଠାପାଲି ନିକଟସ୍ଥ ବସ ଟର୍ମିନାଲଠାରେ ଦୁଇ ଦିନିଆ ମଧୁମେହ ଓ କ୍ୟାନସର ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଚେନ୍ନାଇର ଡା. ମାହେଶ୍ୱର ରାଓ ଯୋଗଦେଇ ଶହେରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ସିଦ୍ଧାର୍ଥ ସାହାଙ୍କ ପରିଚାଳନାରେ ଶିବିର ଉଦ୍‌ଘାଟନ ହୋଇଥିଲା । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଏସ୍‌ପି ସଞ୍ଜୀବ ଆରୋରା, ଇଂ. ଅଶୋକ ଜଲାନ, ଏଏସ୍‌ପି ଅମରେନ୍ଦ୍ର ରଣା, ଅଇଁଠାପାଲି ଥାନା ଆଇଆଇସି ଚିନ୍ତାମଣି ପ୍ରଧାନ, ଘରୋଇ ବସ୍ ମାଲିକ ସଂଘ ସଭାପତି ସୁବ୍ରତ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସମେତ ଶିବ ପ୍ରଧାନ, ଜିତେଶ ଶର୍ମା, କେ ମୁରଲୀ ସୋନି, ଅରବିନ୍ଦ ମେହେର, ସୋସିଆଲ୍ ଷ୍ଟାର କ୍ଲବର ଆତିଫ ଆଲାମ୍, ଲାଲୁ ବାଗ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷେ ଦୁବାଇସ୍ଥିତ ୟୁନାଇଟେଡ ଆରବ ଏମିରେଟସ୍ ଓଡିଆ ସମାଜ ପକ୍ଷରୁ ପ୍ରବାସୀ ଓଡିଆ ଶ୍ରମିକମାନେ ରହୁଥିବା କ୍ୟାମ୍ପରେ ଚିକିତ୍ସା ଶିବିର କରାଯାଇଛି । ଏଥିରେ ପ୍ରାୟ ୨୦୦ ଶ୍ରମିକଙ୍କ ରକ୍ତଚାପ, ମଧୁମେହ ଆଦି ପରୀକ୍ଷା ସହ ଚିକିତ୍ସା କରାଯାଇଥିଲା । ସଂଗଠନ ସଭାପତି ଶୁଭ୍ରାଂଶୁ ଜାନା ଉପସ୍ଥିତ ଥିଲେ ।



ସମ୍ବଲପୁର ଅଇଁଠାପାଲି ବସ୍ ଟର୍ମିନାଲଠାରେ ମଧୁମେହ ଓ କ୍ୟାନସର ଚିକିତ୍ସା ଶିବିର ଚାଲିଛି ।

## କଂଗ୍ରେସରେ ଆଶାୟୀଙ୍କ ଲମ୍ୱା ଧାଡ଼ି

- ଆବେଦନ କଲେ ୩୯ ପ୍ରାର୍ଥୀ

**ସମ୍ବଲପୁର,୨୯।୧(ବ୍ୟୁରୋ)**

ଆଗାମୀ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଆଗ୍ରହୀ ପ୍ରାର୍ଥୀଙ୍କ ଆବେଦନ ପତ୍ର ଗ୍ରହଣ କରାଯାଇଛି । ଜିଲାର ୪ଟି ବିଧାନସଭା ଓ ସମ୍ବଲପୁର ଲୋକସଭା ଆସନ ପାଇଁ ଆଶାୟୀ ପ୍ରାର୍ଥୀମାନେ ଆବେଦନ କରିଛନ୍ତି । କିଛ ଦିନ ହେଲା କଂଗ୍ରେସରୁ ଅନେକ ନେତା ଦଳ ପରିବର୍ତ୍ତନ କରିବା ପରେ ପ୍ରାର୍ଥୀଙ୍କୁ ନେଇ ସାଧାରଣରେ ସନ୍ଦେହ ରହୁଥିଲା । ହେଲେ ମଙ୍ଗଳବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପ୍ରାର୍ଥୀମାନଙ୍କ ଲମ୍ୱା ଧାଡି ଦେଖିବାକୁ ମିଳିଥିଲା । ସମ୍ବଲପୁର ଜିଲା ପ୍ରଭାରୀ ନିର୍ମଳଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଚୟନ ହୋଇଥିବା ୩ ଜଣିଆ ଚୟନ କମିଟି ପାଖରେ ଆଶାୟୀ ଆବେଦନ କରିଥିଲେ। ଉକ୍ତ କମିଟିରେ ଆଇନଜୀବୀ ଶରତଚନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ବାବୁ, ଜଗଦୀଶ ନନ୍ଦ ରହିଛନ୍ତି । ତେବେ ବୁଥ୍ ଓ ବ୍ଲକସ୍ତରରୁ ପ୍ରାର୍ଥୀଙ୍କ ପାଇଁ ମତାମତ ଲୋଡାଯିବ । ଦଳ ପକ୍ଷରୁ ଆବେଦନ କରିଥିବା ପ୍ରାର୍ଥୀଙ୍କ ନାମ କିନ୍ତୁ ଗୋପନ ରଖା ଯାଇଛି । ହେଲେ ମିଳିଥିବା ସୂଚନା ଅନୁସାରେ ସମ୍ବଲପୁର ଲୋକସଭା ଆସନ ପାଇଁ ୨ ଜଣ, ସମ୍ବଲପୁର ବିଧାନସଭା ଆସନ ପାଇଁ ୧୦ ଜଣ, ରେଙ୍ଗାଲି ବିଧାନସଭା ଆସନ ପାଇଁ ୧୦ ଜଣ, କୁଚିଣ୍ଡା ବିଧାନସଭା ଆସନ ପାଇଁ ୧୧ ଜଣ ଆବେଦନ କରିଛନ୍ତି । ସେହିପରି ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଶଫ ଅଲୀଖାନଙ୍କ ନାମ ସୁପାରିସ ହୋଇଛି। ଏବେ ଆଉ ୫ ଜଣ ଆଶାୟୀ କମିଟି ପାଖରେ ଆବେଦନ କରିଛନ୍ତି । ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ୩ ଜଣ ପୂର୍ବତନ ବିଧାୟକ ରହିଛନ୍ତି । ପୂର୍ବତନ ରେଙ୍ଗାଲି ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ ପୁଣି ଥରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପାଇଁ ଆବେଦନ କରିଛନ୍ତି । ସେହିପରି କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ପୁଣି କୁଚିଣ୍ଡା ଆସନ ପାଇଁ ଓ ପୂର୍ବତନ ସମ୍ବଲପୁର ବିଧାୟକ ଅଶ୍ୱିନୀ ଗୁରୁ ସମ୍ବଲପୁର ଲୋକସଭା ଆସନ ପାଇଁ ଆବେଦନ କରିଛନ୍ତି । ଫେବୃୟାରୀ ୧ ତାରିଖ ମଧ୍ୟରେ ଜିଲା କଂଗ୍ରେସ କମିଟି, ଚୟନ କମିଟି, ବ୍ଲକ ସଭାପତିଙ୍କ ସୁପାରିସ କ୍ରମେ ପ୍ରତ୍ୟେକ ବିଧାନସଭା ଆସନରୁ ୩ ଜଣ ଲେଖାଏଁ ପ୍ରାର୍ଥୀଙ୍କ ତାଲିକା ପ୍ରଦେଶ କଂଗ୍ରେସ କମିଟି ପାଖକୁ ପଠାଯିବ । ତେଣୁ ଏବେ କଂଗ୍ରେସ ଦଳରେ ଆଶୟୀ ପ୍ରାର୍ଥୀଙ୍କୁ ନେଇ ଛକାପଞ୍ଝା ଆରମ୍ଭ ହୋଇଯାଇଛି । ପ୍ରାର୍ଥୀମାନେ ଲବି କରିବା ଆରମ୍ଭ କରିଦେଇଛନ୍ତି ।

# ଫେବୃୟାରୀ ମାସର କୃଷିସୂଚନା

**ଡାଲୁଅ ଧାନ :** ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ। ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ।

-କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ପତ୍ରରେ ସିଞ୍ଚନ କରନ୍ତୁ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ।

**ମକା :** ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳେ ମାଟିଦେବା ଦରକାର।

- ଫସଲ ବୁଣିବାର ୩୫ରୁ ୪୫ ଦିନ ମଧ୍ୟରେ ଥିବା କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୩୫ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ।

**ଡାଲି ଜାତୀୟ ଫସଲ-**

-ଖରାଦିନେ ଅଧିକ ଅମଳକ୍ଷମ ଡାଲିଜାତୀୟ ଫସଲ ଯଥା- **ମୁଗ କିସମ:** ଆଇ.ପି.ଏମ୍.-୦୨-୧୪ (୬୫ ଦିନ), ଆଇ.ପି.ଏମ୍.-୦୨-୩ (୬୫ ଦିନ), ପି.ଡି.ଏମ୍-୧୧ (୬୫ ଦିନ), ପି.ଡି.ଏମ୍.-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ରୁ ୬୫ ଦିନ) ଓ **ବିରି କିସମ:** ଶାରଳା (୬୫ରୁ ୭୦ ଦିନ), ପି.ୟୁ.-୩୧ (୭୦ ଦିନ), ପି.ୟୁ.-୩୦ (୬୫ରୁ ୭୦ ଦିନ), ପି.ୟୁ.-୩୫ (୬୫ରୁ ୭୦ ଦିନ), ପି.ୟୁ-୧୯(୬୫ରୁ ୭୦ ଦିନ) ବିହନ ସଂଗ୍ରହ କରି ଜମିରେ ବୁଣନ୍ତୁ।

-ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ବିହନକୁ ବିଶୋଧନ କରି ବୀଜାଣୁ କଲ୍‌ଚର ଉପଚାର କରି ଧାଡ଼ିରେ ବୁଣନ୍ତୁ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ:** ଏହି ଫସଲରେ ବିହାରୀ ଶୁଁଆଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍ଡ଼ା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରଦିଅନ୍ତୁ। ଖରାଦିନିଆ ରାଶିକୁ ଫେବୃୟାରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ। ହେକ୍ଟର ପ୍ରତି ୭.୫ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ।

ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), କନକ (୮୫ ଦିନ), କାଳିକା (୮୫ ଦିନ), ଉମା (୭୫ରୁ ୮୦ ଦିନ), ବିନାୟକ (୮୫ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ରୁ ୮୦ ଦିନ ) ଓ ଉଷା (୭୫ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ :** ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

-ପତ୍ରକଟା ପୋକ ଦମନ ଲାଗି ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ସିଞ୍ଚନ କରନ୍ତୁ।

-ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ।

**ଆଖୁ :** ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

**ପନିପରିବା :** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ସକାଶେ ଏକ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଅମଳ କରନ୍ତୁ। ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ। ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ। ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ। ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ।

**ଭେଣ୍ଡି :** କିସମ - ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪।

- ଲଗାଇବା ଦୂରତା ୬୦ ସେ.ମି. X ୩୦ ସେ.ମି.।

- ସାର ପ୍ରୟୋଗ: ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଆବଶ୍ୟକ।

- ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ।

- ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

- ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ଭେଣ୍ଡି ଗଛରେ ଫୁଲ ହେବାର ୭-୮ ଦିନ ପରେ ଫଳଗୁଡ଼ିକ ପାକଳ ହୋଇଥାଏ। ଏହି ସମୟରେ ଫଳ ତୋଳନ୍ତୁ। ପ୍ରତି ୨-୩ ଦିନରେ ଥରେ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଏବଂ ଫଳ ବୁଢ଼ା ହୋଇଯାଇଥାଏ।

**ପୋଟଳ:** ପୋଟଳ ଫସଲରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁ.ପି. କିମ୍ବା ମେଟାଲାକ୍ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ସକାଶେ ଏହା ପ୍ରକୃଷ୍ଟ ସମୟ। ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଫୁଲଚାଷ :** ସେରାକଲ କିସମର ଗେଣ୍ଡୁ ଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ସଢ଼ା ଗୋବରଖତ ସହିତ ୨୦୦ କି.ଗ୍ରା. ଯବକ୍ଷାରଜାନ, ୨୦୦ କି.ଗ୍ରା. ଫସ୍‌ଫରସ୍ ଏବଂ ୨୦୦ କି.ଗ୍ରା. ପଟାସ୍ ଆବଶ୍ୟକ।

- ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ।

- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।

- ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ।

- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ଲାଗି ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡ଼ାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ଗୁଣ୍ଡ ପ୍ରୟୋଗ କରନ୍ତୁ।

**ଗୋପାଳନ :** ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ। ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ। ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ। ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନାଖର୍ଚ୍ଚ କମାଇବା ସହ ଗାଈଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ।

**ଛେଳି ପାଳନ :** ଛେଳିଙ୍କୁ ଏଣ୍ଟରୋଟକ୍ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ। ଏହାର ପ୍ରତିକାର ସକାଶେ ଏଣ୍ଟରୋଟକ୍ସିମିଆ ଟିକା ଦିଅନ୍ତୁ।

**- କୃଷି ବୈଷୟିକ ସୂଚନା କେନ୍ଦ୍ର**
**ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ଓୟୁଏଟି, ଭୁବନେଶ୍ୱର**





## ବାର୍ଡଫ୍ଲୁର ଲକ୍ଷଣ

- ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବାର ସୂଚନା ମିଳିଥାଏ।

- କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଙ୍ଘାଣି ବାହାରିବା ସହିତ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।



## ଖରାଦିନିଆ ପନିପରିବା

ଖରାଦିନିଆ ପନିପରିବା ଯଥା : କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ। ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଉନ୍ନତ କିସମ : ସୁଗାର ବେବି।

- ଅଦିନିଆ ପନିପରିବା ହିସାବରେ ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜର ଚାଷ ସକାଶେ ଉନ୍ନତ ମାନର ମଞ୍ଜି ସଂଗ୍ରହ କରି ଚାରା ଲାଗି ପଟାଳି ପ୍ରସ୍ତୁତ କରନ୍ତୁ। ଚାରା ରୋପଣ ପାଇଁ ଜମି ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ କରନ୍ତୁ।



# ଓଡ଼ିଶାର ଆଦିବାସୀ କୃଷକ ଓ କୃଷି

(ଦ୍ୱିତୀୟ ଭାଗ)

ରାସାୟନିକ ସାରର ବ୍ୟବହାର ଓ ଫସଲର ରୋଗପୋକ ଆଦିର ନିରାକରଣ ଆଦିବାସୀ ଚାଷୀଙ୍କୁ ଜଣାନାହିଁ। କୃଷି ବିଶ୍ୱବିଦ୍ୟାଳୟରୁ ବାହାରିଥିବା ଉନ୍ନତ ଏବଂ ଅଧିକ ଅମଳକ୍ଷମ କିସମ ବିହନ ଆଦିବାସୀ ଚାଷୀମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ଯାନ୍ତ୍ରିକ କୃଷିର ବ୍ୟବହାର ଏମାନଙ୍କୁ ଅଜଣା। ଦେଶୀ କାଠ ଲଙ୍ଗଳ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ୟାନ୍ୟ ଦେଶୀୟ କୃଷି ଯନ୍ତ୍ରପାତି ଦ୍ୱାରା ଚାଷ କରନ୍ତି। ଉପରୋକ୍ତ କାରଣଗୁଡ଼ିକରୁ ଫସଲ ଅମଳ ଆଶାନୁରୂପ ଠାରୁ ଯଥେଷ୍ଟ କମ୍।

ଫଳ ଚାଷ କହିଲେ ମୁଖ୍ୟତଃ ଦେଶୀ କିସମର ଆମ୍ବ ଓ ପଣସକୁ ବୁଝାଏ। କେତେକ ସ୍ଥଳରେ ପାହାଡ଼ ପାଦଦେଶରେ ଆଦିବାସୀମାନେ ସପୁରି ଚାଷ କରିଥାନ୍ତି। ବାହାର ବ୍ୟବସାୟୀମାନେ ଏହି ସବୁ ଫଳକୁ ସ୍ୱଳ୍ପ ମୂଲ୍ୟରେ କିଣି ନେଇ ଚଢ଼ା ଦରରେ ବଜାରରେ ବିକ୍ରିକରି ଲାଭବାନ୍ ହୁଅନ୍ତି। ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲାଗୁଡ଼ିକର ମୃତ୍ତିକା ଓ ଜଳବାୟୁ ଉନ୍ନତ କିସମ ଆମ୍ବ ଯଥା ଆମ୍ରପଲ୍ଲି, ଲାଟସୁନ୍ଦରୀ ଓ ନିଲମ ପାଇଁ ଉପଯୁକ୍ତ। ତେଣୁ ଏସବୁ ଆମ୍ବ କିସମର କଲମି ଚାରା ଆଦିବାସୀ ଚାଷୀଙ୍କୁ ଯୋଗାଇ ଆମ୍ବ ବିକ୍ରିବଟାର ବ୍ୟବସ୍ଥା ହେଲେ, ଚାଷୀମାନେ ବହୁ ଉପକୃତ ହେବେ। ଆଦିବାସୀ ଜିଲାଗୁଡ଼ିକରେ ଫଳ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାରର ସୁବିଧା ପ୍ରାୟ ନାହିଁ। ଫଳରୁ ବିଭିନ୍ନ ସଂରକ୍ଷିତ ପଦାର୍ଥ ଯଥା ଆଚାର, ଫଳରସ, ସସ୍, ଜେଲି, ଆମ୍ବଶଢ଼ା ଆଦିର ପ୍ରସ୍ତୁତି ପ୍ରଣାଳୀ ଆଦିବାସୀଙ୍କୁ ଅଜଣା। ତେଣୁ ଜଙ୍ଗଲର ଅନେକ ଫଳ ପଚି ନଷ୍ଟ ହୁଏ। ଆଦିବାସୀ ଜିଲାରେ ଫଳରୁ ବିଭିନ୍ନ ସଂରକ୍ଷଣ ପଦାର୍ଥ ପ୍ରସ୍ତୁତି ପାଇଁ କ୍ଷୁଦ୍ର କୁଟୀରଶିଳ୍ପ ପ୍ରତିଷ୍ଠା ହେଲେ ଚାଷୀମାନେ ଯଥେଷ୍ଟ ଲାଭବାନ ହୋଇପାରିବେ।

ବିଶିଷ୍ଟ ସର୍ବୋଦୟ ନେତ୍ରୀ ତଥା ସଂଗ୍ରାମୀ ବୈଦେହୀ ପଣ୍ଡାଙ୍କ ମଙ୍ଗଳବାର ସକାଳ ସାଢେ ୬ଟାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ସେ ଗତ କିଛିଦିନ ହେବ ଅସୁସ୍ଥ ଥିଲେ।

ସକାଳ ପ୍ରାୟ ୯ ବେଳେ ଆମ୍ବୁଲାନ୍ସ ଯୋଗେ ତାଙ୍କ ପାର୍ଥିବ ଶରୀରକୁ କଟକ ଜଗତପୁରସ୍ଥିତ ପ୍ରଜ୍ଞାନାନନ୍ଦ ଆଶ୍ରମକୁ ନିଆଯାଇଥିଲା । ପ୍ରଜ୍ଞାନାନନ୍ଦ ଆଶ୍ରମର ପରମହଂସ ପ୍ରଜ୍ଞାନାନନ୍ଦ, ସାଧୁ, ସନ୍ନ୍ୟାସୀ ଓ ଶୋଭନୀୟ ଆନ୍ଦୋଳନର ଲୋକ ସମ୍ପର୍କ ସମ୍ପାଦିକା ଡ: ଅରୁନ୍ଧତୀ ଦେବୀ, ସମ୍ପର୍କୀୟ ବନ୍ଦନା ପଣ୍ଡା, ରବୀନ୍ଦ୍ର ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ବୈଦେହୀଙ୍କ ଶେଷ ଇଚ୍ଛା ଅନୁସାରେ ତାଙ୍କ ମରଶରୀରକୁ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ପ୍ରଦାନ କରାଯାଇଥିଲା । ଶରୀର, ଅଙ୍ଗଦାନ ସମିତି ଅଧକ୍ଷ ପ୍ରଭାସ ଆଚାର୍ଯ୍ୟ ବୈଦେହୀଙ୍କ ମରଶରୀରକୁ ଗ୍ରହଣ କରି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ।

୧୯୩୨ ମସିହାରେ ଭଦ୍ରକ ଜିଲା ଧାମନଗର ବ୍ଲକ୍ ଲୁଣିଆ କଟସାହି ଗାଁରେ ବୈଦେହୀଙ୍କ ଜନ୍ମ। ବାପା ପ୍ରାଣବନ୍ଧୁ ପଣ୍ଡା ଓ ମା' ହାରାମଣି ଦେବୀଙ୍କ ସ୍ନେହ ଆଦରରେ ସେ ବଢ଼ିଥିଲେ। ସେତେବେଳେ ବାଲ୍ୟ ବିବାହ ପ୍ରଥା ଅନୁସାରେ ତାଙ୍କୁ ବିବାହ କରିବାକୁ ପଡିଥିଲା । ମାତ୍ର ୯ ବର୍ଷ ବୟସରେ ଯେତେବେଳେ ସେ ୩ୟ ଶ୍ରେଣୀରେ ପଢୁଥିଲେ ତାଙ୍କୁ ବୈଧବ୍ୟର ଶିକାର ହେବାକୁ ପଡିଥିଲା। ବହୁ ଘାତ ପ୍ରତିଘାତ ଭିତରେ ତାଙ୍କ ବାକି ଜୀବନ କଟିଥିଲା। ବଡ ଭାଇ ସ୍ୱାଧୀନତା ସଂଗ୍ରାମୀ ମୁରଲୀଧର ପଣ୍ଡାଙ୍କ ସଂସ୍ପର୍ଶରେ ଆସି ରମା ଦେବୀ, ଗୋପବନ୍ଧୁ ଚୌଧୁରୀ, ଜୟପ୍ରକାଶ ନାରାୟଣ, ଜବାହରଲାଲ ନେହେରୁ, ଭୂଦାନ ଆନ୍ଦୋଳନର ପୁରୋଧା ବିନୋବା ଭାବେଙ୍କ ପରି ମନିଷୀମାନଙ୍କ ସହ ତାଙ୍କର ପରିଚିତ ହୋଇଥିଲା। ଶେଷରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଏକଦା ସେ ଜଣେ ନର୍ସ ମଧ ଥିଲେ। ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳର ଏକ ଆରୋଗ୍ୟ କେନ୍ଦ୍ରରେ କାମ କରିଥିଲେ। ମଧ୍ୟପ୍ରଦେଶର ଚମ୍ବଲରେ ଦୀର୍ଘ ୧୮ ବର୍ଷ ରହି ସେଠାକାର ଡାକୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ମଧ ବୈଦେହୀଙ୍କ ଯଥେଷ୍ଟ ଉଦ୍ୟମ ରହିଥିଲା। ଶେଷ ସମୟରେ ସେ କେନ୍ଦ୍ରାପଡ଼ା କଦଳୀବଣସ୍ଥିତ ହରିହରାନନ୍ଦ ଗୁରୁକୁଳମ, କଟକ ଜଗତପୁର ପ୍ରଜ୍ଞାନାନନ୍ଦ ଆଶ୍ରମ ଓ ଶୋଭନୀୟ ଆନ୍ଦୋଳନର ଅନ୍ତେବାସୀଙ୍କ ସହ ସମୟ କାଟୁଥିଲେ। କିଛି ଦିନ ତଳେ ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ ହରିହରାନନ୍ଦ ଗୁରୁକୁଳମ ଓ ପ୍ରଜ୍ଞାନାନନ୍ଦ ଆଶ୍ରମ ପକ୍ଷରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରିଛନ୍ତି। ସେହିପରି ଶୋଭନୀୟ ଆନ୍ଦୋଳନର ନିୟନ୍ତ୍ରିକା ରୁକ୍ମିଣୀ ଦେବୀ, ସମ୍ପାଦିକା ସତ୍ୟଭାମା ଦେବୀ, ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲୀ, କବି ଓ ରାଜନେତା ଶଙ୍କର୍ଷଣ ପରିଡା, ପୂର୍ବତନ ବିଧାୟକ ବିଷ୍ଣୁଚରଣ ସେଠୀ, ଅଶୋକ ପୁହାଣ, ବୈକୁଣ୍ଠନାଥ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ ଗଭୀର ଶୋକ ପ୍ରକାଶ କରିଛନ୍ତି।

### କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

# ପୁରସ୍କାର ଗ୍ରହଣ ଉତ୍ସବରେ ଯୋଗ ଦେଇପାରିଲେନି ଦାଶରଥି



**ନୂଆଦିଲ୍ଲୀ,୨୯।୧–**ଖ୍ୟାତନାମା ଓଡ଼ିଆ ସମାଲୋଚକ ପ୍ରଫେସର ଦାଶରଥି ଦାସଙ୍କୁ ଓଡ଼ିଶାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର–୨୦୧୮ରେ ସମ୍ମାନିତ କରାଯିବ। ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସେ ଅସୁସ୍ଥତା କାରଣରୁ ଉପସ୍ଥିତ ହୋଇପାରି ନ ଥିଲେ। ତେଣୁ ଓଡ଼ିଶାରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସାହିତ୍ୟ ଏକାଡେମୀ ସମ୍ପାଦକ କେ. ଶ୍ରୀନିବାସ ଜଣାଇଛନ୍ତି। ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତାଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏପରି କି ଆବଶ୍ୟକ ପଡ଼ିଲେ ତାଙ୍କୁ ତାଙ୍କ ଘରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପୁସ୍ତକ ପାଇଁ ପ୍ରଫେସର ଦାସଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଛି।

DSPL-376



ଓଡ଼ିଶା ସରକାର

ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ
୩୦ ଜାନୁଆରୀ ୨୦୧୯

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପବିତ୍ର ମହାପ୍ରୟାଣ ଦିବସରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ପାଳନ କରାଯାଉଛି ।

ମହାତ୍ମା ଗାନ୍ଧୀ କୁଷ୍ଠ ରୋଗୀମାନଙ୍କର ନିଜେ ସେବା ଶୁଶ୍ରୁଷା କରିବା ସହିତ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ପରାମର୍ଶ ଦେଉଥିଲେ । ଆସନ୍ତୁ ଆମେ ସମସ୍ତେ ବାପୁଙ୍କର ମହାନ୍ ଆଦର୍ଶରେ ଅନୁପ୍ରାଣିତ ହୋଇ କୁଷ୍ଠ ମୁକ୍ତ ଭାରତ ଗଠନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।

- ଅନ୍ୟ ରୋଗ ଭଳି କୁଷ୍ଠରୋଗ ଏକ ସାଧାରଣ ଜୀବାଣୁ ଜନିତ ରୋଗ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍‌କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଲି ସୃଷ୍ଟି ହେବା ।
- ହାତ, ଗୋଡ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦରେ ମାଂସପେଶୀ ଦୁର୍ବଳ ଲାଗିବା ହେଉଛି କୁଷ୍ଠରୋଗର ପ୍ରାଥମିକ ଲକ୍ଷଣ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ ଏବଂ ଏହା ସବୁ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ ।

ଉପରୋକ୍ତ ଲକ୍ଷଣ ଦେଖାଦେଲେ ସଙ୍ଗେସଙ୍ଗେ ନିକଟସ୍ଥ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗ ନିର୍ଣ୍ଣୟ ଓ ଚିକିତ୍ସାପାଇଁ ପରାମର୍ଶ କରନ୍ତୁ ।

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0101/1819
facebook.com/HFWOdisha http://www.health.odisha.gov.in/ @HFWOdisha

DADLS-260



ରାଜ୍ୟସ୍ତରୀୟ ଶହୀଦ ଦିବସ
୩୦ ଜାନୁଆରୀ ୨୦୧୯

ସମୟ – ପୂର୍ବାହ୍ଣ ଘ.୧୦.୪୩ ମି.
ସ୍ଥାନ : ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା

ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ
ଏବଂ
ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ମାନ୍ୟବର ବିଧାୟକଗଣ ଏବଂ ସ୍ୱାଧୀନତା ସଂଗ୍ରାମୀ ତଥା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବେ ।
ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଆଶ୍ରମ ଭଜନ ପରିବେଷଣ କରାଯିବ ।

ଉପରୋକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେବାକୁ ଅନୁରୋଧ ।

ଅତିରିକ୍ତ ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0563/1819

DADLS-261



ରାଜ୍ୟସ୍ତରୀୟ ଶହୀଦ ଦିବସ
୩୦ ଜାନୁଆରୀ ୨୦୧୯

ସମୟ – ପୂର୍ବାହ୍ଣ ୧୧ ଘଟିକା
ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ଆସର, ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଶିଳ୍ପୀ ଶିବିର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା — ସ୍ଥାନ – ଜୟଦେବ ଭବନ

ମୁଖ୍ୟଅତିଥି — ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସମ୍ମାନିତ ଅତିଥି — ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ମୁଖ୍ୟବକ୍ତା — ଡକ୍ଟର ପାବକ କାନୁନ୍‌ଗୋ, ବିଶିଷ୍ଟ ସାହିତ୍ୟିକ
ସଭାପତି — ଶ୍ରୀଯୁକ୍ତ ବିଜୟ କୁମାର ନାୟକ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସୁର ଭାଇବ୍ରେସନ ମ୍ୟୁଜିକାଲ୍ ଗ୍ରୁପ ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ଡଃ ଜୟଶ୍ରୀ ଧଳ, ମମତାମୟୀ ବିଶ୍ୱାଳ, ବିଶ୍ୱ ଇରାନିଆନ୍ ମହାନ୍ତି, ଆକାଶ ନାୟକ, ହୃଦାନନ୍ଦ ପ୍ରଧାନ ଓ ସୋମା କର୍ମାକରଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ।

ଉପରୋକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେବାକୁ ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଏବଂ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

15001/13/0564/1819

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଜାନୁୟାରୀ ୩୦/୨୦୧୯ Sambalpur, Wednesday, January 30/ 2019

## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ

**ସୋନପୁର,୨୯।୧(ନି.ପ୍ର.)**-ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଏସବିଆଇର ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ ହୋଇଥିଲା। ତେବେ ଦୁର୍ବୃତ୍ତମାନେ ଲକରକୁ ଭାଙ୍ଗି ପାରି ନାହାନ୍ତି। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏଟିଏମ କାଉଣ୍ଟରର ଡୋର ଗ୍ଲାସ ଓ ଫ୍ରଣ୍ଟ ଏଲସିଡିକୁ ଭାଙ୍ଗିଥିଲେ। ମଙ୍ଗଳବାର ଏ ସମ୍ପର୍କରେ ଜଣାପଡିବା ସୋନପୁର ପୋଲିସ ଏସଡିପିଓ ମିହିର କୁମାର ପଣ୍ଡା ଓ ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଷ୍ଟେଟ୍‌ବ୍ୟାଙ୍କର ଜିଲା ମୁଖ୍ୟ ପରିଚାଳକ ଦିଲୀପ ଦାସଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ବୁଧବାର ଭୁବନେଶ୍ୱରରୁ ଇଞ୍ଜିନିୟର ଆସି ପହଞ୍ଚିବେ। ଏହି ବୈଷୟିକ ଟିମ୍ ଆସିଲା ପରେ ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିବ ବୋଲି ଜଣାପଡିଛି ।

■ ଅପରେଶନ ସମାଧାନକୁ ବିରୋଧ

# ବିଜୁ ଗାଁ ଗାଡ଼ିରେ ପୋଷ୍ଟର ଲଗାଇଲେ ମାଓବାଦୀ

**ନୂଆପଡା ଅଫିସ,୨୯।୧**

ନିରୀହ ଜନସାଧାରଣ ଏବଂ କ୍ରାନ୍ତିକାରୀ ଆନ୍ଦୋଳନ ବିରୋଧରେ ରାଜ୍ୟ ଏବଂ କେନ୍ଦ୍ର ସରକାର ଆରମ୍ଭ କରିଥିବା ଅପରେଶନ ସମାଧାନକୁ ମାଓବାଦୀ ସଙ୍ଗଠନ ତୀବ୍ର ବିରୋଧ କରୁଛି । ଏହାକୁ ସମର୍ଥନ କରିବା ସହ ଆସନ୍ତା ୩୧ ତାରିଖ ଭାରତ ବନ୍ଦରେ ସାମିଲ ହେବାକୁ ପୋଷ୍ଟର ମାଧ୍ୟମରେ ମାଓବାଦୀ ଓଡିଶା ରାଜ୍ୟ କମିଟି ଆହ୍ୱାନ କରିଛି । ମଙ୍ଗଳବାର ନୂଆପଡ଼ା ଜିଲା ବୋଡେନ ବ୍ଲକ ଭଇଁଷାଦାନୀ ଗ୍ରାମପଞ୍ଚାୟତରୁ ଚାଲୁଥିବା ବିଜୁ ଗାଁ ଗାଡି ଏକ୍ସପ୍ରେସ ବସରେ ମାଓବାଦୀମାନେ ପୋଷ୍ଟର ମାରି ଏହି ବର୍ତ୍ତା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ବୋଡେନ ବ୍ଲକ ଭଇଁଷାଦାନୀଠାରୁ ଖରିଆରରୋଡକୁ ଚାଲୁଥିବା ବିଜୁ ଗାଁ ଗାଡି ଏକ୍ସପ୍ରେସ ବସ ଭଇଁଷାଦାନୀ ଗାଁ ସ୍କୁଲ ନିକଟରେ ରାତିରେ ରହିଥାଏ । ସବୁଦିନଭଳି ସୋମବାର ରାତିରେ ବସ ପହଞ୍ଚିବା ପରେ ହେଲପର ଓ ଡ୍ରାଇଭର ଗାଡି ସେଠାରୁ ରଖି ବସ୍ତିକୁ ଚାଲିଯାଇଥିଲେ । ରାତି ୯ରୁ ୧୦ଟା ମଧ୍ୟରେ ୭ରୁ ୮ଜଣ ସଶସ୍ତ୍ର ମାଓବାଦୀ ଆସି ଗାଡିରେ ପୋଷ୍ଟର ମାରିଥିଲେ । ବସର ଚତୁଃପାର୍ଶ୍ୱରେ ବିଭିନ୍ନ ରଙ୍ଗର କାଳିରେ ଲେଖିଥିଲେ। ଏଥିରେ ଅପରେଶନ ସମାଧାନକୁ ବିରୋଧ, ଫାସିବାଦ, ସହରୀ ମାଓବାଦୀ ଆରୋପକୁ ବିରୋଧ କରିବା ସହ ୩୧ ଜାନୁୟାରୀ ଭାରତ ବନ୍ଦକୁ ସମର୍ଥନ କରିବାକୁ ଉକ୍ତ ପୋଷ୍ଟରେ ଉଲ୍ଲେଖ ରହିଛି । ଏସବୁକୁ ପୋଷ୍ଟରକୁ ନ ଖୋଲିବାକୁ ମାଓବାଦୀମାନେ ବସ କର୍ମଚାରୀଙ୍କୁ ତାଗିଦ କରିଥିଲେ । ବସ ସେଠାରୁ ବାହାରି ବୋଡେନରେ ପହଞ୍ଚିଥିଲା । ସେଠାରେ ଥାନା ତରଫରୁ ଅଟକାଇ ପୋଷ୍ଟର ସବୁ କାଢିଦେବା ସହ ସ୍ଲୋଗାନଗୁଡିକୁ ଲିଭାଇ ଛାଡିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ଯେ, ଆଜକୁ ୩ ବର୍ଷ ହେବ ମାଓବାଦୀ ପ୍ରବଣ ଅଞ୍ଚଳକୁ ଜିଲା ମୁଖ୍ୟାଳୟ ସହ ସଂଯୋଗ କରିବାକୁ ସରକାର ବିଜୁ ଗାଁ ଗାଡି ଯୋଜନାରୁ ଏକ୍ସପ୍ରେସ ବସ ସେବା ଆରମ୍ଭ କରିଥିଲେ । ଏହି ବସ ସକାଳ ସାଢେ ୬ଟାରୁ ଭଇଁଷାଦାନୀରୁ ବାହାରି ପୂର୍ବାହ୍ନ ୧୧ଟା ୧୫ ମିନିଟରେ ଖରିଆରରୋଡରେ ପହଞ୍ଚିଥାଏ । ସେହିଭଳି ଜିଲାର ବିଭିନ୍ନ ଦୁର୍ଗମ ଅପହଞ୍ଚ ଇଲାକାକୁ ମୋଟ ୬ଟି ବସ ଚାଲିଥାଏ ।



ମାଓବାଦୀ ବ୍ୟାନର ପୋଷ୍ଟର ଲଗାଯାଇଥିବା ବିଜୁ ଗାଁ ଗାଡି ଏକ୍ସପ୍ରେସ ବସ୍ ।

■ଜାନୁୟାରୀ ୩୧ରେ ଭାରତ ବନ୍ଦ ଡାକରା

■ମାଓବାଦୀ ଓଡ଼ିଶା ଡିଭିଜନ

# ପଶ୍ଚିମ ଓଡ଼ିଶା ବନ୍ଦ ଘଟଣା: ସରକାରଙ୍କ ସତ୍ୟପାଠ ଦାଖଲ

**କଟକ ଅଫିସ, ୨୯।୧**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସେଠାରେ ଆନ୍ଦୋଳନ ଚାଲିଛି। ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହୁଛି। ଏହି ଘଟଣାରେ ହାଇକୋର୍ଟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଥିଲେ। ମଙ୍ଗଳବାର ମାମଲାର ଶୁଣାଣିବେଳେ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସୁଭକାନ୍ତ ମିଶ୍ର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ସତ୍ୟପାଠରେ ସେ ଉଲ୍ଲେଖ କରିଛନ୍ତି ଯେ, ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାରେ ବନ୍ଦ ଯୋଗୁ ସୃଷ୍ଟ ଆଇନଶୃଙ୍ଖଳା ପରିସ୍ଥିତିକୁ ସ୍ୱାଭାବିକ ରଖିବା ପାଇଁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଛି। କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଲେ କୌଣସି ସ୍ଥାନରେ ହିଂସାକାଣ୍ଡ ହୋଇନାହିଁ। କେବଳ ଆନ୍ଦୋନକାରୀମାନେ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ ପଶି ପୋଡ଼ାଜଳା କରିଥିଲେ। ଉକ୍ତ ଘଟଣାକୁ ନେଇ ଥାନାରେ ମାମଲା ରୁଜୁ କରାଯାଇଛି। ସେହିପରି କେବଳ ପଶ୍ଚିମ ଓଡ଼ିଶା ନୁହେଁ, ଦକ୍ଷିଣ ଓଡ଼ିଶାରେ ମଧ୍ୟ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବା ସତ୍ୟପାଠରେ ମିଶ୍ର ଉଲ୍ଲେଖ କରିଛନ୍ତି। ଏପରିକି ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥିବା ସତ୍ୟପାଠରେ କୁହାଯାଇଛି। ଫେବୃୟାରୀ ୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉକି, ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି କରି ପଶ୍ଚିମ ଓଡ଼ିଶା ଓକିଲ ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଯୋଗୁ ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ସହିତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ହୋଇ ପଡ଼ିଥିଲା। ଏହାକୁ ଚ୍ୟାଲେଞ୍ଜ କରି ଆଡ୍‌ଭୋକେଟ ଶିବ ଶଙ୍କର ମହାନ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ।






# ଛୁରି ଭୁସି ଯୁବକଙ୍କୁ ହତ୍ୟା





ମୃତ ପ୍ରତାପଙ୍କ ଫାଇଲ ଫଟୋ (ବାମ)। ଗିରଫ ୩ ଅଭିଯୁକ୍ତ।

**ବଲାଙ୍ଗୀର ଅଫିସ,୨୯।୧**–ସୋମବାର ବିଳମ୍ବିତ ରାତିରେ ବଲାଙ୍ଗୀର ଏଫ୍‌ସିଆଇ ଗୋଦାମ ବ୍ରିଜ୍ ନିକଟରେ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ପ୍ରସାର ନିର୍ବାହୀଙ୍କୁ ଦୁର୍ବୃତ୍ତମାନେ ଛୁରି ଭୁସି ହତ୍ୟା କରିଛନ୍ତି। ମୃତକ ହେଲେ ଜଗତସିଂହପୁର ଜିଲା କୁଜଙ୍ଗ ଥାନା ଗଣ୍ଡକିପୁରର ପ୍ରତାପ ଚନ୍ଦ୍ର ମହାପାତ୍ର (୩୪)। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତେଲିଗୋଠପଡ଼ାର ସ୍ୱାଧୀନ ମେହେର (୨୩), ହାତୀପଡ଼ାର ତପନ ନାଏକ (୨୪) ଓ ତୋଫାନ ନାଗ (୩୩)। ବୁଧବାର ଏମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ଏହି ଘଟଣାକୁ ନେଇ ଆଦର୍ଶ ଟାଉନ ଥାନାରେ ଏକ ମାମଲା (ନଂ. ୩୩/୧୯) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ପ୍ରତାପ ସୋମବାର ରାତି ପ୍ରାୟ ସାଢ଼େ ୧୧ଟାରେ କୌଣସି ଏକ ଟ୍ରେନ୍‌ରେ ଆସି ବଲାଙ୍ଗୀର ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ତାଙ୍କ ନିକଟରେ ଏକ ବ୍ୟାଗ୍ ଥିଲା। ସେଠାରୁ ଚାଲି ଚାଲି ତାଙ୍କ ଅଫିସକୁ ଆସୁଥିବାବେଳେ ବ୍ରିଜ୍ ନିକଟରେ ୩ ଅଭିଯୁକ୍ତ ତାଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ପ୍ରଥମେ ତାଙ୍କୁ ପାଣି ମାଗିଥିଲେ। ଏହାପରେ ସମୟ ପଚାରିଥିଲେ। ପ୍ରତାପ ମୋବାଇଲ ବାହାର କରି ସମୟ କହିବା ବେଳକୁ ଦୁର୍ବୃତ୍ତମାନେ ମୋବାଇଲ୍ ଛଡ଼ାଇ ନେଇ ଲୁଟ୍‌ପାଟ କରିଥିଲେ। ପରେ ସେମାନେ ପ୍ରତାପଙ୍କ ଛାତି ଓ ପେଟରେ ଛୁରି ଭୁସି ଦେଇଥିଲେ। ସୂଚନା ପାଇ ପିସିଆର୍ ଟିମ୍ ଓ ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ପ୍ରତାପଙ୍କୁ ମେଡିକାଲ କଲେଜ ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଅପରାହ୍ନରେ ପ୍ରତାପଙ୍କ ପରିବାର ଲୋକେ ବଲାଙ୍ଗୀରରେ ପହଞ୍ଚିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ପ୍ରତାପ ପ୍ରାୟ ଅଢ଼େଇବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଦେଢ଼ବର୍ଷର ଝିଅଟିଏ ଅଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ଶତପଥୀ



ଜଣେ ବଦନାମ୍ ହୋଇଗଲା ପରେ ଚାରି ଚାରି ମିଶିଲେ ଆଠ ହୁଏ ବୋଲି
ସେ କହିଲେ ମଧ ଲୋକେ ସହଜରେ ବିଶ୍ୱାସ କରନ୍ତି ନାହିଁ।
-ଜନ୍ ଟିଲୋଟ୍‌ସନ



## ସଂକ୍ଷେପରେ

### ଜୁନିୟର କଲେଜର ବାର୍ଷିକ କ୍ରୀଡ଼ା

**ସୋହେଲା,୨୯।୧(ଡି.ଏନ୍.ଏ.)-** ବରଗଡ଼ ଜିଲା ସୋହେଲା ଜୁନିୟର କଲେଜ(ଯୁକ୍ତ ୨କଲେଜ)ର ବାର୍ଷିକ କ୍ରୀଡ଼ା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଈଶ୍ୱର ଚନ୍ଦ୍ର ସାହୁ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଚିକିତ୍ସକ ଡା. ଶିଶିର କୁମାର ସାହୁ ଯୋଗଦେଇ ଶୃଙ୍ଖଳିତ କ୍ରୀଡା ଓ ସ୍ୱାସ୍ଥ୍ୟ ସଚେତନ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। କ୍ରୀଡ଼ା ସଂସଦ ଉପସଭାପତି ପ୍ରାଧାପକ ପ୍ରଫୁଲ୍ଲ ମିଶ୍ର, ପ୍ରାଧାପକ କୈଳାସ ଚନ୍ଦ୍ର ସାହୁ, ଡ. ରମେଶ ଚନ୍ଦ୍ର ସୁପକାର, ଉପେନ୍ଦ୍ର ମହାପାତ୍ର, ପ୍ରମୋଦ ହୋତା, ରଘୁମଣି ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଉପେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଯୋଗିତାରେ ବାଳକ ବର୍ଗରେ ଯୁକ୍ତ ୨ପ୍ରଥମ ବର୍ଷ କଳା ଛାତ୍ର ଯଶୋବନ୍ତ ବିଶି ଚାମ୍ପିୟନ ହୋଇଥିବା ବେଳେ ବାଳିକା ବର୍ଗରେ ଯୁକ୍ତ ଦୁଇ ବାଣିଜ୍ୟ ଦ୍ୱିତୀୟ ବର୍ଷ ଛାତ୍ରୀ ପଙ୍କଜିନୀ ବରିହା ଚାମ୍ପିୟନ ବିବେଚିତ ହୋଇଥିଲେ। ଖେଳ ଶିକ୍ଷକ ସୁଦାମ ବାରିକ, ପ୍ରଦୋଷ ଭୋଇ, ନୀଳମଣୀ ପଧାନ, ଟିଙ୍କୁ ପଧାନ, ସୁଶାନ୍ତ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅଧକ୍ଷ ସାହୁ ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସମସ୍ତ କୃତୀ ପ୍ରତିଯୋଗରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧାପକ ପ୍ରଫୁଲ୍ଲ ମିଶ୍ର ବିବରଣୀ ପାଠ କରିଥିଲେ। ମହମ୍ମଦ ଇକବାଲ ଖେରାନୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବସନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ

**ସୋହେଲା,୨୯।୧(ଡି.ଏନ୍.ଏ.)-** ସୋହେଲା ବ୍ଲକ କନଗାଁ ପଞ୍ଚାୟତ ଅଧୀନ ବେହେରାପାଲି ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସରସ୍ୱତୀ ପୂଜା ଅବସରରେ ୩ ଦିନ ଧରି ଆୟୋଜିତ ହେଉଥିବା ବସନ୍ତ ମହୋତ୍ସବ ଉପଲକ୍ଷେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ବାରିକ ସଭାପତିତ୍ୱ କରିଥିଲେ। ପୂଜା କମିଟି କୋଷାଧକ୍ଷ ମହେନ୍ଦ୍ର ସା ଗତ ବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ସଭାରେ ଡିଲେଶ୍ୱର ସାହୁ, ହୀରାଧର ମେହେର, ପ୍ରେମରାଜ ସାହୁ, ଦାଶରଥି ସାହୁ, ହେମସାଗର ସାହୁ, ବଲ୍ଲଭ ସାହୁ, ଫକୀର ଭୁଏ, ଶ୍ରଦ୍ଧାକର ଭୁଏ ପ୍ରମୁଖ ମତ ରଖିଥିଲେ।

### ଅଳିଆଗଦାରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ବିଜେପୁର,୨୯।୧(ଡି.ଏନ.ଏ)-** ବିଜେପୁର ଥାନା ଲାଉମୁଣ୍ଡା ନିକଟ ରାହାସପୁର ଗ୍ରାମର ଏକ ଅଳିଆଗଦାରୁ ମଙ୍ଗଳବାର ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ଗ୍ରାମର ଏକ ଘରୋଇ କ୍ଲିନିକ ନିକଟ ଅଳିଆଗଦାରେ ଶିଶୁ ପୁତ୍ରଟି ପଡ଼ିଥିବା ବେଳେ ସୁଇପର ଜଣକ ଦେଖି ଉଦ୍ଧାର କରିଥିଲେ। ପରେ ଶିଶୁପୁତ୍ରକୁ ବିଜେପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାପରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଖଇର କାଠ ବୋଝେଇ ଟ୍ରକ ଜବତ

**ବରଗଡ଼ ଅଫିସ୍,୨୯।୧-** ବରଗଡ଼ ଜିଲା ବରପାଲି ଥାନା ପୋଲିସ ମଙ୍ଗଳବାର ଖଇର କାଠଗଣ୍ଡି ବୋଝେଇ ଏକ ଟ୍ରକ(ନଂ-ସିଜି୦୪ଜି ୮୮୧୫)କୁ ଧରିବାରେ ସଫଳ ହୋଇଛି। ଜବତ ଟ୍ରକକୁ ପୋଲିସ ସ୍ଥାନୀୟ ବନବିଭାଗକୁ ହସ୍ତାନ୍ତର କରିଛି। ଟ୍ରକ ଡ୍ରାଇଭର ରାଜକୁମାର ସିଂ(୨୩) ଏବଂ ରିସୁ ସିଂ(୨୨)ଙ୍କୁ ବନ ବିଭାଗ ଅଟକ ରଖି ପଚରାଉଚୁରା ଚଳାଇଛି। ଅଟକ ଯୁବକଦ୍ୱୟ ବିହାର ରାଜ୍ୟର ବୋଲି ଜଣାପଡିଛି।

### ଜଳାଶୟରୁ ସମ୍ବର ଉଦ୍ଧାର

**ପଦ୍ମପୁର,୨୯।୧(ଡି.ଏନ.ଏ)-** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗଡ଼ଭାଟି ଗ୍ରାମରୁ ମଙ୍ଗଳବାର ଏକ ସମ୍ବର ଉଦ୍ଧାର କରାଯାଇଛି। ଜଳାଶୟକୁ ଲାଗି ରହିଥିବା ଏକ ବୁଦାରେ ସମ୍ବରଟି ଫଶି ରହିଥିଲା। ଅଗ୍ନିଶମ ବାହିନୀ ଓ ବନବିଭାଗ କର୍ମଚାରୀ ପହଞ୍ଚି ସମ୍ବରକୁ ଉଦ୍ଧାର କରିଥିଲେ। ଉଦ୍ଧାର ସମ୍ବର ବନବିଭାଗ ହେପାଜତରେ ରହିଛି। ସୁସ୍ଥ ହେବା ପରେ ତାକୁ ଗନ୍ଧମାର୍ଦ୍ଦନରେ ଛାଡ଼ି ଦିଆଯିବ ବୋଲି ବନ କର୍ମଚାରୀମାନେ କହିଛନ୍ତି।

# ମଣ୍ଡି ବନ୍ଦ : ଚାଷୀ ହଟହଟା

**ବରଗଡ଼ ଅଫିସ୍,୨୯।୧**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଅବଧି ସରିନାହିଁ। ଅନ୍ୟପକ୍ଷେ ଜିଲାର ବିଭିନ୍ନ ସ୍ଥାନରେ ରହିଥିବା ମଣ୍ଡିଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଫଳରେ ଚାଷୀମାନେ ଅମଳ ଧାନକୁ ବିକ୍ରି କରି ପାରିନାହାନ୍ତି। ଧାନ ଖଳାରେ ପଡିଥିବା ବେଳେ ଶୀତ, କାକରରେ ଜଗିବା ପାଇଁ ଚାଷୀ ବାଧ ହେଉଛି। ଜିଲାର ଗାଇସିଲେଟ ବ୍ଲକ ଅଧୀନ ଗାଇସିଲେଟ୍ ଏବଂ ଚାଣ୍ଟିପାଲି ଅଞ୍ଚଳର ଚାଷୀମାନେ ଅନୁରୂପ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅଭିଯୋଗ ନେଇ ମଙ୍ଗଳବାର ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ନ ଥିବାରୁ ଚାଷୀମାନେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସମସ୍ୟା ନେଇ ଅତିରିକ୍ତ ଜିଲାପାଳ (ଏଡିଏମ୍) ତପିରାମ ମାଝି, ଜିଲା ଯୋଗାଣ ଅଧିକାରୀ(ସିଏସଓ) ଶ୍ରୀକର ମାଝିଙ୍କ ସହ ଆଲୋଚନା କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।



ମଣ୍ଡି ଖୋଲିବା ଦାବିରେ ଚାଷୀମାନେ ସିଏସ୍‌ଓ ଏବଂ ଏଡ଼ିଏମଙ୍କୁ ଭେଟୁଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗାଇସିଲେଟ ଓ ଚାଣ୍ଟିପାଲି ଗ୍ରାମର ଅନେକ ଚାଷୀ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଅମଳ ଧାନ ବିକ୍ରି କରି ପାରିନାହାନ୍ତି। ହେଲେ ଗତ ୨୦ତାରିଖରୁ ଅଞ୍ଚଳରେ ଖୋଲାଯାଇଥିବା ଧାନମଣ୍ଡିଗୁଡିକୁ ବନ୍ଦ କରି ଦିଆଯାଇଛି। ଫଳରେ ଚାଷୀମାନେ ଧାନ ବିକ୍ରି କରି ନ ପାରି ନିରାଶ ହୋଇ ପଡିଛନ୍ତି। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ମୀନକେତନ ସାହୁ, ଫାଇଟ୍ ଅନ ରାଇଟ୍‌ର ଇଂ. ଦେବବ୍ରତ ମିଶ୍ର, ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

# ଆଜି ବିଜେଡିର ଦସ୍ତଖତ ଅଭିଯାନ

**ବୌଦ୍ଧ,୨୯।୧ (ସ୍ୱ.ପ୍ର.)**

କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ବାରମ୍ବାର ବିଭିନ୍ନ ଯୋଜନାରେ ଅନୁଦାନ ହ୍ରାସ କରି ରାଜ୍ୟସରକାରଙ୍କୁ ଅଡୁଆରେ ପକାଇବାକୁ ଉଦ୍ୟମ କରିଆସୁଥିବା ବେଳେ ଏଥିରୁ ଛାତ୍ରଛାତ୍ରୀମାନେ ମଧ ବାଦ ପଡିନାହାନ୍ତି। କେନ୍ଦ୍ର ସରକାର ବିକାଶ ନାମରେ କୁମ୍ଭିର କାନ୍ଦଣା କାନ୍ଦୁଥିବା ବେଳେ ଓଡ଼ିଶା ଭଳି ଗରିବ ରାଜ୍ୟର ଅନୁସୂଚିତ ଛାତ୍ରୀଛତ୍ରୀଙ୍କ ବୃତ୍ତି ଅନୁଦାନ ହ୍ରାସ କରି ନିଜ ଅସଲ ପରିଚୟ ଦେଖାଇଛନ୍ତି ବୋଲି ଜିଲା ଯୁବଛାତ୍ର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ବୌଦ୍ଧ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ସରକାର ପୂର୍ବରୁ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ପାଇଁ ୯୦ ପ୍ରତିଶତ ଅନୁଦାନ ଛାତ୍ରବୃତ୍ତି ଆକାରରେ ରାଜ୍ୟ ସରକାରଙ୍କୁ ଯୋଗାଇ ଦେଉଥିଲେ। ଏନେଇ ୨୦୧୬-୧୭ରେ ୨୧୫.୮୦ କୋଟି କେନ୍ଦ୍ର ସରକାର ପ୍ରଦାନ କରିଥିବା ବେଳେ ରାଜ୍ୟ ସରକାର ୨୨.୪୮ କୋଟି ଟଙ୍କା ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ଏହି ବ୍ୟବସ୍ଥାକୁ ପରିବର୍ତ୍ତନ କରି ୮୦ ପ୍ରତିଶତ ଆର୍ଥିକ ବୋଝ ରାଜ୍ୟସରକାରଙ୍କ ଉପରେ ଲଦି ମାତ୍ର ୨୦ପ୍ରତିଶତ ଅର୍ଥ ଅନୁଦାନ ଯୋଗାଇଦେଇଛନ୍ତି। ଫଳରେ ରାଜ୍ୟସରକାରଙ୍କୁ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାବୃତ୍ତି ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୨୩୮.୨୮ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡିବ। ରାଜ୍ୟରେ ପ୍ରାୟ ୨ ଲକ୍ଷ ଅନୁସୂଚିତ ଜାତି ଛାତ୍ରୀଛାତ୍ର ଶିକ୍ଷାବୃତ୍ତି ସହାୟତାରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ବେଳେ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ସେମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଥିବା ଜିଲା ଯୁବଛାତ୍ର ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଜିଲା ଯୁବଛାତ୍ର ବିଜେଡି ପକ୍ଷରୁ ୩୦ତାରିଖରୁ ୫ ଦିନ ପର୍ଯ୍ୟନ୍ତ ଦସ୍ତଖତ ଅଭିଯାନ କରାଯିବ। ଏହି ଦସ୍ତଖତ ଅଭିଯାନରେ ୨୦ ହଜାର ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯିବାକୁ ଲକ୍ଷଧାର୍ଯ୍ୟ କରାଯାଇଛି। ଏହି ଅଭିଯାନରେ ଅଧିକ ଅଧିକରୁ ଯୁବଛାତ୍ର ବିଜେଡି କର୍ମୀ ସାମିଲ ହେବାକୁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସମ୍ମିଳନୀରେ ବିଜେଡିର ଜୋନାଲ ସଭାପତି ଅଶୋକ କୁମାର ସାହୁ, ମିଳନ ହୋତା, ସଂଗ୍ରାମ ଦାସ, ସଂଗ୍ରାମ ମଲ୍ଲିକ, ରାକେଶ କୁମାର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ସ୍ଥାନୀୟ ନିଯୁକ୍ତି ଦାବିରେ ବିକ୍ଷୋଭ

**ବରଗଡ଼ ଅଫିସ୍,୨୯।୧**

ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଷ୍ଟାଫନର୍ସ ଓ ଏଏନ୍‌ଏମ ପଦବୀରେ ସ୍ଥାନୀୟ ନିଯୁକ୍ତି ଦାବି ଜୋର ଧରିଛି। ମଙ୍ଗଳବାର ଜିଲାର ବହୁ ଆବେଦନକାରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଦାବି ଉପସ୍ଥାପନ କରିଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ପଦବୀ ପାଇଁ ଜିଲା ତଥା ଜିଲା ବାହାର ଯୁବତୀଯୁବକ ଆବେଦନ କରିଛନ୍ତି। ଏହି ପଦବୀରେ ସ୍ଥାନୀୟ ନିଯୁକ୍ତି ଦାବି କରି ପୂର୍ବରୁ ସ୍ଥାନୀୟ ଯୁବତୀ, ଯୁବକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟିଥିଲେ। ତେବେ ସ୍ଥାନୀୟ ନିଯୁକ୍ତି ଦେବା ପରିବର୍ତ୍ତେ ମଙ୍ଗଳବାର ଓ ବୁଧବାର ହେବାକୁ ଥିବା ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି। ଏହା ଜାଣିବା ପରେ ସ୍ଥାନୀୟ ଯୁବତୀ ଯୁବକମାନେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସ୍ଥାନୀୟ ନିଯୁକ୍ତି ପାଇଁ ଦାବି କରିଥିଲେ।



ସ୍ଥାନୀୟ ନିଯୁକ୍ତି ଦାବିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆଗରେ ବିକ୍ଷୋଭ।

### ଆତ୍ମରକ୍ଷା ତାଲିମ ଉଦ୍‌ଯାପିତ

**ବାଉଁଶୁଣୀ,୨୯।୧(ଡି.ଏନ୍.ଏ)**

ବୌଦ୍ଧ ବ୍ଲକ ଅଧୀନ ବାଉଁଶୁଣୀ ମା’ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ମାନଭଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଜିଲା ପରିଷଦ ସଭ୍ୟା ସସ୍ମିତା ମଲ୍ଲିକ, ସମ୍ମାନିତ ଅତିଥି ଅଧାପକ ଦେବାର୍ଚ୍ଚନ ବେହେରା ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ଅଧାପକ ପ୍ରକାଶ ଚନ୍ଦ୍ର ମହାକୁଳ, ଉମାକାନ୍ତ ବିଶ୍ୱାଳ, ମକର ମହାରଣା, ପ୍ରଦୀପ କୁମାର ଭୁକ୍ତା, ଗ୍ରନ୍ଥାଗାରିକ ଯଜ୍ଞେଶ୍ୱର କର୍ମୀ, କିରାଣି ଶିବ କୁମାର ମହାକୁଳ, ମହେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ୨ ପ୍ରଶିକ୍ଷିକା ମଧୁସ୍ମିତା ଜଗଦଲା, ମିତା ମେହେର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳର ବିଭିନ୍ନ ତାଲିମ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ରମେଶ ଚନ୍ଦ୍ର ମେହେର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ନୂଆଁଗଡ଼ ଧନୁଯାତ୍ରାରେ ଟ୍ରାଫିକ ସଚେତନତା ବାର୍ତ୍ତା

**ଭଟଲି,୨୯।୧ (ଡି.ଏନ୍.ଏ.)**

ବରଗଡ଼ ଜିଲା ଭଟଲି ବ୍ଲକ ନୂଆଁଗଡ଼ଠାରେ ଚାଲିଥିବା ଧନୁଯାତ୍ରା ଅବସରରେ ପଶ୍ଚିମ ଓଡ଼ିଶା ଟ୍ରାଫିକ୍ ସଂଯୋଜକ ପଦ୍ମଲୋଚନ ଭୋସାଗର ରାଜ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାରାଜ କଂସ ତାଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ମଞ୍ଚରେ ସଂଯୋଜକ ଭୋସାଗର ମଥୁରାବାସୀଙ୍କୁ କିଭଳି ଦୂର୍ଘଟଣାରୁ ମୁକ୍ତି ପାଇବେ ସେ ନେଇ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଭୋସାଗରଙ୍କ ଉଦ୍ୟମକୁ ମହାରାଜ କଂସ ପ୍ରଶଂସା କରିଥିଲେ।



ମହାରାଜ କଂସ ଟ୍ରାଫିକ୍ ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କୁ ସମ୍ମାନିତ କରୁଛନ୍ତି।

# ବୋଡ଼ାସମ୍ବର ଧନୁଯାତ୍ରାର ପଞ୍ଚମ ଦିନ

**ଗାଇସିଲେଟ,୨୯।୧(ଡି.ଏନ୍.ଏ.)**

ବରଗଡ଼ ଜିଲା ତାଲପାଲିଠାରେ ଚାଲିଥିବା ବୋଡାସମ୍ବର ଧନୁଯାତ୍ରାର ମଙ୍ଗଳବାର ଥିଲା ପଞ୍ଚମ ଦିବସ। ଏହି ଅବସରରେ ଗୋପପୁରରେ ପୁତନା ବଧ ସହ କୃଷ୍ଣଙ୍କ ବାଲ୍ୟଲୀଳା, ଯଶୋଦାଙ୍କ କୃଷ୍ଣଙ୍କ ପାଟିରେ ବିଶ୍ୱରୂପ ଦର୍ଶନ ଅଭିନିତ ହୋଇଥିଲା। ଅନ୍ୟପକ୍ଷେ ପୁତନାଙ୍କ ନିହତ ଖବର ପାଇ ମହାରାଜ କଂସ ମର୍ମାହତ ହୋଇ କୃଷ୍ଣଙ୍କୁ ମାରିବା ପାଇଁ ପାରିଷଦ ବର୍ଗଙ୍କୁ ଡକାଇ ଯୋଜନା ପ୍ରସ୍ତୁତ କରିବା ନାଟ୍ୟାଭିନୟ ପରିବେଷଣ ହୋଇଥିଲା। ପରେ ନୃତ୍ୟଗୀତର ଆୟୋଜନ କରାଯାଇଥିଲା। ରାଜ ଅତିଥି ଭାବେ ଗୌନ୍ତିଆ ମନୋରଞ୍ଜନ ସାହୁ, କଳାକାର ଅଲେଖ ସାହୁ ଯୋଗ ଦେଇଥିଲେ। ଧନୁଯାତ୍ରା ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।



ବୋଡ଼ାସମ୍ବର ଧନୁଯାତ୍ରାର ପଞ୍ଚମ ଦିନରେ ଅନୁଷ୍ଠିତ ନାଟ୍ୟାଭିନୟର ଏକ ଦୃଶ୍ୟ।

# ସରକାରୀ ଯୋଜନାର ସୁଫଳକୁ ଗୁରୁତ୍ୱ

**ଜିଲା ପରିଷଦ ବୈଠକ**

**ବରଗଡ଼ ଅଫିସ୍,୨୯।୧**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ପରିଷଦର ପଞ୍ଚମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଶକ୍ତି ବିଭାଗର ଆଲୋଚନା ବେଳେ ମନ୍ତ୍ରୀ ସୁଶାନ୍ତ ସିଂ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଖଲିଆପାଲି ପଞ୍ଚାୟତ ଅଧୀନ କୁଷ୍ଠ କଲୋନୀକୁ ବିଦ୍ୟୁତ୍ ସେବା ଯୋଗାଇବା ପ୍ରସଙ୍ଗ ଆଲୋଚନା ହେବା ପରେ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ସିଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ୨୦୧୭-୧୮ରେ ୧୭ଟି ଓଭରହେଡ୍ ଟ୍ୟାଙ୍କ ମଧ୍ୟରୁ ୧୬ଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୦୧୮-୧୯ରେ ୧୨ଟି ଓଭରହେଡ ଟ୍ୟାଙ୍କ ମଧ୍ୟରୁ ୮ଟି କାମରେ ଅଗ୍ରଗତି ହୋଇଛି ଏବଂ ବାକି ୪ଟିର କାମ ଯଥାଶୀଘ୍ର ଆରମ୍ଭ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୦୧୭-୧୮ରେ ୩ଟି ରାସ୍ତାରୁ ୨ଟି ରାସ୍ତାର କାମ ସରିଛି ଏବଂ ଗୋଟିକର କାମରେ ଅଗ୍ରଗତି ହୋଇଛି ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ଏହା ସହିତ କୃଷି, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ଶିକ୍ଷାବିଭାଗର ଆଲୋଚନାବେଳେ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ବଣ୍ଟନ ଉପରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଜିଲା ମଙ୍ଗଳ ବିଭାଗର ଆଲୋଚନା ବେଳେ ଶିଶୁମାନଙ୍କ ସୁରକ୍ଷାରେ ଯେଭଳି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟବିଭାଗର ଆଲୋଚନା ବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜିଲାର ୧୧ଲକ୍ଷ ୮ହଜାର ରୋଗୀ ଉପକୃତ ହୋଇଥିବା ସୂଚନା ଦିଆଯାଇଥିଲା। ସେହିପରି ଗତ ବର୍ଷ ଡେଙ୍ଗୁ କିମ୍ବା ମ୍ୟାଲେରିଆରେ କେହି ମୃତ୍ୟୁମୁଖରେ ପଡ଼ି ନ ଥିବା ବିଭାଗୀୟ ଅଧିକାରୀମାନେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ବିଧାୟିକା ରୀତା ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୋଗାଣ ସହାୟକ ନିଯୁକ୍ତି ଦାବିରେ ଧାରଣା

**ଗାଇସିଲେଟ୍,୨୯।୧ (ଡି.ଏନ.ଏ)**

ଗାଇସିଲେଟ ବ୍ଲକ ଅଧୀନ ଜଗଲପାଟ ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତି ଦାବି ହୋଇଛି। ଏହି ଦାବି ନେଇ ଅଞ୍ଚଳବାସୀ ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣା ଦେଉଛନ୍ତି। ଅଭିଯୋଗ ମୁତାବକ, ସରକାର ଅନ୍ୟ ପଞ୍ଚାୟତଗୁଡ଼ିକରେ ଯୋଗାଣ ସହାୟକ ନିଯୁକ୍ତି କରିଛନ୍ତି। ହେଲେ ଜଗଲପାଟ ପଞ୍ଚାୟତରେ ସେହି ପଦବୀ ଖାଲି ପଡ଼ିଛି। ଏ ନେଇ ଗତବର୍ଷ ଅକ୍ଟୋବର ୧୫ତାରିଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲା ଯୋଗାଣ ଅଧିକାରୀ ଏବଂ ବିଡ଼ିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ଅଞ୍ଚଳବାସୀ ସୋମବାର ସ୍ଥାନୀୟ ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ପ୍ରତିଦିନ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅଞ୍ଚଳବାସୀ ଧାରଣାରେ ବସୁଛନ୍ତି। ସୁଶାନ୍ତ କୁମାର ସାହୁ, ଡିଲେଶ କୁମାର ସାହୁ, ପବିତ୍ର ସାହୁ, ରୂପାଧର ସାହୁ, ଗୀତାଞ୍ଜଳି ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି।

# ବ୍ଲକସ୍ତରୀୟ ଉଜ୍ଜ୍ୱଳା ଗ୍ୟାସ୍ ବିତରଣ କାର୍ଯ୍ୟକ୍ରମ

**ପାଇକମାଳ,୨୯।୧ (ଡି.ଏନ୍.ଏ.)**

ଆଦର୍ଶ ଭାରତୀୟ ଗ୍ୟାସ ପକ୍ଷରୁ ବ୍ଲକସ୍ତରୀୟ ଉଜ୍ଜ୍ୱଳା ଗ୍ୟାସ ବିତରଣ କାର୍ଯ୍ୟକ୍ରମ ପାଇକମାଳ ଧର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ମୁଖ୍ୟ ବକ୍ତା ଭାବେ ଅଧାପକ ସରୋଜ କୁମାର ସାହୁ, ସମ୍ମାନନୀୟ ଅତିଥି ଭାବେ ମମତାଞ୍ଜଳୀ ମିଶ୍ର, ସାମାଜିକ କର୍ମୀ ପତିତପାବନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ୬୦ ଜଣ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଗ୍ୟାସ ବିତରଣ କରାଯାଇଥିଲା।

# ତେନ୍ତୁଲିଟିକ୍ରାରେ ଚାଷୀ ସମାବେଶ

## ■ ମିଳୁନି ଫସଲ ବୀମା ଟଙ୍କା: ଚାଷୀ ଅସନ୍ତୋଷ

**ଭେଡ଼େନ,୨୯।୧ (ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଏଁଲାପାଲି ପଞ୍ଚାୟତ ଅଧୀନ ତେନ୍ତୁଲିଟିକ୍ରା ସାପ୍ତାହିକ ବଜାରଠାରେ ସୋମବାର ପଞ୍ଚାୟତସ୍ତରୀୟ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। ବୀର ଦେହେରୀଙ୍କର ସଭାପତିତ୍ୱରେ ହୋଇଥିବା ସମାବେଶରେ ଜୟ କିଷାନ ଆନ୍ଦୋଳନର ସଭାପତି ଉତ୍ପନ୍ନ ଭୋଇ, ସମ୍ପାଦକ ରମେଶ ମହାପାତ୍ର, ଭେଡ଼େନ ବ୍ଲକ କୃଷକ ସଙ୍ଗଠନ ସଂଯୋଜକ ନରେନ୍ଦ୍ର ଭୋଇ, ଅତାବିରା ବ୍ଲକ ସମ୍ପାଦକ ରବୀନ୍ଦ୍ର ବିଶି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ପଞ୍ଚାୟତର ସମସ୍ତ ଚାଷୀ ଗତବର୍ଷର ଫସଲ ନଷ୍ଟ ନେଇ ସରକାରୀ ଇନ୍‌ପୁଟ ସବ୍‌ସିଡ଼ି ପାଇଥିଲେ ମଧ ଫସଲବୀମା କ୍ଷତିପୂରଣ ପାଇପାରିନାହାନ୍ତି। ଏନେଇ ଚାଷୀମାନେ ବାରମ୍ବାର ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏନେଇ ସମାବେଶରେ ଚାଷୀ ଅସନ୍ତୋଷ ଦେଖାଦେଇଥିଲା। ଅନ୍ୟପକ୍ଷେ ଧାନର ସହାୟକ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ପେନ୍‌ସନ ପ୍ରଦାନ ଦାବି ନେଇ ଆଲୋଚନା ହୋଇଥିଲା। ସମାବେଶରେ ଅଏଁଲାପାଲି ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇଥିଲେ।



ତେନ୍ତୁଲିଟିକ୍ରାରେ ଚାଷୀ ସମାବେଶ।

### ଭେଡ଼େନ ରାମଲୀଳା ମହୋତ୍ସବର ତୃତୀୟ ସନ୍ଧ୍ୟା

**ଭେଡ଼େନ,୨୯।୧(ଡି.ଏନ୍.ଏ.)**

ଭେଡ଼େନଠାରେ ଚାଲିଥିବା ଅଖଣ୍ଡ ଶ୍ରୀହରି ନବରାତ୍ର ନାମଯଜ୍ଞ ତଥା ବିରାଟ ରାମଲୀଳା ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ଏହି ଅବସରରେ ପୁରୁଣା ହାଟପଦାସ୍ଥିତ ଅଯୋଧା ମଞ୍ଚରେ ବିଶ୍ୱାମିତ୍ରଙ୍କ ସହ ରାମଲକ୍ଷ୍ମଣଙ୍କ ମିଥିଳା ଆଗମନ, ପୁଷ୍ପ ଉଦ୍ୟାନରେ ରାମ ସୀତାଙ୍କ ଭେଟ, ଜନକ ଦରବାରରେ ସୀତା ସ୍ୱୟମ୍ବର, ଶିବଧନୁକୁ ସମ୍ମାନ ଦେଇ ରାବଣଙ୍କ ମିଥିଳା ଦରବାର ପରିତ୍ୟାଗ, ରାମଙ୍କ ଦ୍ୱାରା ଶିବଧନୁ ଭଙ୍ଗ, ରାମସୀତାଙ୍କ ବିବାହ, ରାମ ପର୍ଶୁରାମ ମିଳନ ଆଦି ଦୃଶ୍ୟାଭିନୟ ପରିବେଷିତ ହୋଇଥିଲା। ଅନ୍ୟପକ୍ଷେ ରାବଣ ଦରବାରରେ ଦେବରାଜ ଇନ୍ଦ୍ର ପରାସ୍ତ ଆଦି ଦୃଶ୍ୟାଭିନୟ ହୋଇଥିଲା। ପରେ ରାଉରକେଲାର ନୃତ୍ୟମଧୁରମ ଦଳ ତରଫରୁ ବିଭିନ୍ନ ନୃତ୍ୟ ପରିବେଷିତ ହୋଇଥିଲା। ରାଜ ଅତିଥିଭାବେ ଭେଡ଼େନ ଥାନା ଆଇଆଇସି ତାରା ଜସ୍ମିନ ଗୁଡ଼ିଆ ଯୋଗ ଦେଇଥିଲେ।



ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାଙ୍କୁ ଥଟ୍ଟା କରନ୍ତି। କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି।
- ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ଭାନୁପ୍ରତାପଙ୍କ ଉପରୁ ନିଲମ୍ବନ ଉଠିଲା

ଭୁବନେଶ୍ୱର,୨୯।୧(ବ୍ୟୁରୋ): ନୂଆପଡ଼ା ଜିଲାର ଜିଲା ପରିଷଦ ସଭ୍ୟ ଭାନୁପ୍ରତାପ ସିଂହ ମାଝିଙ୍କ ନିଲମ୍ବନ ଆଦେଶକୁ ବିଜେଡି ପ୍ରତ୍ୟାହାର କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦେଶକ୍ରମେ ଏହା କରାଯାଇଛି। ଏନେଇ ମଙ୍ଗଳବାର ଦଳ ପକ୍ଷରୁ ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି।

### ମୋ ସ୍କୁଲ ଅଭିଯାନ

ସୋନପୁର,୨୯।୧ (ନି.ପ୍ର.): ମହାରାଜା ହାଇସ୍କୁଲ ସଭାଗୃହରେ ମୋ ସ୍କୁଲ ଅଭିଯାନ ମହୋତ୍ସବ ଓ ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଏଥିରେ ଅଧକ୍ଷତା କରିଥିଲେ। ସଭାରେ ଜିଲାର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆରସିସି ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟର ମେରୁଦଣ୍ଡ ସଦୃଶ। ସେମାନେ ନିଷ୍ଠାର ସହ କାର୍ଯ୍ୟ କଲେ ଜିଲା ଶିକ୍ଷା କ୍ଷେତ୍ରରେ ଆଗକୁ ଯାଇପାରିବ ବୋଲି କହିଥିଲେ।

ପାଟଣାଗଡ ଜେଲରୁ ଅନ୍ତେବାସୀ ଫେରାର ଘଟଣା

# ୬ କଏଦୀଙ୍କ ନାଁରେ ମାମଲା

ପାଟଣାଗଡ, ୨୯।୧ (ଡି.ଏନ.ଏ.)

- କଏଦୀ କହିଲେ ଜେଲ କର୍ତ୍ତୃପକ୍ଷ ମିଛ କହିଛନ୍ତି
- ସିସି ଟିଭି ଯାଞ୍ଚ ହେଉ

ଗତ ୨୪ ତାରିଖ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ ମେହେର ଓ ଅନ୍ୟ ୬ କଏଦୀ ପାଟଣାଗଡ ଉପକାରାଗାରରୁ ଫେରାର ଉଦ୍ୟମ କରୁଥିବା ସୂଚନା ମିଳିଥିଲା। ଏହି ଖବର ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏହି ଜେଲରେ ପୁଞ୍ଜିଲାଲ ବିଚାରାଧୀନ କଏଦୀ ଭାବେ ଥିବା ଏବଂ ସେ ନିଜେ ଫେରାର ହେବାକୁ ଷଡଯନ୍ତ୍ର ରଚିଥିବା କୁହାଯିବାରୁ ଘଟଣାଟି ସମ୍ବେଦନଶୀଳ ହୋଇପଡିଥିଲା। ତେବେ ଏହି ଘଟଣା ନେଇ ଅଭିଯୁକ୍ତ ଅନ୍ତେବାସୀଙ୍କ କୌଣସି ପ୍ରତିକ୍ରିୟା ମିଳି ନ ଥିବାରୁ ଘଟଣାର ସତ୍ୟାସତ୍ୟ କ'ଣ ଜଣାପଡି ନ ଥିଲା। ତେବେ ମଙ୍ଗଳବାର ପାଟଣାଗଡ କୋର୍ଟରେ ହାଜର ହେବାକୁ ଆସିଥିବା ଅଭିଯୁକ୍ତ କଏଦୀମାନେ ଗଣମାଧ୍ୟମ ସମ୍ମୁଖରେ ଭିନ୍ନ ମନ୍ତବ୍ୟ ଦେଇ ୨୪ତାରିଖ ଫେରାର ଘଟଣାକୁ ତାହା ମିଛ ବୋଲି କହିଛନ୍ତି। ଖାଲି ଏତିକି ନୁହେଁ ସେମାନେ ଜେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ମଧ ଆଣିଛନ୍ତି। ଜେଲ ଭିତରେ ସିସି ଟିଭି ଲାଗିଛି ଏହାର ଉଚ୍ଚସ୍ତରୀୟ ଯାଞ୍ଚ କଲେ ସବୁ କଥା ଜଣାପଡିଯିବ ବୋଲି ସେମାନେ ଗଣମାଧ୍ୟମ ସମ୍ମୁଖରେ ମନ୍ତବ୍ୟ ଦେବା ପରେ ଜେଲରୁ କଏଦୀ ଚମ୍ପଟ ମାରିବ ଯୋଜନା ଖବର ଭିନ୍ନ ମୋଡ ନେଇଛି।

ମଙ୍ଗଳବାର ମଧ୍ୟାହ୍ନରେ ପାଟଣାଗଡ ଏସଡିଜେଏମ କୋର୍ଟରେ ହାଜର ହେବାକୁ ଆସିଥିବା ୬ ବିଚରାଧୀନ କଏଦୀ ଗଣମାଧ୍ୟମ କ୍ୟାମେରା ସମ୍ମୁଖରେ ଜେଲ ଭିତରର କିଛି କଥା କହିଥିଲେ। ଏହି ଘଟଣା ସମ୍ପର୍କରେ ସେମାନେ ପାଟଣାଗଡ ଏସଡିପିଓଙ୍କୁ ମଧ ଲିଖିତ ଆକାରରେ ଜଣାଇଥିବା କହିଥିଲେ। ଜେଲରେ କଏଦୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ସେମାନେ ଅଭିଯୋଗ କରିଥିଲେ। ଗତ ୨୫ ତାରିଖ ସମ୍ବଲପୁର ମଣ୍ଡଳ କାରାଗାର ଅଧିକ୍ଷକ ଅମୀୟ ପଟ୍ଟନାୟକ ଉପକାରାଗାରକୁ ଆସି ତଦନ୍ତ କରୁଥିବାବେଳେ କଏଦୀମାନେ ସମସ୍ତ ଅଭିଯୋଗ ଓ ତଥ୍ୟ ତାଙ୍କୁ ଅବଗତ କରିଥିବା ସୂଚନା ଦେଇଥିଲେ। ଜେଲ ଭିତର ସିସିଟିଭି ଯାଞ୍ଚ କରାଗଲେ ସେମାନେ ଘଟଣାଦିନ ପ୍ରକୃତରେ ଫେରାର ହେବାକୁ ଉଦ୍ୟମ କରିଥିଲେ କି ନାହିଁ ସେସବୁ ସତ୍ୟତା ପଦାକୁ ଆସିଯିବ ବୋଲି ସେମାନେ କହିଛନ୍ତି। ଅଭିଯୁକ୍ତ କଏଦୀମାନେ ଏଭଳି କହିବା ପରେ ଜେଲରୁ କଏଦୀ ଫେରାର ଘଟଣା ରହସ୍ୟଜନକ ହୋଇପଡିଛି। ଅନ୍ୟପକ୍ଷେ ୬ କଏଦୀଙ୍କ ନାଁରେ ଜେଲ କର୍ତ୍ତୃପକ୍ଷ ପାଟଣାଗଡ ଥାନାରେ ଅଭିଯୋଗ କରିବାରୁ ଏନେଇ ଏକ ମାମଲା (ନଂ.୨୫/୧୯) ରୁଜୁ ହୋଇଥିବା ପାଟଣାଗଡ ଥାନା ଅଧିକାରୀ ବାରିଣୀ ଦାସ ସୂଚନା ଦେଇଛନ୍ତି। ଏହି ଘଟଣାର ପ୍ରକୃତ ସତ୍ୟାସତ୍ୟ ତୁରନ୍ତ ପ୍ରଘଟ କରିବାକୁ ସାଧାରଣରେ ଦାବି ହେଉଛି।



ପାଟଣାଗଡ ଜେଲର ବିଚରାଧିନ କଏଦୀମାନେ କୋର୍ଟରୁ ହାଜର ହୋଇ ଫେରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ଆଖିଆ କଣା**
**ସେ କି ଜାଣେ ବୁଝାମଣା।**

କଣାର ଗୋଟାଏ ଆଖି। ଯେଉଁ ପଟର ଆଖିଥାଏ ସେ ସେଇପଟକୁ ଭଲ ଦେଖିପାରେ ଏବଂ ସେଇ ପଟକଥାର ଚିନ୍ତା କରୁଥାଏ। ଅନ୍ୟପଟ ଦେଖିବା ପାଇଁ ହେଲେ ମୁହଁ ବୁଲେଇବାକୁ ପଡ଼େ। ପରୋକ୍ଷରେ ଭଲମନ୍ଦ ବିଚାର ନ କରି ଗୋଟିଏ ଦିଗକୁ ଦୃଷ୍ଟିରେ ରଖି ବା ଚିନ୍ତା କରି ଏକପାଖିଆ ନିଷ୍ପତ୍ତି ନେଇଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏ ହାତକୁ ସେ ହାତ**
**ଖଣ୍ଡିଆ ହାତକୁ ଜଗନ୍ନାଥ।**

ଜଗନ୍ନାଥ ହେଉଛନ୍ତି ଜଗତର ନାଥ। ତାଙ୍କ ଉପରେ ସମସ୍ତଙ୍କର ଅଶେଷ ଭରସା ରହିଥାଏ। ସାଧାରଣତଃ କେହି କାହାକୁ କିଛି ଦେଲେ ଦେଲା ଲୋକକୁ ନେଲା ଲୋକ କିଛି ଦେଇଥାଏ। ପରନ୍ତୁ ଯାହାର କେହି ନାହାନ୍ତି, ସମ୍ପୂର୍ଣ୍ଣ ନିଃସ୍ୱ, ତାର କାହାକୁ କିଛି ଦେବାକୁ ସମ୍ବଳ ନାହିଁ, ତାକୁ କେହି ଦେବାକୁ ଉଚିତ ମଣି ନ ଥାନ୍ତି। ଅରକ୍ଷିତକୁ ଦଇବ ସାହା ଭଳି ଉକ୍ତ ବ୍ୟକ୍ତି ପାଇଁ କେବଳ ଜଗନ୍ନାଥ ବା ଭଗବାନ ସାହା ହୋଇଥାନ୍ତି ସେହିଁ ଏକମାତ୍ର ଦେବା ଲୋକ ସେ ଭରସା ହୋଇଥାନ୍ତି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

କୁଶଙ୍ଗାଇରୁ କଲାସୀ ପୁଲିଆ ବିଜ୍‌ଲିବତୀ ଖଁଜା କାମ୍

# ୨ ବଛର ହେଲା ଅନୁଦାନ ଲାଗି ଅଟକିଛେ ପ୍ରକଳ୍ପ

ଲୋଇସିଂହା,୨୯।୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗାଇ ପୁଲିଆଠାନୁ ବୁର୍ଡ଼ା କଲାସୀ ପୁଲିଆ ତକ୍ ବିଜ୍‌ଲିବତୀ ଲଗାବାର ଲାଗି ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ ପହେଲା ପଦକ୍ଷେପ ନେଇଥିଲେ। ତାକର ଇ ପରସ୍‌ତାବଟା ଜିଲା ପରିଷଦର ପହେଲା ବଇଠକ୍‌ରେ ପାରିତ ହେଇଥିଲା। ପଦକ୍ଷେପକେ ଅଂଚଲବାସୀ ସୁଆଗତ କରି ପ୍ରକଳ୍ପ ଆରମ୍ ହେବାରଟାକେ ଟାକି ରହିଛନ୍। ହେଲେ ଇ ପ୍ରକଳ୍ପ ଲାଗି ରାଏଜ୍ ସରକାର ଟଁକା ମଂଜୁର ନୁହେକରନ ବଲି ସେ ଅଭିଯୋଗ କରିଛନ୍। ମହତ୍ ଉଦେଶ୍‌ରେ ହେବାକେ ଥିବାର ଇ ପ୍ରକଳ୍ପ ୨ ବଛର ହେଲା ଝୁଲିକରି ରହିଛେ। ଯେନ୍‌ଥିରଲାଗି ଥାନୀୟ ବାସିନ୍‌ଦାକର ଭିତରେ ଦିନୁଦିନ୍‌କେ ଅସନ୍‌ତୋ ବଢ଼ତେଲ ଯାଉଛେ। ସୂଚନା ହିସାବେ ବୁର୍ଡ଼ା ଆର ଲୋଇସିଂହା ସହର ଦେଇ ବଲାଙ୍ଗୀର-ବରଗଡ଼ ୨୬ ନଂ. ଜାତୀୟ ରାଜପଥ ଯାଇଛେ। ଇ ରାଜପଥର ଲୋଇସିଂହା ପାସର କୁଶଙ୍ଗାଇ ପୁଲିଆଠାନୁ ବୁର୍ଡ଼ା କଲାସୀ ପୁଲିଆ ତକ୍ ପାଖାପାଖି ୪ କି.ମି. ରାସ୍‌ତା। ଲୋଇସିଂହା ବ୍ଲକ୍ ଅଫିସ(ଛକ), ବ୍ୟାଙ୍କ, ଏଟିଏମ, ବସଷ୍ଟାଣ୍ଡ, ବେଉସାୟୀକ ପରତିଷ୍ଠାନ, ସ୍କୁଲ ଆର ପଁଚେତ୍ ଅଫିସମାନ ରହିଛେ। ଫିଦିନ ରାଜପଥରେ ଛୋଟବଡ଼, ଉଜ୍‌ନିଆଁ ଗାଡ଼ିମଟର ଯିବାର ଆଏବାର କରୁଛେ। ଇଟା ଗୁଟେ ଭିଡ଼ଭାଡ଼ ରାସ୍‌ତା। ରାତିରେ ରାସ୍‌ତାରେ ବିଜ୍‌ଲିବତୀର ସୁବିଧା ନାଇଁଥିବାର ଲାଗି ବଡ଼ଭାଗି ସମିଆରେ ଛୋଟବଡ଼ ଦୁରଘଟନାମାନ ଘଟୁଛେ। ଏନ୍‌ତାକି ଛିନାଛକା ଜାଗାମାନକେ ଲୁଟତରାଜ ହେଉଥିବାର ଅଭିଯୋଗ ହେଇଆସୁଛେ। ସମସିଆମାନକେ ଆଖିଆଘେ ରଖି ୨୦୧୭ରେ ପଁଚେତ ନିରବାଚନ୍‌ରେ ଜିତ୍‌ଲା ଉତାରୁ ପହେଲା ଜିଲା ପରିଷଦ ବଇଠକ୍‌ରେ ସାଇଶଙ୍କର ସାହୁ ଇ ପରସ୍‌ତାବ ରଖିଥିଲେ। ପଛର ଦୁଇଟା ଜିଲା ପରିଷଦ ବଇଠକ୍‌ରେ ପରସ୍‌ତାବର ଉତର ମାଗିଥିଲେ ବି ମନବୁଝଲା ଲେଖେଁ ଉତର ନାଇଁପାଇ। ଜିଲା ଯୋଜନା ବୋର୍ଡ ଅଧିକାରୀ ପରୁଆକୁଁ ପଚରାଲାରୁ ଦୁଇ ବଛର୍‌ର କେହେନ୍‌ସି ପରସ୍‌ତାବ ନାଇଁ ଅଟକି। ହେଲେ ବି ପଛେ ସୋର କରେଇ ଦେବେ ବଲି କହିଥିଲେ।

ଚିନ୍ତା ବଢ଼ାଇଲା ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁ

# ହାତୀ କରିଡ଼ରରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ହେବ

ଭୁବନେଶ୍ୱର, ୨୯।୧(ବ୍ୟୁରୋ)

- ପଞ୍ଚଦଶ ଅର୍ଥ କମିଶନଙ୍କୁ ରିପୋର୍ଟ ପ୍ରଦାନ
- ୧୯୦୦ କୋଟିର ପ୍ରସ୍ତାବ ରଖିଲା ଶକ୍ତି ବିଭାଗ
- ଉପକୂଳ ବିଦ୍ୟୁତ୍ କ୍ଷେତ୍ର ପାଇଁ ୭୭୩୬ କୋଟିର ପ୍ରସ୍ତାବ



ହାତୀ କରିଡ଼ର ଦେଇ ଯାଇଛି ବିଦ୍ୟୁତ୍ ତାର। କମ୍ ଉଚ୍ଚତା, ପୁରୁଣା ତାର ଓ ଖୋଲାରେ ରହିଥିବା ବିଦ୍ୟୁତ୍ କଣ୍ଡକ୍ଟର ହାତୀଙ୍କ ପାଇଁ ବିପଦ ସାଜିଛି। ଅନେକ ସମୟରେ ବିଦ୍ୟୁତ୍ ଆଘାତରେ ହାତୀମାନଙ୍କର ମୃତ୍ୟୁ ଘଟୁଥିବାରୁ ଏହା ସରକାରଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ନିକଟ ଅତୀତରେ ଘଟିଥିବା ଏକାଧିକ ହାତୀମୃତ୍ୟୁ ଘଟଣା ସରକାରଙ୍କୁ ଅଡୁଆରେ ପକାଇବା ପରେ ଚେତାପଶିଛି। ହାତୀ କରିଡ଼ର ଓ ହାତୀ ଚଳାଚଳ କରୁଥିବା ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୧୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟଲାଗି ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି। ଶକ୍ତି ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ଏକ ରିପୋର୍ଟ ପଞ୍ଚଦଶ ଅର୍ଥ କମିଶନଙ୍କୁ ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ରାଜ୍ୟର ବିଭିନ୍ନ ହାତୀ କରିଡ଼ର ଅଞ୍ଚଳରେ ପ୍ରାୟ ସମସ୍ତ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ସେବା ପ୍ରଦାନ କରି ଆସୁଛନ୍ତି। ତେଣୁ ହାତୀ ମୃତ୍ୟୁ ଏଡାଇବାକୁ ବିଦ୍ୟୁତ୍ କ୍ଷେତ୍ରର ଭିତ୍ତିଭୂମି ବିକାଶ ପାଇଁ ସେସୁ, ନେସ୍କୋ, ୱେସ୍କୋ ଓ ସାଉଥ୍‌କୋ ପକ୍ଷରୁ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ନିକଟରେ ପଞ୍ଚଦଶ ଅର୍ଥ କମିଶନ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଶକ୍ତିବିଭାଗ ଏ ସଂକ୍ରାନ୍ତରେ କେତେକ ପ୍ରସ୍ତାବ ରଖିବା ସହ କମିଶନଙ୍କୁ ଉକ୍ତ ରିପୋର୍ଟ ପ୍ରଦାନ କରିଥିଲା। ଉକ୍ତ ରିପୋର୍ଟରେ ମୋଟ ୧୯୦୫ କୋଟି ଟଙ୍କାର ବ୍ୟବବରାଦ ପ୍ରସ୍ତାବ ରହିଛି। ଏଥିରେ ହାତୀ କରିଡ଼ରରେ ଖୋଲାରେ ରହିଥିବା ବିଦ୍ୟୁତ୍ କଣ୍ଡକ୍ଟର ବଦଳରେ କଭର ଥିବା କଣ୍ଡକ୍ଟର ଲଗାଯିବ। କୌଣସି ସମୟରେ ବିଦ୍ୟୁତ୍‌ଜନିତ ଦୁର୍ଘଟଣା ଘଟିଲେ ଯେପରି ତୁରନ୍ତ ସରବରାହ ବିଚ୍ଛିନ୍ନ ହେବ ତାହାର ବ୍ୟବସ୍ଥା କରାଯିବ। ବର୍ତ୍ତମାନ ଥିବା ସମସ୍ତ ଲାଇନ୍‌କୁ ୩୩ କେ.ଭି.ରେ ପରିଣତ କରାଯିବା ସହିତ ତାରକୁ ସୁଉଚ୍ଚ ବିଦ୍ୟୁତ୍ ଖୁଣ୍ଟରେ ଟଣାଯିବ। କଳଙ୍କି ନ ଲାଗିବା ପାଇଁ ଇସ୍ପାତ ବିଦ୍ୟୁତ୍ ଖୁଣ୍ଟ ବ୍ୟବହାର କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଏସବୁ ପଦକ୍ଷେପ ପରେ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ଚଳାଚଳ ସୁରକ୍ଷିତ ହୋଇପାରିବ ବୋଲି ହାତୀ କରିଡରରେ କାର୍ଯ୍ୟରତ ଯନ୍ତ୍ରୀମାନେ ମତପ୍ରକାଶ କରିଛନ୍ତି। ଏହି ପ୍ରସ୍ତବ ଉପରେ ପଞ୍ଚଦଶ ଅର୍ଥ କମିଶନ ସକାରାତ୍ମକ ଆଭିମୁଖ୍ୟ ପୋଷଣ କରିଥିବା ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ପୂର୍ବରୁ ଉପକୂଳ ଓଡିଶାରେ ବାତ୍ୟା ସହନଶୀଳ ବିଦ୍ୟୁତ୍ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ପଞ୍ଚଦଶ ଅର୍ଥ କମିଶନଙ୍କୁ ୭୭୩୬ କୋଟି ଟଙ୍କାର ଏକ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦୀର୍ଘ ୪୮୫ କିଲୋମିଟର ଓଡ଼ିଶା ଉପକୂଳରେ ବିଦ୍ୟୁତ୍ ଭିତ୍ତିଭୂମି ଦୃଢ଼ ହୋଇପାରିବ। ସମୁଦ୍ର କୂଳଠାରୁ ସ୍ଥଳଭାଗର ୫୦ କିମି ମଧ୍ୟରେ ରହିଥିବା ବିଦ୍ୟୁତ୍ କ୍ଷେତ୍ରର ବିକାଶ ହେବ। ଉଭୟ ବାତ୍ୟା ସହନଶୀଳ ଓ ହାତୀ କରିଡର ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ମୋଟ୍ ୯୬୪୧ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିବା ସୂଚନା ମିଳିଛି।

ସାଇଟ୍ ଜୁନିୟର ଫୁଟବଲ ଟୁର୍ନାମେଣ୍ଟ

# ଚୁଡ଼ାପାଲି ନବଜ୍ୟୋତି ବିଜୟୀ

ବଲାଙ୍ଗୀର ଅଫିସ, ୨୯।୧

ବଲାଙ୍ଗୀର ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ଚାଲିଥିବା ୫୨ତମ ଜୁନିୟର ସାଇଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ଚୁଡାପାଲି ନବଜ୍ୟୋତି କ୍ଲବ୍ ବନାମ ଘୁଚେପାଲି ପିଏଏଫ୍‌ଏ ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଲ ସ୍କୋର ନ କରିବାରୁ ଟାଇବ୍ରେକର ଜରିଆରେ ଚୁଡାପାଲି ଦଳ ବିଜୟୀ ହୋଇଥିଲା। ଖେଳକୁ ସୁଧାଂଶୁ ସେଠ୍, ନିଶାରକାନ୍ତ ନାଗ, ଖଲିଉର ରେହେମାନ ଓ ଶରତ ନନ୍ଦ ପରିଚାଳନା କରିଥିଲେ। ସାଇଟ୍ ପ୍ରତିଷ୍ଠାତା ତଥା ଫାଓ ଓଡିଶା ଓ ବଲାଙ୍ଗୀର ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଅତିଥି ଭାବେ ପଲ୍ଲୀଶ୍ରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁର, ସାଇଟ୍ ଉପାଧ୍ୟକ୍ଷ ଦୁଃଖିଶ୍ୟାମ ପଣ୍ଡା, ସାଇଟ ସମ୍ପାଦକ ମନୋଜ କୁମାର ମିଶ୍ର ଓ ପୂର୍ବତନ ଖେଳାଳୀ ଗରୁଡଧ୍ୱଜ ସାଏ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଆଦିତ୍ୟ ପଟ୍ଟନାୟକ, ଈଶ୍ୱର ମଚ୍ଛଖଣ୍ଡ, ଦେବାଶିଷ ପଟ୍ଟନାୟକ, ଲୋକନାଥ ସିଂ ସହଯୋଗ କରିଥିଲେ। ୩୦ ତାରିଖ ବୁଧବାର କୁଶଙ୍ଗ ୱାଇଏଫଏ ବନାମ ଅମାମୁଣ୍ଡା ଏଏ ମଧ୍ୟରେ ଖେଳ ହେବ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BALAJI FINANCE LTD.
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
25 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରଷ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ। ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୦ ଜାନୁୟାରୀ, ୨୦୧୯



ଯେଉଁ ଲୋକ ଗୋଟିଏ ନିର୍ଦ୍ଦିଷ୍ଟ କାମରେ ଲାଗି ରହିବା କଳା ଶିଖି ନାହିଁ, ସେ ଲୋକ କ୍ରମେ ଦୁର୍ବଳମନା ହୋଇଯାଏ।
- ଜନ୍ ରସ୍କିନ



## ସଂକ୍ଷେପରେ

### ବଡ଼ଙ୍ଗୋମୁଣ୍ଡାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା

**ଗୁଡ଼ଭେଲା,୨୯।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ବଡଙ୍ଗୋମୁଣ୍ଡା ଗ୍ରାମରେ ଗତ ନଅଦିନ ଧରି ଚାଲିଥିବା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମଙ୍ଗଳବାର ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଯାଇଛି। ରାମାୟଣ ପାରାୟଣ, ଚବିଶ ପ୍ରହର ନାମଯଜ୍ଞ, ପଞ୍ଚକୁଣ୍ଡିୟ ମହାଯଜ୍ଞ ସହ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ପ୍ରବେଶ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନୋଜ ହୋତା ଓ ତାଙ୍କ ସ୍ତ୍ରୀ ମୁଖ୍ୟକର୍ତ୍ତା ଓ ଯୋଗେନ୍ଦ୍ର ପ୍ରଧାନ ପ୍ରହରୀ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ରଙ୍ଗାଖାଲ ଗ୍ରାମର ଚୈତନ୍ୟ ମିଶ୍ର ବ୍ୟାସ ଥିବାବେଳେ ପୁରୀର ଚିନ୍ମୟ ଦାସଜୀ ମହାରାଜ ବିଭିନ୍ନ ଉଦାହରଣ ମାଧ୍ୟମରେ ଭକ୍ତଙ୍କୁ ପ୍ରବଚନ ଦେଇଥିଲେ।

### ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ

**ଗୁଡ଼ଭେଲା,୨୯।୧(ଡି.ଏନ.ଏ.):** ବଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂଦେଓ, ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ମଙ୍ଗଳବାର ତୁଷୁରା ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହି ପ୍ରକଳ୍ପଗୁଡିକ ହେଲା ପୂର୍ତ୍ତ ବିଭାଗ ପକ୍ଷରୁ ତୁଷୁରା ଉଡାଜାହାଜ ପଡିଆର ଉନ୍ନତିକରଣ ପାଇଁ ୨କୋଟି ୯୦ଲକ୍ଷ ୨୭ହଜାର ୩୩୬ଟଙ୍କା, ତୁଷୁରା ପୂର୍ତ୍ତ ବିଭାଗ ରାସ୍ତାରୁ ଖର୍ଡା ଭାୟା ନଅଗାଁ କୋଲେନୀ ରାସ୍ତା ଉନ୍ନତିକରଣ ଲାଗି ୨କୋଟି ୨୩ଲକ୍ଷ ୬୯ହଜାର ୬୩୦, କପସିଲା ରାସ୍ତାରୁ ତୁଷୁରା-ଗୁଡଭେଲା ପୂର୍ତ୍ତ ବିଭାଗ ରାସ୍ତା ଭାୟା ଧାନଘରା ଉନ୍ନତିକରଣ ପାଇଁ ୧କୋଟି ୪୮ଲକ୍ଷ ୬୮ହଜାର ଟଙ୍କା। ଏହି କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ, କାଉନସିଲର ଜ୍ୟୋସ୍ନାମୟୀ ପୁଟା, ବିଜେଡି ବ୍ଲକ ସଭାପତି ଅରୁଣ ପ୍ରଧାାନ, ଅଜୟ ଜୟସ୍ୱାଲ ଆଦି ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଶୁଭାରମ୍ଭ ହେଲା ମୋ ସ୍କୁଲ ଅଭିଯାନ

**ବୀରମହାରାଜପୁର, ୨୯।୧ (ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେଞ୍ଚରିଆପାଲିସ୍ଥିତ ଆଞ୍ଚଳିକ ହାଇସ୍କୁଲରେ ମଙ୍ଗଳବାର ମୋ ସ୍କୁଲ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ସ୍କୁଲ ପରିସରରେ ଆୟୋଜିତ ବିଶେଷ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର ସଫଳତା ପାଇଁ ସ୍ଥାନୀୟ ଶିକ୍ଷାପ୍ରେମୀ ବିଶେଷତଃ ପୁରାତନ ଛାତ୍ରମାନଙ୍କର ସହଯୋଗ କାମନା କରିଥିଲେ। ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରା ମୁଖ୍ୟବକ୍ତା ଏବଂ ଗୋଷ୍ଠୀଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଓ ବୀରମହାରାଜପୁର ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ସିଦ୍ଧେଶ୍ୱର ପ୍ରଧାନ ମଞ୍ଚାସୀନ ଥିଲେ।

ବଲାଙ୍ଗୀରରେ ବିଗୁଡ଼ିଛି ଆଇନଶୃଙ୍ଖଳା ପରିସ୍ଥିତି

# ପୋଲିସକୁ ମାନୁନାହାନ୍ତି ଅପରାଧୀ

**ବଲାଙ୍ଗୀର ଅଫିସ, ୨୯।୧**

ବଲାଙ୍ଗୀର ସହରରେ ଆଇନଶୃଙ୍ଖଳା ପରିସ୍ଥିତି ଗମ୍ଭୀର ହୋଇପଡିଛି। ପ୍ରତିଦିନ ଲୁଟ୍‌ପାଟ, ପଥଚାରୀଙ୍କୁ ଆକ୍ରମଣ ଓ ଅସାମାଜିକତତ୍ତ୍ୱଙ୍କ ଉତ୍ପାତ ସାଂଘାତିକ ଆକାର ଧାରଣ କରିଛି। ପରିସ୍ଥିତି ଏଭଳି ହୋଇଛି ଯେ ସାଧାରଣ ଅପରାଧୀମାନେ ପୋଲିସକୁ ଆଉ ଭୟ କରୁନାହାନ୍ତି, ପ୍ରତିଦିନ ବିଭିନ୍ନ ଆପରାଧିକ ଘଟଣା ଘଟାଉଛନ୍ତି। କିଛି ନିଶାସକ୍ତ ଯୁବକ ଖୋଲା ଚ୍ୟାଲେଞ୍ଜ କରି ଅବାଧରେ ଲୁଟ୍‌ପାଟ, ମାରପିଟ୍ ଓ ହତ୍ୟା ଭଳି ସାଂଘାତିକ ଅପରାଧ ଘଟାଉଥିଲେ ମଧ୍ୟ ପୋଲିସବାହିନୀ ସେମାନଙ୍କର ଉଚିତ୍ ମୁକାବିଲା କରିପାରୁନାହାଁ ଫଳରେ ବଲାଙ୍ଗୀର ସହର ତଥା ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଅପରାଧିମାନେ ଅବାଧ ଚୋରା ବନ୍ଧୁକ କାରବାର, ଡ୍ରଗ୍ସ, କପ୍ ସିରଫ, ଗଞ୍ଜେଇ, ଜୁଆ, ସଟ୍ଟାଖେଳ ଚଳାଇଥିଲେ ମଧ୍ୟ ପୋଲିସ ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗତ ପ୍ରାୟ ୨ବର୍ଷ ଭିତରେ ସହରରେ ଅସାମାଜିକ ତତ୍ତ୍ୱଙ୍କ ଉତ୍ପାତ କାହିଁରେ କେତେ ବଢ଼ିଗଲାଣି। ଏହି ଆପରାଧିକ ଘଟଣାକୁ ରୋକିବା ଦିଗରେ ତଥା ଅପରାଧି ନିୟନ୍ତ୍ରଣ ଦିଗରେ ପୋଲିସ ପୂରା ଫେଲ୍ ମାରିଛି କହିଲେ ଅତ୍ୟୁକ୍ତି ହେବନାହିଁ।





ଆଇନଶୃଙ୍ଖଳା ପରିସ୍ଥିତି ନେଇ ସାମାଜିକକର୍ମୀ, ଗଣମାଧ୍ୟମ ପ୍ରତିନିଧିମାନେ ଏସ୍‌ପି ଶିବା ସୁବ୍ରମଣିଙ୍କ ସହ ଆଲୋଚନା କରୁଛନ୍ତି।

### ମାଲମାଲ ଚୋରା ବନ୍ଧୁକ, ଗ୍ୟାଙ୍ଗଷ୍ଟର

ବଲାଙ୍ଗୀର ସହର ତଥା ଜିଲାରେ ଏବେ ମାଲମାଲ ଚୋରା ବନ୍ଧୁକ ବୁଲୁଛି। ବେଆଇନ୍ ବେପାରୀ ଜିଲାର ବିଭିନ୍ନ ଅପରାଧିକ ଗୋଷ୍ଠୀକୁ ଚୋରାବନ୍ଧୁକ ଯୋଗାଣ କରୁଛନ୍ତି। କିଛିମାସ ତଳେ ବଲାଙ୍ଗୀର-ଟିଟିଲାଗଡ ରାସ୍ତାର ଜିତୁ ଢ଼ାବା ନିକଟରେ ଗୁଳିକାଣ୍ଡ ହୋଇଥିଲା। ଏଥିରେ ଜଣେ ଆହତ ହୋଇଥିଲେ। ଏହି ଘଟଣାର ୩ ଜଣ ଅଭିଯୁକ୍ତଙ୍କୁ କିଛିଦିନ ତଳେ ପୋଲିସ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ବବ୍‌ଲୁ ମହାନନ୍ଦଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଛି। କିଛିଦିନ ପୂର୍ବରୁ ବିଜେପୁର ଉତ୍କଳ ବ୍ୟାଙ୍କକୁ ପଶି ତିନିଜଣ ଦୁର୍ବୃତ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ଗୁଳି କରିଥିଲେ। ଏହାପରେ ସଇଁତଲା ନିକଟରେ ମଦଭାଟି ମ୍ୟାନେଜରଙ୍କୁ ଗୁଳିକରି ଆହତ କରିଥିଲେ। ଏସବୁ ଘଟଣାରେ ବବ୍‌ଲୁ ମହାନନ୍ଦ ସମ୍ପୃକ୍ତ ଥିବା ପୋଲିସ କହିଛି। ଏବେ ସହରରେ ବିଭିନ୍ନ ଗୋଷ୍ଠୀରେ ଅଭିଯୁକ୍ତମାନେ ବିଭକ୍ତ ହୋଇ ଅପରାଧ ଜାରି ରଖିଛନ୍ତି। ବେଆଇନ୍ ନିଶା କାରବାର, ଜୁଆ ଓ ସଟ୍ଟା ଓ ଗଞ୍ଜେଇ ବେପାର ସହ ବିଭିନ୍ନ ସ୍ଥାନରେ ଲୁଟ୍ ଘଟଣାରେ ଏବେ ସକ୍ରିୟ ରହିଛନ୍ତି। ଏହି ଗ୍ୟାଙ୍ଗ ଗୁଡିକରେ ୧୬ରୁ ୨୫ ବର୍ଷର ବେକାର ଯୁବକମାନେ ସମ୍ପୃକ୍ତ ରହୁଥିବା ଜଣାପଡିଛି।

### ଯୁବକଙ୍କୁ ହତ୍ୟାର ତୀବ୍ର ପ୍ରତିକ୍ରିୟା

ସୋମବାର ରାତିରେ ବଲାଙ୍ଗୀର ରେଳଷ୍ଟେଶନ୍‌କୁ ଫେରୁଥିବା ଏକ ନିର୍ଦ୍ଦିଷ୍ଟ ଖବରକାଗଜର ପ୍ରସାର ନିର୍ବାହୀ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କୁ ଦୁର୍ବୃତ୍ତମାନେ ଛୁରି ଭୁସି ହତ୍ୟା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି।ହେଲେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ଯୋରଦାର ପ୍ରତିବାଦ କରିଛନ୍ତି ସହରର ଗଣମାଧ୍ୟମ ପ୍ରତିନିଧି ଓ ସାମାଜିକ କର୍ମୀ। ମଙ୍ଗଳବାର ସେମାନେ ଟାଉନ୍ ଥାନାକୁ ଆସି ଏସପି କେ.ଶିବା ସୁବ୍ରମଣିଙ୍କୁ ଘେରାଉ କରିଥିଲେ। ଲଳିତ କୁମାର ନାୟକ ଏହି ହତ୍ୟା ଘଟଣା ନିନ୍ଦନୀୟ ବୋଲି କହିଛନ୍ତି। ସହରରେ ଅପରାଧ ରୋକିବାରେ ପୋଲିସର ଚରମ ବିଫଳତା ବୋଲି ସେ କହିଥିଲେ। ପୋଲିସ ଏଦିଗରେ ଶୀଘ୍ର ପଦକ୍ଷେପ ନନେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କହିଥିଲେ। ଜିଲା ସାମ୍ବାଦିକ ସଂଘ ସଭାପତି ହରି ନାରାୟଣ ପୂଜାରୀ ଏସପିଙ୍କୁ ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡା ନଜର ଦେବାକୁ କହିଥିଲେ।

### ଏସ୍‌ପି କହିଲେ ନିଜେ ନେତୃତ୍ୱ ନେବେ

ବଲାଙ୍ଗୀର ସହର ଓ ଜିଲାରେ ଦିନକୁ ଦିନ ଅପରାଧ ପ୍ରବଣତା ବଢ଼ିଚାଲିଛି। ଏହି କାରଣରୁ ପୋଲିସର ଛବି ଦିନକୁ ଦିନ ମଳିନ ହେବାରେ ଲାଗିଛି। ଅସାମାଜିକ ତତ୍ତ୍ୱଙ୍କୁ କାବୁ କରିବା ଦିଗରେ ପୋଲିସ ସଫଳ ହେଉନଥିବାରୁ ସାଧାରଣ ଲୋକେ ଏବେ ଚିନ୍ତାରେ ପଡିଛନ୍ତି। ସହରରେ ବିଭିନ୍ନ ଛକରେ କପ୍ ସିରଫ କାରାବାର ବୃଦ୍ଧି ପାଇଛି। କିଛିଦିନ ତଳେ ବଲାଙ୍ଗୀର ଆଇନ୍ ମହାବିଦ୍ୟାଳୟ ପାଖରେ ଥିବା ଏକ କ୍ୟାବିନ୍‌ରେ ନିଆଁ ଲଗାଇ ଦୋକାନୀଙ୍କୁ ଜୀବନ୍ତ ଜାଳି ହତ୍ୟା କରାଯାଇଥିଲା। ବେଆଇନ୍ କପ ସିରପ୍ ଓ ଡ୍ରଗ୍ସ କାରାବାର ଯୋଗୁ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଥିଲା। ଗତ ଜାନୁୟାରୀ ୫ ତାରିଖ ଦିନ ସ୍ଥାନୀୟ ତେଲିଗୋଠପଡାରେ କ୍ରିକେଟିୟର ସରିତା ମେହେରଙ୍କ ଘରେ ଅସାମାଜିକ ତତ୍ତ୍ୱ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହି ଘଟଣାରେ ମଧ୍ୟ ଡ୍ରଗ୍ସ ଓ ନିଶା କାରବାର ସହ ସମ୍ପୃକ୍ତ ଅଭିଯୁକ୍ତ ରହିଥିବା ଜଣାପଡିଥିଲା। କିଛି ଦିନ ପୂର୍ବରୁ ଜଣେ ଅବସରପ୍ରାପ୍ତ ଏସପି ପ୍ରାତଃଭ୍ରମଣରେ ଯାଉଥିବାବେଳେ ତାଙ୍କୁ ଆକ୍ରମଣ କରି ଲୁଟ୍ କରାଯାଇଥିଲା। ଲୁଟେରାମାନେ ତାଙ୍କୁ ଲହୁଲୁହାଣ କରିଦେଇ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଭଳି ଅନେକ ଘଟଣା ଦିନକ ଦିନ ବୃଦ୍ଧି ପାଇବା ପରେ ପୋଲିସର ଦକ୍ଷତା ଓ ଏସପିଙ୍କ ଅପରାଧ ରୋକିବା ନୀତିକୁ ଲୋକେ ଖୋଲାଖୋଲି ସମାଲୋଚନା କରିଛନ୍ତି। ଏ ନେଇ ଏସପି କେ. ଶିବା. ସୁବ୍ରମଣିଙ୍କୁ ପଚରାଯିବାରୁ ବୁଧବାରଠାରୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ସେ ନିଜେ ଚଢ଼ାଉରେ ବାହାରିବେ ବୋଲି କହିଛନ୍ତି। କୌଣସି ପରିସ୍ଥିତିରେ କୌଣସି ରକମର ଅପରାଧିଙ୍କୁ ଛଡାଯିବ ନାହିଁ ବୋଲି କହିଛନ୍ତି।

## ଲୋଇସିଂହା ରେଳଷ୍ଟେଶନରେ ଅବ୍ୟବସ୍ଥା

- ପ୍ରଧାନମନ୍ତ୍ରୀ ପ୍ରୋଗ୍ରାମକୁ ଯାଇଥିବା ଚୌକି ଫେରିନି
- ହଟହଟା ହେଉଛନ୍ତି ଯାତ୍ରୀ

**ଲୋଇସିଂହା,୨୯।୧(ଡି.ଏନ.ଏ.)**

ଗତ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର ଗସ୍ତରେ ଆସିଥିଲେ। ବଲାଙ୍ଗୀର ରେଳଷ୍ଟେଶନରେ ଏକ ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଲୋଇସିଂହା ଷ୍ଟେଶନରୁ ୧୨ଟି ଷ୍ଟିଲ ଚୌକି ସେଠାକୁ ନିଆଯାଇଥିଲା। କାର୍ଯ୍ୟକ୍ରମ ସରିବା ଇତିମଧ୍ୟରେ ୧୫ଦିନ ବିତିଥିଲେ ମଧ୍ୟ ଉପରୋକ୍ତ ଚୌକି ଲୋଇସିଂହା ଷ୍ଟେଶନକୁ ଫେରିନାହିଁ। ଫଳରେ ରେଳଷ୍ଟେଶନ ଉପରେ ନିର୍ଭର କରୁଥିବା ଶତାଧିକ ଯାତ୍ରୀ ଦୁଇ ସପ୍ତାହକ ହେବ ବସିବା ପାଇଁ ହଟହଟା ହେଉଛନ୍ତି। ସୂଚନାମତେ, ଲୋଇସିଂହା ରେଳଷ୍ଟେଶନ ଯାତ୍ରୀଙ୍କ ସୁବିଧା ପାଇଁ ଷ୍ଟିଲର ୧୪ଟି ଚୌକି ଯୋଗାଣ ହୋଇଥିଲା। ଗୋଟିଏ ଚୌକିରେ ଅନ୍ୟୁନ ୫ଜଣ ଯାତ୍ରୀ ବସିବା ସୁବିଧା ରହିଥିଲା। ପ୍ରଧାନମନ୍ତ୍ରୀଙ୍କ ସଭାକୁ ୧୨ଖଣ୍ଡ ଚୌକି ଯାଇଥିଲା। ଏ ସଂକ୍ରାନ୍ତରେ ଷ୍ଟେଶନ ମାଷ୍ଟର ସୁରେଶଚନ୍ଦ୍ର ଦାସଙ୍କୁ ପଚାରିବାରୁ ଯେଉଁ ଅଧିକାରୀ ଏଠାରୁ ଚୌକି ନେଇଥିଲେ ତାଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରିବାକୁ ବାରମ୍ବାର ଜଣାଇ ଆସୁଛି। ହେଲେ ସମ୍ପୃକ୍ତ ଅଧିକାରୀ ଛୁଟିରେ ଥିବାରୁ ଚୌକି ଫେରି ପାରି ନ ଥିବା ସେ କହିଥିଲେ।

## ବିଜେଡି କର୍ମୀ ସମ୍ମିଳନୀ

**ଗୁଡ଼ଭେଲା,୨୯।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏୟାରଷ୍ଟ୍ରିପ ପରିସରରେ ମଙ୍ଗଳବାର ଜିଲା ବିଜେଡି ସଭାପତି ତଥା ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ସଭାପତିତ୍ୱରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ରାଜ୍ୟ ସଭା ଏମ୍‌ପି ଅନଙ୍ଗ ଉଦୟ ସିଂଦେଓ, ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଜିଲାର ସମସ୍ତ ୫ଟି ବିଧାନସଭା କ୍ଷେତ୍ରରୁ କିଭଳି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଯାଇପାରିବ ସେଥିପ୍ରତି କାମ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ଭାଜପା ଜିଲା ସାଧାରଣ ସମ୍ପାଦିକା ରଞ୍ଜୁ ରାଇମନ, ଫିରୋଜ ସାହୁ, ମଞ୍ଜୁପ୍ରିୟା ତନ୍ତୀ, ଲଳିତ ସାହୁ, କଂଗ୍ରେସର ସଞ୍ଜିବ ମୁଣ୍ଡ, ଅଞ୍ଚଳ ବିକାଶ ପରିଷଦ ଦେଓଗାଁର ଟଙ୍କଧର ଗଡତ୍ୟା ନିଜର ବହୁ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଥିଲେ। ସମସ୍ତଙ୍କୁ ଜିଲା ସଭାପତି ସିଂଦେଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଦଳର ଜିଲା ଉପସଭାପତି ଭବାନୀ ଶଙ୍କର ହୋତା ଧନ୍ୟବାଦ ଦେଇଥିଲେ।





ବିଜେଡିରେ ଯୋଗ ଦେବା ଅବସରରେ ନାରୀନେତ୍ରୀ ରଞ୍ଜୁ ରାଇମନଙ୍କୁ ଜିଲା ସଭାପତି କଳିକେଶ ନାରାୟଣ ସିଂଦେଓ ସ୍ୱାଗତ କରୁଛନ୍ତି।

## ଆତ୍ମରକ୍ଷା ତାଲିମ ଶିବିର

**ତରଭା,୨୯।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ପଞ୍ଚାୟତ କଲେଜ ଚାରଭଟାରେ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୭ତାରିଖରୁ ଏହି ଶିବିର ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ସଭାରେ କଲେଜ ଅଧ୍ୟକ୍ଷ ମହମ୍ମଦ ମୁସେଲମିନ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ସମାଜରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପ୍ରମିଳା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ନାରୀ ଅବଳା କି ଦୁର୍ବଳା ନୁହଁ। ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କିତ ଏହି ତାଲିମ କାର୍ଯ୍ୟକ୍ରମ ବାସ୍ତବ ଜୀବନରେ ବେଶ ସାହାସୀ କରାଇବ ବୋଲି କହିଥିଲେ। ମାଷ୍ଟର ଟ୍ରେନର ତାରା ନାୟକ ଓ ମାମି ଘିବଲା ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କିତ ବିଭିନ୍ନ କୌଶଳର ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରା ଯାଇଥିଲା। ପ୍ରଦୀପ ପୂଜାହାରୀ, ଭରତ ବିଶ୍ୱାଳ, ଦୁତିଆ ମହାନନ୍ଦ ଓ ତାରାଶଙ୍କର ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ସରୁନି ଦାଦନ ଦୁଃଖ

## ତିନିମାସରେ ୩ ଶ୍ରମିକ ମୃତ

**ପୋଲିସ, ଶ୍ରମ ବିଭାଗ ପାଖରେ ଖବର ନାହିଁ**

**ଖପ୍ରାଖୋଲ, ୨୯।୧ (ଡି.ଏନ.ଏ.)**

ଦାଦନ ଦୁଃଖ କମିବା ନାଁ ନେଉନାହିଁ। ପେଟପାଟଣା ପାଇଁ ବାହାରକୁ କାମ କରିବାକୁ ଯାଇ ଗତ ୨ମାସରେ ୩ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଖବର ସ୍ଥାନୀୟ ପୋଲିସ ଅଥବା ଜିଲା ଶ୍ରମ ବିଭାଗ ପାଖରେ ଖବର ନାହିଁ। ଏଭଳି ଅଭିଯୋଗ ଆସିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ରେଙ୍ଗାଲି ପଞ୍ଚାୟତରେ। ଗତ ନଭେମ୍ବର ମାସରେ ଖୁରିପାଣି ଗାଁର ସାଗର ପୁଟା(୨୪)ଙ୍କ ତେଲେଙ୍ଗାନାରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସେହିଠାରେ ହିଁ ଅନ୍ତିମ ସଂସ୍କାର କରି ଦିଆଯାଇଥିଲା। ପରେ ସେଠାରୁ ନିରାଶ ହୋଇ ଗାଁକୁ ଫେରିଥିଲେ ତାଙ୍କ ସ୍ତ୍ରୀ ଓ ଛୋଟ ପିଲା। କିଛିଦିନ ତଳେ ଲହଡୁଙ୍ଗୁରି ଗାଁର ଜଣେ ଦାଦନ ଶ୍ରମିକ ଯୁଧିଷ୍ଠିର ନାଗ(୬୦) କଣ୍ଟାବାଞ୍ଜିର ଇଟାଭାଟିରେ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଖବର ପ୍ରକାଶ ପାଇଥିଲା। ତାଙ୍କ ମୃତଦେହ ଗାଁକୁ ଆସିଥିଲା। ଆଶ୍ଚର୍ଯ୍ୟଜନକଭାବେ ପରିବାର ଲୋକେ ଥାନା କିମ୍ବା ଶ୍ରମ ବିଭାଗ ପାଖରେ ଏ ନେଇ ଅଭିଯୋଗ କରି ନ ଥିଲେ। ଏବେ ପୁଣି ଉକ୍ତ ପଞ୍ଚାୟତର ରେଙ୍ଗାଲି ଗାଁର ସୁରେନ୍ଦ୍ର ବାଗ(୪୫) ନାମକ ଜଣେ ଦାଦନ ଶ୍ରମିକଙ୍କ ଆନ୍ଧ୍ରପ୍ରଦେଶରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ସୂଚନା ଅନୁସାରେ ସୁରେନ୍ଦ୍ର ଗତ ୧୮ ତାରିଖ ଘରୁ ସେଠାକୁ ଯାଇଥିଲେ। ହେଲେ ୨୧ ତାରିଖରେ ଆନ୍ଧ୍ରପ୍ରଦେଶର ବିଜୟୱାଡା ପାଖରେ ଏକ ମୃତଦେହ ଟ୍ରେନ ଲାଇନ ଉପରେ ପଡିଥିବା ନେଇ ପରିବାର ଲୋକଙ୍କୁ ଫୋନ ଆସିଥିଲା। ମୃତଦେହର ଫଟୋ ହ୍ୱାଟସପ୍‌ରେ କେହି ପଠାଇଥିବା ପରିବାର ଲୋକଙ୍କଠାରୁ ଜଣାଯାଇଛି। ହେଲେ କିଭଳି ଓ କାହା ସାଙ୍ଗରେ ବ୍ୟକ୍ତି ଜଣକ ଦାଦନ ଖଟି ଯାଇଥିଲେ ସେ ନେଇ ପରିବାର ଲୋକ ମୁହଁ ଖୋଲୁ ନାହାନ୍ତି। ଅପରପକ୍ଷରେ ତାଙ୍କ ପରିବାର ଲୋକେ ଶୁଦ୍ଧିକ୍ରିୟାଦି କର୍ମ ସାରିଛନ୍ତି ଓ ତାଙ୍କ ସ୍ତ୍ରୀ ଏବେ ବିଧବା ହୋଇ ଝିଅ ସହିତ ଦୁର୍ବିସହ ଜୀବନ ବିତାଉଛନ୍ତି। ଏହି ସମସ୍ତ ୩ଟି ଯାକ ଘଟଣାକୁ ଦେଖିଲେ କୌଣସି ଘଟଣାରେ ପରିବାର ଲୋକେ ପୋଲିସ କିମ୍ବା ଶ୍ରମ ବିଭାଗ ନିକଟରେ ଅଭିଯୋଗ କରିବା ଦୂରର କଥା ମୃତ୍ୟୁକୁ ନେଇ ସବିଶେଷ ତଥ୍ୟ ଦେଉ ନାହାନ୍ତି। ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଲାଠୋର ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ ପଚାରିବାରୁ ଦାଦନ ଶ୍ରମିକଙ୍କ ମୃତ୍ୟୁ ନେଇ କୌଣସି ଅଭିଯୋଗ ଆସିନାହିଁ। ସମାନକଥାକହିଛନ୍ତିଜିଲାଶ୍ରମଅଧିକାରୀ ସୁରେଶ କୁମାର ବେହେରା। ବିଧିବଦ୍ଧ ଅଭିଯୋଗ ଆସିଲେ ଆବଶ୍ୟକ ପଦକ୍ଷେପ ନିଆଯିବଏବଂଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଅଭାବ ଅନାଟନ୍ ଚରମସୀମାରେ

## ଭଂଗାଘରେ ଅଶ୍ରେ ନେଇଛନ୍ ୪ ପରାନୀ

**ଲୋଇସିଂହା,୨୯।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଯୋଗୀସର୍ଡ଼ା ଗାଁର ସନ୍ତୋଷିନୀ ମେଶ୍ୱାଙ୍କର ମାଏଟ୍ ଘର ଗଲା ବର୍ଷାରେ ଭାଂଗିଯାଇଥିଲା। ମରାମତି ଅଭାବୁ ଏହେଦେ ଘରଟା ଦଦ୍‌ରା ହେଇ ବିପଦ୍ ଅବସ୍ତାରେ ରହିଛେ। ପଏସାକଉଡ଼ ଅଭାବୁ ୪ ପରାନୀ କୁଟୁମ ନିଜର ଜୀବନ୍‌କେ ପାଏନ୍ ଛଡ଼େଇ ସେ ଦଦ୍‌ରା ଘରେ ରହିଆସୁଥିବାର ଅଭିଯୋଗ କରିଛନ୍। ଖବର ନେବାରେ ଜନାଯାଇଛେ ଯେ, ଯୋଗୀସର୍ଡ଼ା ଗାଁର ସନ୍ତୋଷିନୀ ମେଶ୍ୱା, ଆପ୍‌ନେ ନରସିଂହ ଆର ୨ ପିଲାକୁ ନେଇ ତାକର ସୁଖର ସଁସାର। ପରିବାରଟା ନିହାତି ଗରିବ ହେଇଥିଲା ବେଲେ ନରସିଂହ କୁଲିମଜୁରି କରି କୁଟୁମ ପୁଷୁଛନ୍। ଘରେ ଅଭାବ ଅନାଟନ୍ ସବୁବେଲେ ଲାଗି ରହିଛେ। ଏନ୍‌ତାଥି ଗଲା ସାମୁଦ୍ରିକ ଝଡ଼ ପେଥାଇ ପରଭାବରେ ହେଇଥିବାର ଝରି ବର୍ଷା ପରିବାର ଉପରେ ଦାଉ ସାଧିଲା। ବର୍ଷାରେ ସନ୍ତୋଷିନୀଙ୍କର ମାଏଟ୍ କୁରିଆ ଭାଂଗିଯାଇଥିଲା। ହେଲେ ପରିବାରଟା ଉପେ ଶୂଇନ୍ ହେଇ କୁଟୁମବସିଆ ଜୀବନ୍‌କେ ପାଏନ୍‌ଛଡ଼େଇ ସେ ଦଦ୍‌ରା ଘରେ ରହୁଥିବାର କହିଛନ୍। ଇ ଦିଗେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ସେମାନେ ଦାବି କରିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍ ପ୍ରଶାନ୍ତ ପଧାନକୁଁ ପଚରାଲାରୁ ମୋତେ ଇ ବିଷେରେ କେହି ଅଭିଯୋଗ ନାଇଁକରି। ହିତାଧିକାରୀ ଇ ବାବ୍‌ଦେ ଲେଖିକରି ଦେଲେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ନିଜର ଭଂଗା ଘର ଆଘେ ସନ୍ତୋଷିନୀ ମେଶ୍ୱା।

## ମଦଭାଟି ମ୍ୟାନେଜରଙ୍କୁ ଗୁଳି, ଲୁଟ୍ ଘଟଣାର ପର୍ଦ୍ଦାଫାଶ

**ସଇଁତଲା, ୨୯।୧(ଡି.ଏନ.ଏ.)**

ଦେଶୀ ମଦଭାଟି ମ୍ୟାନେଜର ଗୁଳିକାଣ୍ଡ ଓ ୩ ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ପୋଲିସ। ଏହି ଘଟଣାରେ ୯ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪୫ ହଜାର ଟଙ୍କା ଏବଂ ଏକ ଦେଶୀ ବନ୍ଧୁକ ଜବତ ହୋଇଥିବା ଏସ୍‌ପି କେ. ଶିବା ସୁବ୍ରମଣି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ୨୦ ତାରିଖ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ବିବିନା ଭାଟି ମ୍ୟାନେଜର ଗୌତମ ବର୍ମା ଓ ଆମ୍ରପାଲି ଭାଟି ମ୍ୟାନେଜର ନରେନ୍ଦ୍ର ପ୍ରସାଦ ଗୁପ୍ତା ଏକ ବାଇକ୍‌ରେ ୩ ଲକ୍ଷ ୬ହଜାର ଟଙ୍କା ଧରି ଟିଟିଲାଗଡ ବ୍ୟାଙ୍କ ଅଭିମୁଖେ ଯାଉଥିଲେ। ରେଙ୍ଗାଲି ଛକ ନିକଟରେ ସେମାନଙ୍କୁ କିଛି ଦୁର୍ବୃତ୍ତ ଅଟକାଇ ଅତର୍କିତ ଆକ୍ରମଣ କରିଥିଲେ। ଏହାପରେ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଗୁଳି କରିବାରୁ ଭାଟି ମ୍ୟାନେଜର ଗୁପ୍ତା ଆହତ ହୋଇଥିଲେ। ତାଙ୍କ ଗୋଡରେ ଗୁଳି ଲାଗିଥିଲା। ଏହାପରେ ଦୁର୍ବୃତ୍ତମାନେ ସେମାନଙ୍କଠାରୁ ୩ ଲକ୍ଷ ୬ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାର ତଦନ୍ତ କରି ପୋଲିସ ୯ ଜଣଙ୍କୁ ଗିରଫ କରିଛି। ଗତ ୨୬ ତାରିଖ ଏହି ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ବବଲୁ ମହାନନ୍ଦଙ୍କୁ ପୋଲିସ କାବୁ କରିଥିଲା। ପୋଲିସ ଉପରକୁ ଅଭିଯୁକ୍ତ ବବ୍‌ଲୁ ମହାନନ୍ଦ ଗୁଳି ଚଳାଇବା ପରେ ପାଲଟା ଗୁଳି କରିବାରୁ ବବ୍‌ଲୁ ଆହତ ହୋଇଥିଲେ। ଅଭିଯୁକ୍ତଙ୍କୁ ଜେରା ପରେ ଅନେକ ଆପରାଧିକ ଘଟଣା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପୋଲିସ ପାଇଥିଲା। ଏହାପରେ ବବଲୁ ଗ୍ୟାଙ୍ଗର ଅଜିତ ବାଗ (୨୬), ଅମିତ ରଣା (୨୨), ଆର୍ତ୍ତ ଚିନ୍ଦା (୨୪), ଅମରେଶ ପଟ୍ଟନାୟକ (୩୨), ଅଶ୍ୱିନୀ ହରପାଲ (୨୬), ରାଜେଶ ବାଗ (୨୪), ପ୍ରଶାନ୍ତ ନନ୍ଦ (୨୪) ଓ ଅଶୋକ ହରପାଲ (୨୨)ଙ୍କୁ ପୋଲିସ ଗିରଫ କରି ସେମାନଙ୍କଠାରୁ ୪ଟି ବାଇକ୍, ୭ଟି ମୋବାଇଲ ଫୋନ ଓ ୨ଟି ଦେଶୀ ବନ୍ଧୁକ ସହ ନଗଦ ୪୫ ହଜାର ଟଙ୍କା ଜବତ୍ କରିଛି। ସଇଁତଲା ଥାନାରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ୩୯୫/୧୨୦(ବି) ଏବଂ ୨୫/୨୭ ଆର୍ମସ୍ ଆକ୍ଟରେ ଏକ ମାମଲା (ନଂ୭/୧୯) ରୁଜୁ ହୋଇଥିଲା। ସମସ୍ତ ୮ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୂର୍ବରୁ ପୋଲିସ ଏନ୍‌କାଉଣ୍ଟରରେ ଆହତ ହୋଇଥିବା ବବଲୁ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଅଭିଯୁକ୍ତମାନେ ସଇଁତଲା ଆମ୍ରପାଲି ମ୍ୟାନେଜରଙ୍କଠାରୁ ୩ ଲକ୍ଷ ୬ ହଜାର ଲୁଟ, ବଡ଼ବନ୍ଧ ଆନ୍ଧ୍ର ବ୍ୟାଙ୍କର ୧୯ ଲକ୍ଷ ଡକାୟତି, ଦେଓଗାଁ ମଦଭାଟିରୁ ୬ ଲକ୍ଷ, ବଲାଙ୍ଗୀର ଜିତୁ ଢ଼ାବା ଗୁଳିକାଣ୍ଡ ଓ ଟିଟିଲାଗଢ଼ ବିଜେପୁର ୟୁଜିବି ବ୍ୟାଙ୍କ ମ୍ୟାନେଜରଙ୍କୁ ଗୁଳିମାଡ଼ ଘଟଣାରେ ସମ୍ପୃକ୍ତ ଥିବା ଏସପି ସୁବ୍ରାମଣି ସୂଚନା ଦେଇଛନ୍ତି। ସଇଁତଲା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସପି ସୁବ୍ରମଣିଙ୍କ ସହ ଟିଟିଲାଗଡ ଏସଡିପିଓ ସରୋଜ ମହାପାତ୍ର, ସଇଁତଲା ଥାନା ଅଧିକାରୀ ଅବନୀ ସାହୁ, ଏସଆଇ ସୁନିଲ ସୁରେନ, ଦୁର୍ବାଦଳ ମେହେର ଓ ତୁଷୁରା ଥାନା ଅଧିକାରୀ ପଞ୍ଚାନନ ନାଏକ ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ପୋଲିସ ଜବତ କରିଥିବା ୪ ବାଇକ୍।



ଜବତ ଠେଙ୍ଗା, ଦେଶୀ ବନ୍ଧୁକ, ଟଙ୍କା, ମୋବାଇଲ।





ଗିରଫ ଅଭିଯୁକ୍ତଙ୍କୁ ଖବରଦାତା ସମ୍ମିଳନୀରେ ପେସ୍ କରାଯାଉଛି।

- ୯ ଅଭିଯୁକ୍ତ ଗିରଫ, ବନ୍ଧୁକ ଉଦ୍ଧାର
- ବାଇକ, ୪୫ ହଜାର ଟଙ୍କା, ମୋବାଇଲ ଜବତ
- ଖବରଦାତା ସମ୍ମିଳନୀରେ ଏସ୍‌ପି ଦେଲେ ସୂଚନା



“ ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସିଏ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
- ଥୋମାସ କାର୍ଲାଇଲ୍

## ସଂକ୍ଷେପରେ

### ୫ ଭରି ସୁନା ଅଳଙ୍କାର ଚୋରି: ପୋଲିସର ତଦନ୍ତ ଆରମ୍ଭ

ଖଡିଆଳ,୨୯।୧(ଡି.ଏନ.ଏ.) ନୂଆପଡା ଜିଲା ଖଡିଆଳ ସହର ଶାନ୍ତିନଗରର ରଶ୍ମିରଞ୍ଜନ ପ୍ରଧାନଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଘର କବାଟ ଭାଙ୍ଗି ଆଲମାରୀରୁ ୫ ଭରି ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଖଡିଆଳ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ଥାନାରେ ଏକ ମାମଲା (ନଂ. ୧୮/୧୯) ରୁଜୁ କରି ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି । ଏ ପର୍ଯ୍ୟନ୍ତ ଚୋରୀ ସୁନା ଅଳଙ୍କାର କିମ୍ବା ଚୋରଙ୍କ କୌଣସି ସୁରାକ ମିଳି ନ ଥିବା ଜଣାପଡିଛି । ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ରଶ୍ମିରଞ୍ଜନ ସପରିବା ସହ ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ଘର ତାଲା ବନ୍ଦ କରି ଭୁବନେଶ୍ୱର ଯାଇଥିଲେ । ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ଘର ତାଲା ଭାଙ୍ଗିବା ସହ ଆଲମାରୀର ତାଲା ଭାଙ୍ଗି ୫ ଭରି ସୁନା ଅଳଙ୍କାର ଚୋରି କରି ନେଇଥିବା ଭୁବନେଶ୍ୱରରୁ ଫେରିବା ପରେ ଜାଣିବାକୁ ପାଇଥିଲେ । ଏହା ପୂର୍ବରୁ ଗତ ଡିସେମ୍ବର ୧୬ରେ ଖଡିଆଳ ସହର ୧୨ ନମ୍ବର ୱାର୍ଡ ବ୍ରାହ୍ମଣପଡାର ପ୍ରଦୀପ କୁମାର ଖମାରୀଙ୍କ ଘର ତାଲା ଭାଙ୍ଗି ଆଲମାରୀରୁ ନଗଦ ୨ ଲକ୍ଷ ଟଙ୍କା ସହ ପ୍ରାୟ ୩୫ ଭରି ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା ।

### ଦିବ୍ୟାଙ୍ଗ ନାବାଳିକା ଉଦ୍ଧାର

ଜୁନାଗଡ,୨୯।୧(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲା ଢାବା ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଜଣା ଦିବ୍ୟାଙ୍ଗ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି । ଖବର ପାଇ ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଚାରବାହାଲ ସରପଞ୍ଚ ପ୍ରତିନିଧି ମୀନକେତନ ଦଳପତି ଘଟଣା ସ୍ଥଳରେ ପହଞ୍ଚି ଦିବ୍ୟାଙ୍ଗ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଜଣକ ମୁକ ଓ ବଧିର ହୋଇଥିବାରୁ ଲୋକେ ଯେତେ ପଚାରିଲେ ବି ନିଜ ନାମ ଓ ଗ୍ରାମ ସମ୍ପର୍କରେ କିଛି କହି ନ ଥିଲେ। ମହିଚଲା ସରପଞ୍ଚ କୋକସରା ପୋଲିସରେ ଖବର ଦେବା ପରେ ଥାନାଧିକାରୀ ଉତ୍ତମ କୁମାର ସାହୁ ସଦଳବଳ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ସ୍ଥାନୀୟ ଲୋକେ ଦିବ୍ୟାଙ୍ଗ ନାବାଳିକାଙ୍କୁ କୋକସରା ପୋଲିସରେ ହସ୍ତାନ୍ତର କରିଥିଲେ। କୋକସରା ପୋଲିସ ଦିବ୍ୟାଙ୍ଗ ନାବାଳିକାଙ୍କୁ ଧର୍ମଗଡ ସ୍ୱାଧାର ଗୃହରେ ଛାଡି ଆସିଥିବା ଜଣାପଡିଛି।

ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

# ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟର ସମୃଦ୍ଧି ସମ୍ଭବ

ନୂଆପଡା ଅଫିସ,୨୯।୧

ଆମେ ଯେଉଁ ବିଦ୍ୟାଳୟରେ ଶିକ୍ଷା ଲାଭ କରି ମଣିଷ ହେଇଛୁ । ଜୀବନର ପ୍ରତିଟି ପାହାଚରେ ସେହି ବିଦ୍ୟାଳୟର ସ୍ମୃତି ଆମକୁ ଆନ୍ଦୋଳିତ କରିଥାଏ । ସେହି ବିଦ୍ୟାଳୟର ଉତଥାନ ସକାଶେ ଆମରି ସହଯୋଗ ନିତାନ୍ତ ଜରୁରୀ । ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟ ସମୃଦ୍ଧ ହୋଇ ଉଠିବ ବୋଲି ମତପ୍ରକାଶ ପାଇଛି । ସ୍ଥାନୀୟ ନୂଆପଡା ନ୍ୟାଶନାଲ ହାଇସ୍କୁଲ ପରିସରରେ ଆୟୋଜିତ ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ବକ୍ତାମାନେ ଯୋଗଦେଇ ଏହି ମତ ରଖିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ସଭାପତିତ୍ୱ କରିଥିବା ବେଳେ ଜିଲାପାଳ ଡା. ପୋମା ଟୁଡୁ ମୁଖ୍ୟଅତିଥି, ନୂଆପଡା ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ, ଖଡିଆଳ ବ୍ଲକ ଶିକ୍ଷାଧିକାରୀ ଜଗଦିଶ



ଜଣେ ପୁରାତନ ଛାତ୍ରଙ୍କୁ ଜିଲାପାଳ ସମ୍ମାନିତ କରୁଛନ୍ତି ।

ପ୍ରସାଦ ଖମାରୀ, ବୋଡେନ ବ୍ଲକ ଶିକ୍ଷାଧିକାରୀ ଇନ୍ଦ୍ରମଣୀ ପାଣିଗ୍ରାହୀ, ନ୍ୟାଶନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲା ଶିକ୍ଷାଧିକାରୀ ଭୋଇ ବିବରଣୀ ଉପସ୍ଥାପନ କରି କହିଥିଲେ ଯେ, ଜିଲାରେ ଆଜକୁ ବର୍ଷେ ହେବ ମୋଟ ସ୍କୁଲ ଅଭିଯାନ ଚାଲିଛି । ଏହିକ୍ରମରେ ଜିଲାରେ ଅଭିଭାବକ ମହଲରେ ଏହାକୁ ବହୁ

## ସର୍ବଶ୍ରେଷ୍ଠ ଦାତା ସମ୍ମାନିତ

ସମ୍ମାନ ଏବଂ ସମର୍ଥନ ମିଳିଛି। ଇତିମଧ୍ୟରେ ମୋଟ ୬୪ ଲକ୍ଷ ୯୭ ହଜାର ୭୨୨ ଟଙ୍କା ପୁରୁଣା ଛାତ୍ରୀଛାତ୍ରମାନଙ୍କଠାରୁ ମିଳିଛି । ଏହି ବାବଦକୁ ରାଜ୍ୟ ସରକାରଙ୍କଠାରୁ ଦ୍ୱିଗୁଣା ଅନୁଦାନ ମିଳିସାରିଛି । ଏଥିରେ ବିଦ୍ୟାଳୟରଗୁଡିକର ଉନ୍ନତିକରଣ କରାଯାଇ ପାରିବ । ଏଥିରେ ଜିଲାର ୩ଜଣ ସର୍ବଶ୍ରେଷ୍ଠ ଦାତା ଭାବରେ ପୂର୍ବତନ ଛାତ୍ର ଖଡିଆଳ ବ୍ଲକର ତୁକୁଲା ହାଇସ୍କୁଲର ବାଳ କିଷନ ଅଗ୍ରୱାଲ ଦେଢ ଲକ୍ଷ ଟଙ୍କା ଦାନ କରିଥିବାବେଳେ ଲକ୍ଷ୍ମୀ ସାଣ୍ଡ ଜାମପାଣି ହାଇସ୍କୁଲକୁ ୯୦ ହଜାର ଟଙ୍କା ଏବଂ ଜୟନ୍ତ ପଣ୍ଡା ଲୋହରାପାଲି ହାଇସ୍କୁଲକୁ ୫୦ ହଜାର ଏବଂ ରାମନାଥ ଉଚ୍ଚ ବିଦ୍ୟାପୀଠକୁ ୨୦ ହଜାର ଟଙ୍କା ଦାନ କରିଥିବାରୁ ମାନପତ୍ର ଦେଇ ଜିଲାପାଳ ସମ୍ମାନିତ କରିଥିଲେ। ଏହିଭଳି ବିଭିନ୍ନ ବିଦ୍ୟାଳୟ ତରଫରୁ ଆସିଥିବା ପୁରୁଣା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରଧାନଶିକ୍ଷକ ଶିବ ରମଣ ସିଂ ଦେଓ, କିଶୋର ଚନ୍ଦ୍ର ଯୋଷୀ, ପୀତାମ୍ବର ଦୀପ, ସୂର୍ଯ୍ୟନାରାୟଣ ପାଢୀ, ମୋ ସ୍କୁଲ ଅଭିଯାନର କ୍ଷମାନିଧି ଦେୱାଙ୍ଗନ ପ୍ରମୁଖ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ନିଜର ମତ ଏବଂ ଅଭିଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକ ବିଦ୍ୟାଳୟଗୁଡିକର ପ୍ରଧାନଶିକ୍ଷକ, ଆଲୁମିନି, ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ବରିଷ୍ଠ କିରାଣୀ ମହେନ୍ଦ୍ର କୁମାର ବେହେରା, ଅନ୍ତନିବେଶୀ ଶିକ୍ଷା ସଂଯୋଜକ ହେମନ୍ତ କୁମାର ଭୋଇ, କିଶୋର କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ଆଖିଆ କଣା
ସେ କି ଜାଣେ ବୁଝାମଣା ।**

କଣାର ଗୋଟାଏ ଆଖି। ଯେଉଁ ପଟର ଆଖିଥାଏ ସେ ସେଇପଟକୁ ଭଲ ଦେଖିପାରେ ଏବଂ ସେଇ ପଟକଥାର ଚିନ୍ତା କରୁଥାଏ। ଅନ୍ୟପଟ ଦେଖିବା ପାଇଁ ହେଲେ ମୁହଁ ବୁଲେଇବାକୁ ପଡ଼େ। ପରୋକ୍ଷରେ ଭଲମନ୍ଦ ବିଚାର ନ କରି ଗୋଟିଏ ଦିଗକୁ ଦୃଷ୍ଟିରେ ରଖି ବା ଚିନ୍ତା କରି ଏକପାଖିଆ ନିଷ୍ପତ୍ତି ନେଇଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏ ହାତକୁ ସେ ହାତ
ଖଣ୍ଡିଆ ହାତକୁ ଜଗନ୍ନାଥ ।**

ଜଗନ୍ନାଥ ହେଉଛନ୍ତି ଜଗତର ନାଥ। ତାଙ୍କ ଉପରେ ସମସ୍ତଙ୍କର ଅଶେଷ ଭରସା ରହିଥାଏ। ସାଧାରଣତଃ କେହି କାହାକୁ କିଛି ଦେଲେ ଦେଲା ଲୋକକୁ ନେଲା ଲୋକ କିଛି ଦେଇଥାଏ। ପରନ୍ତୁ ଯାହାର କେହି ନାହାନ୍ତି, ସମ୍ପୂର୍ଣ୍ଣ ନିଃସ୍ୱ, ତାର କାହାକୁ କିଛି ଦେବାକୁ ସମ୍ବଳ ନାହିଁ, ତାକୁ କେହି ଦେବାକୁ ଉଚିତ ମଣି ନ ଥାନ୍ତି। ଅରକ୍ଷିତକୁ ଦଇବ ସାହା ଭଳି ଉକ୍ତ ବ୍ୟକ୍ତି ପାଇଁ କେବଳ ଜଗନ୍ନାଥ ବା ଭଗବାନ ସାହା ହୋଇଥାନ୍ତି ସେହିଁ ଏକମାତ୍ର ଦେବା ଲୋକ ସେ ଭରସା ହୋଇଥାନ୍ତି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଫେବୃୟାରୀ ୧, ୨ରେ ବୁଢ଼ାଡଙ୍ଗର ଲୋକ ମହୋତ୍ସବ

କେସିଙ୍ଗା,୨୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଆସନ୍ତା ଫେବୃୟାରୀ ୧ ଓ ୨ ତାରିଖ ଦୁଇ ଦିନ ବ୍ୟାପି ରାଜ୍ୟସ୍ତରୀୟ ବୁଢ଼ାଡଙ୍ଗର ଲୋକ ମହୋତ୍ସବ- ୨୦୧୯ ଅନୁଷ୍ଠିତ ହେବ । ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରେ ଅନୁଷ୍ଠାନ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅକ୍ଷୟ କୁମାର ଦାଶ ଓ କେସିଙ୍ଗା ମହାବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧ୍ୟାପକ ସୁଶାନ୍ତ ପାଢ଼ୀଙ୍କ ଦ୍ୱାରା ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଅତିଥିଗଣ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହିତ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ପାଇଁ ଅନୁଷ୍ଠାନ ପକ୍ଷର ନିଷ୍ପତ୍ତି ହୋଇଥିବା ଜଣାପଡିଛି ।



ଖବରଦାତା ସମ୍ମିଳନୀରେ ବୁଢ଼ାଡଙ୍ଗର ଲୋକ ମହୋତ୍ସବ ଅନୁଷ୍ଠାନ କର୍ମକର୍ତ୍ତା ।

# ଚାକିରି ପାଇଁ ଯାଇ ଯୁବତୀ ନିଖୋଜ

ତରବୋଡ,୨୯।୧(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଗ୍ରାମର ଜଣେ ଯୁବତୀ ୬ ମାସରୁ ଉର୍ଦ୍ଧ୍ୱ ହେବ ଅନ୍ୟା ଜଣେ ଯୁବତୀ ସହ ଚାକିରୀ କରିବା ଯାଇ ନିଖୋଜ ହୋଇଥିବା ଅଭିଯୋଗ ହେଉଛି । ଏହା ଏକ ସୁପରିକଳ୍ପିତ ଅପହରଣ ବୋଲି ଅଭିଯୋଗ କରି ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟାନୁଷ୍ଠାନ ଦାବି କରିଛି । ତରବୋଡ ଅଞ୍ଚଳର ସମ୍ପୃକ୍ତ ଯୁବତୀ ଖଡିଆଳ ଥାନା ଅଞ୍ଚଳର ଅନ୍ୟ ଜଣେ ଯୁବତୀ ସହ ଗତ ଜୁଲାଇ ୨୬ରୁ ଘରୁ ବାହାରି ଥିଲେ । ସେ ଉଦ୍ୟାନବନ୍ଦରୁ ଏକ ବସରେ ବଲାଙ୍ଗୀର ଜିଲା କେରବେଡା ଗ୍ରାମର ପ୍ରହଲ୍ଲାଦ ବାଗଙ୍କ ଘରକୁ ଯାଇ ସେଠାରୁ କଟକ ଯିବା ପର୍ଯ୍ୟନ୍ତ ଖବର ପରିବାର ପାଇଥିଲେ। ଅଗଷ୍ଟ ୧୫ ତାରିଖରେ ପହଲ୍ଲାଦ ବାଗ ତରବୋଡ ଗ୍ରାମକୁ ପହଞ୍ଚି ଯୁବତୀଙ୍କ ପରିବାର ଲୋକଙ୍କୁ ୨ ହଜାର ଟଙ୍କା ଦେଇ ବ୍ୟାଙ୍କ ଆକାଉଣ୍ଟରେ ପ୍ରତି ମାସ ଟଙ୍କା ଜମା ହେବ ବୋଲି କହିଥିଲେ । କିଛିଦିନ ପରେ ଯୁବତୀ ଜଣଙ୍କ ଘରକୁ



ମହିଳା ମୋର୍ଚ୍ଚା ତରଫରୁ କୋମନା ଥାନାରେ ଅଭିଯୋଗ କରାଯାଉଛି ।

## ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ଫୋନ କରି ଠିକ୍ ଥିବା କହିଥିଲେ । ତାପରଠାରୁ ଆଉ ଫୋନ ଲାଗୁ ନ ଥିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ଜାତ ହେଉଛି । କଟକକୁ ଯାଇ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲେ। ଏବେ ପହଲ୍ଲାଦଙ୍କ ଖବର ମିଳୁ ନ ଥିବା ଅଭିଯୋଗ ହେଉଛି । ଏ ନେଇ ଗତ ଅକ୍ଟୋବର ୧୭ରେ ତରବୋଡ ଫାଣ୍ଡି ଓ ନଭେମ୍ବର ୨୬ରେ ନୂଆପଡା ଏସପିଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଭାଜପା ମହିଳା ମୋର୍ଚ୍ଚା ତରଫରୁ ନିଖୋଜ ଥିବା ଯୁବତୀଙ୍କ ପରିବାର ସହ କୋମନା ଥାନାରେ ଅଭିଯୋଗ କରିଛନ୍ତି । ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ମହିଳା ମୋର୍ଚ୍ଚା ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ମହିଳା ମୋର୍ଚ୍ଚା ସଭାନେତ୍ରୀ ରାଜେଶ୍ୱରୀ ଠାକରୁ, ଗାୟତ୍ରୀ ସାହୁ, ରାଜେଶ୍ୱରୀ ସାହୁ, ମମତାଞ୍ଜଳୀ ମାଝି, ଜେମା ମଞ୍ଜୁରୀ ପାଣ୍ଡେ ପ୍ରମୁଖ ନେତୃତ୍ୱ ନେଉଛନ୍ତି ।

# ଜୁନିୟର ରେଡ୍‌କ୍ରସ୍ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭବାନୀପାଟଣା,୨୯।୧ (ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ବିମ୍ବାଧର ନୋଡାଲ ହାଇସ୍କୁଲ କର୍ଲାପଡାଠାରେ ଜୁନିୟର ରେଡକ୍ରସ ଜିଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ ମୁଖ୍ୟଅତିଥି, ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଭବାନୀପାଟଣା ଓଡିଆ ବିଭାଗ ଅଧ୍ୟପକ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା, କର୍ଲାପଡା ସରପଞ୍ଚ ମଧୁସ୍ମିତା ପ୍ରଧାନ, ଜିଲା ଶାରୀରିକ ନିରିକ୍ଷକ ମହେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବାହାଦୁର ସାଗର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁରେନ୍ଦ୍ର କୁମର ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ୩ ଦିନ ଧରି ହେବାକୁଥିବା ଏହି କାର୍ଯ୍ୟକ୍ରମରେ ଜିଲାର ୧୪୫ଟି ହାଇସ୍କୁଲରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଗୁରୁଚରଣ ବେହେରା, ଅନିଲ ମାଝି, ଗୋବିନ୍ଦ ବର୍ମା, ସୁଦାମ ମିଶ୍ର, ନାରାୟଣ ପ୍ରଧାନ ଓ ରୂପସିଂ ରାଉତ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସୁବଳ ଚନ୍ଦ୍ର ପ୍ରଧାନ, କ୍ରୀଡା ଶିକ୍ଷକ ନିର୍ମଳ ଚନ୍ଦ୍ର ପ୍ରଧାନ, କମ୍ପ୍ୟୁଟର ଶିକ୍ଷକ ତରୁଣ କୁମାର ପ୍ରଧାନ, ତିରୁପତି ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BALAJI FINANCE LTD.
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
2୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଳେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଆମେରିକୀୟଙ୍କ ସ୍ୱପ୍ନ ପୂରଣ ପାଇଁ ଆମେ ଏଠାକୁ ଆସିଛୁ । ହେଲେ ଦେଶର ଗଣତନ୍ତ୍ର ଏବେ ବିପଦରେ, ଯାହା ପୂର୍ବରୁ କେବେ ହୋଇ ନ ଥିଲା ।
- କମଲା ହାରିସ, ସିନେଟର

**ସଂକ୍ଷେପରେ**

## ବଡ଼ଚେରଗାଁ ପିଇଓଙ୍କୁ ମାଡ଼ ଘଟଣାରେ ୫ ଅଟକ

ଭବାନୀପାଟଣା,୨୯।୧(ଡି.ଏନ.ଏ.) କଳାହାଣ୍ଡି ଜିଲା କେଗାଁ ଥାନା ବଡରେଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ହୃଷୀକେଶ ରଣାଙ୍କୁ ମାଡ ମାରିବା ଘଟଣାରେ ସୋମବାର ସନ୍ଧ୍ୟାରେ ପୋଲିସ ୫ ଜଣ ଯୁବକଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବଡଚେରଗାଁ ପଞ୍ଚାୟତର ନିର୍ବାହୀ ଅଧିକାରୀ ରଣା ଗତ ୨୬ ତାରିଖରେ ପଞ୍ଚାୟତରେ ପତାକା ଉତ୍ତୋଳନ କରି ଘରକୁ ଫେରିବା ବେଳେ ପଞ୍ଚାୟତ ଗେଟରେ କିଛି ଯୁବକ ତାଲା ପକାଇ ଦେଇଥିଲେ । ଅଫିସ ଗେଟକୁ କାହିଁକି ତାଲା ପକାଉଛ ବୋଲି କହିବାରୁ ସ୍କୁଲ ପିଲାଙ୍କୁ ଅପେକ୍ଷା ନ କରି ଚାଲି ଯାଉଛ ବୋଲି କହି ତାଙ୍କୁ ନିସ୍ତୁକ ମାଡ ମାରିଥିଲେ । ଏ ନେଇ ରଣା କେଗାଁ ଥାନାରେ ଅଭିଯୋଗ ଦେଇଥିଲେ। ସୋମବାର ସନ୍ଧ୍ୟାରେ ପୋଲିସ ମାମଲା ରୁଜୁ କରି ବଡଚେର ଗାଁର ୫ଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି । ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଏହି ଘଟଣାକୁ ନିନ୍ଦା କରିବା ସହ ଏସପି ଓ ଜିଲାପାଳଙ୍କୁ ଭେଟି ଅବଗତ କରିବେ ବୋଲି କହିଛନ୍ତି।



## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ଭବାନୀପାଟଣା,୨୯।୧(ଡି.ଏନ.ଏ.) ଭବାନୀପାଟଣା ପୌରପାଳିକାର ବିଜୁ ଯୁବ ବାହିନୀ ତରଫରୁ ମଙ୍ଗଳବାର ସ୍ଥାନୀୟ ରେଡ୍‌କ୍ରସ କଲ୍ୟାଣ ମଣ୍ଡପଠାରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩ ଜଣ ବିଶିଷ୍ଟ ପ୍ରତିଭା ବିଜନ ରେଡ୍ଡୀ, ଚକ୍ରଧର ମହାରଣା, ଆଲୋକ ସାହୁଙ୍କୁ ମୁଁ ହିରୋ ଭାବେ ସମ୍ମାନିତ କରାଯାଇଛି। ସମ୍ମାନିତ ୩ଜଣ ପ୍ରତିଭା ଧାରୀ ସେମାନେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ଅନାମ ନାଏକ, ସମ୍ମାନିତ ଅତିଥି ଭାବେ ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଅନୁସୂଚିତ ଜାତି କାର୍ଯ୍ୟକାରାଣି ସଦସ୍ୟ ମଣ୍ଟୁ ନାଏକ, ଜିଲା ବିଜୁ ବାହିନୀ ସଂଯୋଜକ ଅବିନାଶ ଠାକୁର, ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରମୋଦ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପୌରାଞ୍ଚଳ ସଂଯୋଜକ ଅବିଶେକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଆଦିବାସୀଙ୍କ ହକ୍ ପାଇଁ ଗ୍ରାମସଭା

# ଜଙ୍ଗଲ ଜମି ଅଧିକାର, ପେସା ଆଇନ କାର୍ଯ୍ୟକାରୀ ଦାବି

ଲାଞ୍ଜିଗଡ଼,୨୯।୧(ଡି.ଏନ.ଏ.)

ଆଦିବାସୀଙ୍କ ଅଧିକାରର ସୁରକ୍ଷା ତଥା ସେମାନଙ୍କ ପାଇଁ ହୋଇଥିବା ଆଇନକୁ କାର୍ଯ୍ୟକାରୀ କରିବାକୁ ସରକାର ସବୁବେଳେ ପଛଘୁଞ୍ଚା ଦେଉଛନ୍ତି । ଅନ୍ୟପକ୍ଷରେ ସରକାର ଏହାର ନାଗରିକମାନଙ୍କୁ ଅଣଦେଖା କରିବା ସହ କର୍ପୋରେଟ୍ ସଂସ୍ଥାଗୁଡିକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି । ଏହାକୁ ବିରୋଧ କରିବା ସହ ଆଦିବାସୀ ଅଞ୍ଚଳରେ ଗ୍ରାମସଭା ଦ୍ୱାରା ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ନାଗରିକ ସଙ୍ଗଠନ କଳାହାଣ୍ଡି ସଚେତନ ନାଗରିକ ମଞ୍ଚ ଓ ନିୟମଗିରି ସୁରକ୍ଷା ସମିତି ଅଣ୍ଟା ଭିଡ଼ିଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ କେନ୍ଦୁବର୍ଡ଼ି ଗାଁରେ ସ୍ଥାନୀୟ ଆଦିବାସୀଙ୍କୁ ନେଇ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଙ୍ଗଲ ଜମି ଅଧିକାର ଆଇନକୁ କାର୍ଯ୍ୟକାରୀ କରିବା ସହ କେନ୍ଦୁବର୍ଡ଼ି ଗାଁର ଆଦିବାସୀମାନେ ପୁରୁଷ ପୁରୁଷ ଧରି ଦଖଲ କରି ଆସୁଥିବା ଜଙ୍ଗଲ ଜମିକୁ ସେମାନଙ୍କ ନାମରେ



ଲାଞ୍ଜିଗଡ଼ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ କେନ୍ଦୁବର୍ଡ଼ି ଗାଁରେ ସ୍ଥାନୀୟ ଆଦିବାସୀଙ୍କୁ ନେଇ ଅନୁଷ୍ଠିତ ଗ୍ରାମସଭା ।

ରେକର୍ଡ଼ଭୁକ୍ତ କରିବାକୁ ଦାବି କରିଛନ୍ତି। ସେହିପରି ବିସ୍ଥାପିତ ହେବାକୁ ଥିବା କୋଟଦ୍ୱାର, ବନ୍ଧଗୁଡା ଓ ରେଙ୍ଗୋପାଲି ଗାଁ ଲୋକଙ୍କ ପାଇଁ ଚିହ୍ନିତ ହୋଇଥିବା ଜମିକୁ କେନ୍ଦୁବର୍ଡି ଗାଁର ଆଦିବାସୀ ବହୁବର୍ଷ ଅକ୍ତିଆର କରି ଚାଷ କରୁଛନ୍ତି । ଏଣୁ ଜଙ୍ଗଲ ଜମି ଅଧିକାର ଆଇନରେ ସେମାନେ ହକଦାର ହୋଇଥିଲେ ହେଁ ପ୍ରଶାସନ ସେମାନଙ୍କୁ ନଜରଅନ୍ଦାଜ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଅଞ୍ଚଳରେ ପେସା ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ସେମାନେ ଦାବି କରିଛନ୍ତି । ଜଗନ୍ନାଥପୁର ସରପଞ୍ଚ ମମିତା ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମ ସଭାରେ ସାମାଜିକ କର୍ମୀ ଲିଙ୍ଗରାଜ ଆଜାଦ, ନିୟମଗିରି ସୁରକ୍ଷା ସମିତି କୁମୁଟି ମାଝି, କଳାହାଣ୍ଡି ସଚେତନ ନାଗରିକ ମଞ୍ଚର ସତ୍ୟ ମାହାର, ଲାଞ୍ଜିଗଡ ସମିତି ସଭ୍ୟ ପ୍ରଦୀପ ମାଝି, ସଦାନନ୍ଦ ନାଏକ, ସୁରେଶ ସଂଗ୍ରାମ, ବିମଳ ମାଝି, ରଶ୍ମୀ ମାଝି, ଦେବରାଜ ମାଝି, ଉପେନ୍ଦ୍ର ବାଗ ପ୍ରମୁଖଙ୍କ ନେତୃତ୍ୱରେ ଅଞ୍ଚଳର ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଓ ପୁରୁଷ ସାମିଲ ହୋଇଥିଲେ । ସେହିପରି ଆଦିବାସୀଙ୍କ ଗ୍ରାମ ସଭାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ, ଲାଞ୍ଜିଗଡ଼ ବିଡିଓ ବାସୁଦେବ ନାୟକ ଉପସ୍ଥିତ ରହି ଲୋକଙ୍କ ସହ ଆଲୋଚନା କରିବା ସହିତ ଆଦିବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଜୁନାଗଡ ବିସିସିବି ବ୍ୟାଙ୍କ

# ଟଙ୍କା ଉଠାଣ ଫର୍ମକୁ ନେଇ ଚାଷୀଙ୍କ ମଧ୍ୟରେ ଟଣାଓଟରା

ଜୁନାଗଡ,୨୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବିସିସିବି (ସମବାୟ) ବ୍ୟାଙ୍କରେ ମଙ୍ଗଳବାର ଟଙ୍କା ଉଠାଣ ଫର୍ମକୁ ନେଇ ଚାଷୀଙ୍କ ମଧ୍ୟରେ ଟଣାଓଟରା ଦେଖିବାକୁ ମିଳିଛି। ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଜୁନାଗଡ ବିସିସିବି ବ୍ୟାଙ୍କ ଅଧୀନରେ ନିର୍ଭର କରୁଥିବା ଚାଷୀମାନେ ମଙ୍ଗଳବାର ଧାନ ବିକ୍ରି ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ଆସିଥିଲେ। ଏହି ସମୟରେ ଶତାଧିକ ଚାଷୀ ଉପସ୍ଥିତ ଥିବାରୁ ଟଙ୍କା ଉଠାଣ ଫର୍ମ ନେବା ସମୟରେ ଚାଷୀଙ୍କ ମଧ୍ୟରେ ଧସ୍ତାଧସ୍ତି, ଠେଲାପେଲା ହୋଇଥିଲା। ଫଳରେ ଚାଷୀମାନେ ଗୋଟିଏ ଫର୍ମ ପାଇଁ ଦୀର୍ଘ ଧରି ସମୟ ଧରି ଅପେକ୍ଷା କରିବା ସହ ନାକେଦମ ହୋଇଥିଲେ। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଦିନକୁ ସାତ ଶହରୁ ଅଧିକ ଫର୍ମ ଚାଷୀଙ୍କୁ ପ୍ରଦାନ କରାଯାଉଛି ବୋଲି କହିଥିଲେ।



ଟଙ୍କା ଉଠାଣ ଫର୍ମ ପାଇଁ ଜୁନାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଚାଷୀଙ୍କ ଭିଡ଼ ।

# ସ୍କୁଲ ପରିଚାଳନାରେ ସହାୟତା ପାଇଁ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଜୁନାଗଡ,୨୯।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ଚଳିତ ଶିକ୍ଷା ବର୍ଷରେ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଜିଲାରେ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଏଥିପାଇଁ ଗତ ସାଧାରଣତନ୍ତ୍ର ଦିବସ ଅବସରରେ ମନ୍ତ୍ରୀ ପ୍ରତାପ ଜେନା, ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ଟ୍ରଫି ପ୍ରଦାନ କରିଥିଲେ। ଏଥି ପାଇଁ ପୁରାତନ ଛାତ୍ରଙ୍କ ଉଲ୍ଲେଖନୀୟ ଅବଦାନ ଥିବାରୁ ମଙ୍ଗଳବାର ଯେଉଁ ପୁରାତନ ଛାତ୍ର ମାନସିକ, ଶାରିରିକ ଓ ଆର୍ଥିକ ସହଯୋଗ କରିଛନ୍ତି ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍କୁଲ ପ୍ରଧାନ ଶିକ୍ଷକ ତପିମଣି ଜାନୀଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ବାଳା ଦେବୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୁଳସୀରାମ ମେହେର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ସ୍କୁଲର ପ୍ରଥମ ବ୍ୟାଚର ଛାତ୍ର ତଥା ପୂର୍ବତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ସିଂ, ବେଦ ପ୍ରକାଶ ଗୋଏଲ ପୁରାତନ ଛାତ୍ର ସଂଘର ସଭାପତି ସନ୍ତୋଷ ସିଂଦେଓ, ବରିଷ୍ଠ ଶିକ୍ଷକ ଦେବରାଜ ଗହିର ପ୍ରମୁଖ ମଞ୍ଚାସୀନ ଥିଲେ । ସହକାରୀ ଶିକ୍ଷକ ସୁଧିର ବେହେରା ମଞ୍ଚ ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଏହି ସ୍କୁଲ ପୁରାତନ ଛାତ୍ରଠାରୁ ୨ ଲକ୍ଷ ୭୭ ହଜାର ଟଙ୍କା ଆଦାୟ କରିଥିବା ବେଳେ ରାଜ୍ୟ ସରକାର ଏହାର ଦୁଇ ଗୁଣା ଟଙ୍କା ପ୍ରଦାନ କରିଛନ୍ତି। ଏହାର ସୁବିନିଯୋଗ ପାଇଁ ଆଲୋଚନା ହେବା ସହ ପୁରାତନ ଛାତ୍ର ନିଜ ନିଜ ଶ୍ରେଣୀ ଗୃହ ବୁଲି ଦେଖିଥିଲେ। ଶେଷରେ ସ୍କୁଲ ଛାତ୍ରୀଛାତ୍ର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିବା ସହିତ ପୁରାତନ ଓ ବର୍ତ୍ତମାନ ଛାତ୍ର ମଧ୍ୟରେ ଭଲିଭଲ ପ୍ରତିଯୋଗିତା ହୋଇଥିଲା।



ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ।

## ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ଅବହେଳା କରୁଛି: ଯୁବ ବିଜେଡି

ଭବାନିପାଟଣା,୨୯।୧(ଡି.ଏନ.ଏ.)

ଓଡିଶାରେ ଥିବା ୨ ଲକ୍ଷ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ସରକାର ବୈମାତୃକ ଭାବ କରୁଥିବା ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଆଦିତ୍ୟ ନନ୍ଦ ଓ ଛାତ୍ର ବିଜେଡି ସଭାପତି ଅବିନାଶ ଠାକୁର ଅଭିଯୋଗ କରିଛନ୍ତି । କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ଦେଖିବାକୁ ମିଳିଛି । ଅନୁସୂଚିତ ଜାତି ଛାତ୍ରୀଛାତ୍ର ମାଟ୍ରିକ୍ ପରେ ୯୦୦ ଟଙ୍କା ବୃତ୍ତି ପ୍ରଦାନ କରାଯାଏ । ୨୦୧୬-୧୭ ରେ କେନ୍ଦ୍ର ନିଜ ଅଂଶ ବାବଦକୁ ୨୧୫୮୦ କୋଟି ଟଙ୍କା ଏବଂ ରାଜ୍ୟ ୨୨୪୮ କୋଟି ଟଙ୍କା ଏହି ବୃତ୍ତି ପାଇଁ ପ୍ରଦାନ କରିଥିଲା । କିନ୍ତୁ ୨୦୧୭-୧୮ ରେ ଏହି ନିୟମରେ ପରିବର୍ତ୍ତନ କରି ଦିଆଯିବାରୁ କେନ୍ଦ୍ରୀୟ ଅଂଶ ୩୫.୧୨ କୋଟି ଟଙ୍କାକୁ କମିଲା । ୨୦୧୮-୧୯ରେ କେନ୍ଦ୍ରୀୟ ଭାଗ ଥିଲା ୪୯.୩୯ କୋଟି ଟଙ୍କା । ଏହା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀଙ୍କୁ ପତ୍ର ଲେଖି ଏହି ଛାତ୍ର ବୃତ୍ତି ପ୍ରଦାନ ନିୟମରେ ପୂର୍ବରୁ ପ୍ରଚଳିତ ଥିବା ବ୍ୟବସ୍ଥାକୁ ପୁଣି ଥରେ ଆରମ୍ଭ କରାଯିବାକୁ ଅନୁରୋଧ କରିଛନ୍ତି ବୋଲି ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଆଦିତ୍ୟ ନନ୍ଦ ଓ ଛାତ୍ର ବିଜେଡି ସଭାପତି ଅବିନାଶ ଠାକୁର ଅଭିଯୋଗ କରିଛନ୍ତି।

# ୮ ଦଫା ଦାବି ନେଇ ଡାକ୍ତରଙ୍କ ଧାରଣା ଜାରି

ଭବାନୀପାଟଣା,୨୯।୧(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟରତ ଡାକ୍ତରମାନଙ୍କ ୮ ଦଫା ଦାବି ନେଇ ଚାଲିଥିବା ଶାନ୍ତିପୂର୍ଣ୍ଣ ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସିଡିଏମ୍‌ଓ ଶରୋଜ କୁମାର ତିଆଡିଙ୍କ ନେତୃତ୍ୱରେ ଡିଏମ୍‌ଓ ସୁପରିଣ୍ଟେଣ୍ଡେଣ୍ଟ ଡ. କବିରାଜ ଚୌଧୁରୀ, ଡ. ଏନ୍‌ସି ଦେ, ଡ. ସତ୍ୟସାଇ ନାଏକ, ଡ. ବିଜୟ କୁମାର କାମ୍ପ, ଡ. ପ୍ରଦ୍ୟୁମ୍ନ ପଣ୍ଡା, ଡ. ଅବିନାଶ ତିର୍କି, ଡ. ଶୁବ୍ରତ କୁମାର ପଡିଆରି, ଡ. ସୋମ୍ୟ ଦେବତା, ଡ. ସୋମେନ ନାଇଡୁ, ଡ.ଭଗବାନ ପଣ୍ଡା ପ୍ରମୁଖ ସମର୍ଥନ କରୁଥିବା ଜଣାପଡିଛି। ପରବର୍ତ୍ତି ସମୟରେ ଡାକ୍ତରମାନେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି। ସେମାନଙ୍କ ଦାବିଗୁଡିକ ମଧ୍ୟରେ ଡାକ୍ତରଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରି ନିର୍ଭୟରେ କାର୍ଯ୍ୟ କରିବାକୁ ସୁଯୋଗ ଦେବା, ଠିକା ଓ ଅସ୍ଥାୟୀ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, କାର୍ଯ୍ୟ ସମୟ ନିର୍ଘଣ୍ଟ କରିବା ସହ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଛୁଟି ଦିନ ଉପଭୋଗର ସୁବିଧା ଓ ପାରଦର୍ଶୀ ବଦଳିନୀତି ପ୍ରଚଳନ ଦାବିରେ ଡାକ୍ତରମାନେ ଧାରଣା ଦେଇଥିଲେ।



୮ ଦଫା ଦାବି ନେଇ ଚାଲିଥିବା ଡାକ୍ତରଙ୍କ ଧାରଣା ।

# ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠରେ ମୋ ସ୍କୁଲ ଅଭିଯାନ

ପଲମ,୨୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ଉଚ୍ଚ ବିଦ୍ୟାପୀଠରେ ସୋମବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ବିଶାଳ ରାଲିରେ ଗ୍ରାମ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିଥିଲେ। ପରେ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରୀଛାତ୍ର ଅଭିଭାବକ/ଅଭିଭାବିକାମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ପରିଚାଳନା ସମିତି ସଭାପତି ବୁଦ୍ଧୁ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ହୋଇଥିଲା । ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ବେହେରା ସ୍କୁଲ ଅଭିଯାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ନିରନ ଆଚାର୍ଯ୍ୟ ମାର୍ଗଦର୍ଶନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ସୁଦାମ ଚରଣ ମିଶ୍ର, ଚନ୍ଦ୍ରଶେଖର ବେହେରା, ପ୍ରଦିପ ନନ୍ଦ, ରାଧାକାନ୍ତ ସେନାପତିଙ୍କ ସମେତ ଅନ୍ୟ ଶିକ୍ଷକ ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

# ଦ୍ୱିଦିବସୀୟ ଭଲିବଲ କଳାହାଣ୍ଡି କପ ଉଦ୍‌ଘାଟିତ

କୋକସରା,୨୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସର ବ୍ଲକ ସଦରମହକୁମା ଗୁଡହାଣ୍ଡି ପଡିଆଠାରେ ସ୍ପୋର୍ଟସ କ୍ଲବ ଆନୁକୁଲ୍ୟରେ ଦ୍ୱିଦିବସୀୟ ଭଲିବଲ କଳାହାଣ୍ଡି କପ ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ଟୁର୍ନାମେଣ୍ଟ ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ପ୍ରଧାନୀ, ମୁଖ୍ୟବକ୍ତା ଯୁକ୍ତ ୨ କଲେ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପୁଷ୍ପରାଜ ମେହେର, ଅଇରିନାଶନ ଚିନ୍ଦା, ପୂର୍ବତନ ଭଲିବଲ ଖେଳାଳି ଶିବ ପ୍ରସାଦ ପ୍ରଧାନୀ, ଭାଜପା ନେତା ରାମଚନ୍ଦ୍ର ପାଣିଗ୍ରାହୀ, ଏମ୍‌ପି ପ୍ରତିନିଧି ପ୍ରମୋଦ ପ୍ରଧାନୀ, ଶିକ୍ଷକ ସାକ୍ଷୀଗୋପାଲ ବେହେରା, ଯାଦବ ସମାଜ ବ୍ଲକ ସଭାପତି ବିନୋଦ ରାଉତ ପ୍ରମୁଖ ଯୋଗଦେଇ କଳାହାଣ୍ଡି ଜିଲାରେ ଭଲିବଲ ଖେଳକୁ ନେଇ ପୂର୍ବରୁ କୋକସରା ଅଞ୍ଚଳର ଯଥେଷ୍ଟ ସୁନାମ ରହିଛି । ଏହି ଖେଳକୁ ପୁଣି ଥରେ ଏକ ନୂତନ ସମ୍ଭାବନା ଓ ଉଦ୍ଦିପନାର ସହିତ ଆରମ୍ଭ କରିଥିବା ଯୋଗୁ ଅଞ୍ଚଳରେ ଭଲିବଲ ପ୍ରତି ଯୁବ ଖେଳାଳିମାନଙ୍କ ଉତ୍ସାହ ବଢିବ ବୋଲି କହିଥିଲେ। ଦିବାରାତ୍ରି ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଚିଲଗୁଡା ଓ ରକ୍ସିଦଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ନୂଆପଡା ବନାମ ଭବାନୀପାଟଣା, ତୃତୀୟ ମ୍ୟାଚ୍ ବିଜମରା ବାନାମ କୋକସରା ଏବଂ ଚତୁର୍ଥ ମ୍ୟାଚ୍ ଦାଶିଗାଁ ବନାମ ଟିଟକେଲା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଖେଳକୁ ଏମ ରାଜ କୁମାର ଖର୍ସେଲ, ଅମିତ କୁମାର ମହାନ୍ତି, ଚନ୍ଦ୍ର ମୋହନ ବିଶ୍ୱାଳ, ନବିନ ନାଏକ ଓ ମଳୟ କୁମାର ବିଶ୍ୱାଳ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ଚନ୍ଦ୍ରଭାନୁ ସୁନା ଓ ଧାରା ବିବରଣୀ ସୁନିଲ କୁମାର ପ୍ରଧାନୀ ଦେଇଥିଲେ । ସ୍ପୋର୍ଟସ କ୍ଲବ ସଦସ୍ୟ ଋତୁରାଜ ମହାପାତ୍ର, ଜୟନ୍ତ ରାଉତ, ସନ୍ତୋଷ ନାଏକ, ମହେନ୍ଦ୍ର ନେଗୀ, ସିଦ୍ଧାର୍ଥ ଶଙ୍କର ପ୍ରଧାନୀ, କ୍ଷୀରସିନ୍ଧୁ ନେଗୀ, କ୍ଷେମରାଜ ପ୍ରଧାନୀ, ଗୋପାଲ ରାଉତ, ବାଦଲ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ବୁଧବାର ଉଦଯାପନୀ ହେବ ।



ଦ୍ୱିଦିବସୀୟ ଭଲିବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ର ଏକ ଦୃଶ୍ୟ ।

ଦୁର୍ଗମ, ଉପାନ୍ତ ଅଞ୍ଚଳବାସୀଙ୍କ ଉନ୍ନତି ପାଇଁ ଉଦ୍ୟମ

# ଆଦିବାସୀ ଯୁବକଙ୍କ ବିକାଶ ଆମର ଲକ୍ଷ୍ୟ

**କଳାହାଣ୍ଡି ପୋଲିସର ଅଭିନବ ପ୍ରୟାସ**

ଭବାନୀପାଟଣା,୨୯।୧(ଡି.ଏନ.ଏ.)

ଅପହଞ୍ଚ ତଥା ଉପାନ୍ତ ଅଞ୍ଚଳବାସୀଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି । କଳାହାଣ୍ଡି ଜିଲା ମ.ରାମପୁର ଥାନା ଅନ୍ତର୍ଗତ ବାରବନ୍ଧା, ଡୁଡୁକାରଞ୍ଜା ପଞ୍ଚାୟତର ଉପାନ୍ତ ଅପହଞ୍ଚ ଇଲାକାରେ ଥିବା ଆଦିବାସୀ, ବନବାସୀଙ୍କ ବିକାଶ ପାଇଁ ସହଯୋଗର ହାତ ବଢ଼ାଇଛି କଳାହାଣ୍ଡି ପୋଲିସ। ବାରବନ୍ଧା ପଞ୍ଚାୟତର ଜାମଗୁଡା ଓ ଡୁଡୁକାରଞ୍ଜା ପଞ୍ଚାୟତର ପିପାଡି, ରଙ୍ଗପାରୁ, ଡୁମେରୀ ଗ୍ରାମର କିଛି ଯୁବକଙ୍କୁ ଆଣି କଳାହାଣ୍ଡି ପୋଲିସ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ସହ ସାକ୍ଷାତ ଆଲୋଚନା କରାଇ ପୋଲିସ ଓ ଲୋକଙ୍କ ସମ୍ପର୍କ ସୁଦୃଢ କରିବା ପାଇଁ ଉଦ୍ୟମ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବାରବନ୍ଧା ପଞ୍ଚାୟତ ଜାମଗୁଡା ଗ୍ରାମର ନିରଞ୍ଜନ ପାତ୍ର, ଡୁଡୁକାରଞ୍ଜା ପଞ୍ଚାୟତର ପିପାଡି ଗ୍ରାମର ନରେନ୍ଦ୍ର ମାଝି, ଗୋପାଳ ମାଝି, ବ୍ୟାସଦେବ ମାଝି, ରଙ୍ଗପାରୁ ଗ୍ରାମର କୁମୁଦ ପାତ୍ର, ରାମକୃଷ୍ଣ ପାତ୍ର, ଶୁକଦେବ ପାତ୍ର, ଡୁମେରୀ ଗ୍ରାମର ନିର୍ମଳ ପାତ୍ର, ଯାଦବ ପାତ୍ର ୯ ଜଣଙ୍କୁ ଜିଲା ପୋଲିସ କାର୍ଯ୍ୟାଳୟକୁ ଅଣାଯାଇଛି । ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରି ପୋଲିସ ସହ ପବ୍ଲିକ ସମ୍ପର୍କ ସୁଦୃଢ଼ କରିବା ସହ ଉପାନ୍ତ ଅଞ୍ଚଳବାସୀଙ୍କୁ ସରକାରଙ୍କ ମୁଖ୍ୟସ୍ରୋତରେ ସାମିଲ ଏବଂ ଆଦିବାସୀ ଯୁବକଙ୍କ ବିକାଶ ଆମର ଲକ୍ଷ୍ୟ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ବାତୁଲା ଗଙ୍ଗାଧର କହିଛନ୍ତି । ଏସବୁ ଯୁବକମାନଙ୍କୁ ଜିଲାସ୍ତରୀୟ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ସହ ସାକ୍ଷାତ କରାଇ ଅଞ୍ଚଳର ସମସ୍ୟାର ସମାଧାନର ବାଟ ବାହାର କରିବା ଏବଂ ସରକାରଙ୍କ ପ୍ରତ୍ୟେକ ଯୋଜନା ଏହି ଅଞ୍ଚଳବାସୀଙ୍କ ପାଖରେ କିପରି ପହଞ୍ଚିବ ସେ ବିଷୟରେ ଆଲୋଚନା କରିଥିଲେ । ସରକାରଙ୍କ ମୁଖ୍ୟସ୍ରୋତରେ ଏମାନେ କିଭଳି ସାମିଲ ହୋଇପାରିବେ, ପୋଲିସ ସହ ଏମାନଙ୍କ ସମ୍ପର୍କ ବୃଦ୍ଧି ପାଇବ ସେଥିପ୍ରତି ଏହି ଉଦ୍ୟମ ବୋଲି ଏସପି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୀଗୋପୀନାଥ ମଣିପାତ୍ର ଓ ମ.ରାମପୁର ଥାନା ଅଧିକାରୀ ରେଣୁକା ସୁନା ଉପସ୍ଥିତ ଥିଲେ । କଳାହାଣ୍ଡି ଜିଲାର ଦୁର୍ଗମ ଓ ସୀମାନ୍ତ ଅଞ୍ଚଳରେ ରହୁଥିବା ଗ୍ରାମବାସୀ ଯେଉଁମାନଙ୍କ ମାଓବାଦୀମାନଙ୍କ ଭୟ ରହିଛି । ସେମାନେ କିଭଳି ଭାବେ ଜିଲା ପ୍ରଶାସନ ସହ ଯୋଗାଯୋଗ ରଖି ନିଜର ତଥା ଗ୍ରାମର ଉନ୍ନତି କରି ପାରିବେ ସେ ସମ୍ପର୍କରେ କଳାହାଣ୍ଡି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି ଯାହାକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଏସପିଙ୍କ କହିବା ଅନୁଯାୟୀ ମଦନପୁର ରାମପୁର ବ୍ଲକର ପିପାଡି ଗ୍ରାମଠାରେ ଗତ ୫ ତାରିଖରେ ପୋଲିସ ପକ୍ଷରୁ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନଙ୍କୁ ଅନେକ ପ୍ରଶ୍ନ ପଚାରାଯାଇଥିଲା । ଅଜ୍ଞତା ଓ ଲୋକମାନଙ୍କ ମଧ୍ୟରେ ରହିଥିବା ନିରୀହପଣକୁ ଆଖି ଆଗରେ ରଖି କିଭଳି ଗ୍ରାମବାସୀମାନଙ୍କୁ ମାଓବାଦୀମାନଙ୍କ ଭୟରୁ ମୁକ୍ତ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୯ଜଣ ଆଗ୍ରହୀଙ୍କୁ ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଡକାଯାଇଥିଲା । ଦୁର୍ଗମ ଅଞ୍ଚଳରେ ରହିଥିବା ଲୋକମାନେ କିଭଳି ସରକାରୀ ସାହାଯ୍ୟ ପାଇପାରିବେ ଓ ଉନ୍ନତମାନର ଜୀବନ ଅତିବାହିତ କରିପାରିବେ ସେଥିପାଇଁ ପୋଲିସ ପକ୍ଷରୁ ସେମାନଙ୍କୁ ଜିଲାପାଳ, ଅତିରିକ୍ତ ଜିଲାପାଳ, ଏସ୍‌ପି ଓ ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟକୁ ନିଆଯାଇ ସେମାନଙ୍କ ସହିତ ଆଲୋଚନା କରାଯାଇଛି । ଜିଲାର ଉଚ୍ଚଅଧିକାରୀମାନଙ୍କ ସହିତ ମିଶି ସେମାନେ ମଧ୍ୟାହ୍ନ ଭୋଜନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଏସ୍‌ପି ସୂଚନା ଦେଇଥିଲେ । ଫଳରେ ସେମାନଙ୍କ ମନୋବଳବୃଦ୍ଧିପାଇବବୋଲିସେକହିଥିଲେ।




ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକଙ୍କ ସହ ସାମିଲ ଯୁବକମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୦ ଜାନୁୟାରୀ, ୨୦୧୯



ଯେଉଁଠାରେ ଆତ୍ମବଡ଼ିମା ଶେଷ ହୋଇଯାଏ,
ସେହିଠାରୁ ମହତ୍ତ୍ୱ ଆରମ୍ଭ ହୁଏ।
- ସେକ୍ସପିୟର



## ସଂକ୍ଷେପରେ

### ଭୁବନେଶ୍ୱର-ରାଉରକେଲା ଜନଶତାବ୍ଦୀ ଏକ୍ସପ୍ରେସ୍ ଚାଲୁ

**ରାଉରକେଲା ଅଫିସ,୨୯।୧-** ରାଉରକେଲାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଦିନବେଳା ଏକ ଦ୍ରୁତଗାମୀ ଇଣ୍ଟରସିଟି ବା ଜନଶତାବ୍ଦୀ ଏକ୍ସପ୍ରେସ ଚଳାଚଳ ପାଇଁ ଥିଙ୍କର୍ସ ଫୋରମ ପକ୍ଷରୁ ଦୀର୍ଘଦିନ ହେବ ଦାବି କରାଯାଉଛି। ଏହାଦ୍ୱାରା ଷ୍ଟିଲ ସିଟି ବାସିନ୍ଦା ବହୁ ଦୃଷ୍ଟିରୁ ଉପକୃତ ହୋଇପାରନ୍ତେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଭୁବନେଶ୍ୱର ଓ ବଡ଼ବିଲରୁ ଜନଶତାବ୍ଦୀ ଏକ୍ସପ୍ରେସ୍ ହାଓ୍ୱଡ଼ାକୁ ଯାତାୟାତ କରୁଛି। ଓଡ଼ିଶା ମଧରେ ଆଜିପର୍ଯ୍ୟନ୍ତ ଜନଶତାବ୍ଦୀ ଚଳାଚଳ କରାଯାଇ ନାହିଁ। ଦିନକୁ ଦିନ ରାଉରକେଲା-ଭୁବନେଶ୍ୱର ମଧରେ ଆଶାତୀତ ଯାତ୍ରୀ ଭିଡ଼ ହେବାରେ ଲାଗିଛି। ଏଠାରୁ ଦିନବେଳା ଭୁବନେଶ୍ୱରକୁ କୌଣସି ଟ୍ରେନ ଚଳାଚଳ କରୁନି। ଏଣୁ ଏକ ଜନଶତାବ୍ଦୀ ଏକ୍ସପ୍ରେସ୍ ଚାଲିବା ନିହାତି ଆବଶ୍ୟକ ବୋଲି ସଂଗଠନ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଏନେଇ ସରକାର ଦୃଷ୍ଟି ଦେବାକୁ ସଂଗଠନ ପକ୍ଷରୁ ନଳିନୀକାନ୍ତ ଧର, ଡ. ଭାବଗ୍ରାହୀ ମହାପାତ୍ର ଓ ନାରାୟଣ ପତି ଦାବି କରିଛନ୍ତି।

# ଦୁର୍ଦ୍ଦିନ ଛଡ଼ାଇ ନେଇଛି ଶୈଶବ, ଶିକ୍ଷା

■ ବୃଦ୍ଧା ଜେଜେମା'ଙ୍କୁ ପୋଷିବାକୁ ଅଣ୍ଟା ଭିଡ଼ିଛନ୍ତି ୩ ନାବାଳକ ନାତିନାତୁଣୀ

**ରାଉରକେଲା ଅଫିସ,୨୯।୧**

କଥାରେ କହନ୍ତି ବିଧି ଯେତେବେଳେ ବାମ ହେବ ତାକୁ ବା କାହାର ଆୟତ୍ତ ଅଛି। ଏହା ବାସ୍ତବରେ ସତ୍ୟ ହୋଇଛି ୭୦ବର୍ଷ ବୟସ୍କା ବୃଦ୍ଧା ଆଶା କୁମ୍ଭାରଙ୍କ କ୍ଷେତ୍ରରେ। ସେକ୍ଟର-୨୦ ହିଲ୍ ଟପ୍ ନିକଟ ନୂତନ ବସ୍ତିରେ ରହନ୍ତି ଆଶା। ସ୍ୱାମୀ କେବେଠୁ ଆରପାରିକୁ ଚାଲି ଯାଇଛନ୍ତି। ୫ ବର୍ଷ ତଳେ ପୁଅ ରବି ଆଖି ବୁଜିଲେ। ଏହା ପରେ ବୋହୂ ଘର ଛାଡ଼ି ଅନ୍ୟତ୍ର ଚାଲିଗଲେ। ପାଖରେ ଅଛନ୍ତି ନାତି ସୋନୁ (୧୪), ଅବିନାଶ (୧୩) ଓ ନାତୁଣୀ ଜ୍ୟୋତି (୧୦)। ସରକାରଙ୍କ ପକ୍ଷରୁ ଆଶାଙ୍କୁ ମିଳୁଥିବା ଭତ୍ତା ଓ ଚାଉଳ ଏମାନଙ୍କ ଜୀବନ ଜିଇଁବାର ରାହା ପାଲଟିଥିଲା। ବର୍ଷାଧିକ କାଳ ପୂର୍ବେ ଫୁଲ ତୋଳିବାକୁ ଯାଇଥିବାବେଳେ ଆଶା ନାଳରେ ଖସିପଡ଼ି ଗୁରୁତର ହୋଇଥିଲେ। ଡାହାଣ ଗୋଡ଼ ହାଡ଼ ଭାଙ୍ଗି ଦୁଇଖଣ୍ଡ ହୋଇଗଲା। ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ମାସାଧିକ କାଳ ପଡ଼ି ରହିଲେ ସେ। ତଥାପି ଗୋଡ଼ ଠିକ୍ ହେଲା ନାହିଁ। ବୁର୍ଲା ଯାଇ ଅସ୍ତ୍ରୋପଚାର କରିବାକୁ ଡାକ୍ତର କହିଲେ। ଘରେ ୪ ପ୍ରାଣୀ କୁଟୁମ୍ବ ଚଳିବାକୁ ଦାନା ଜୁଟୁ ନ ଥିବାବେଳେ କେମିତି ଓ କାହା ସହାୟତାରେ ବୁର୍ଲା ଯାଇ ଚିକିତ୍ସିତ ହେବେ ବୋଲି ଚିନ୍ତାରେ ଭାଙ୍ଗିପଡ଼ିଲେ ଆଶା। ଗଲେ ଅସହାୟ ପିଲାଙ୍କୁ କିଏ ଦେଖିବ ବୋଲି ଭାବି ଘରେ ପଡ଼ିରହିଲେ। ସାମାନ୍ୟ ଉପଶମ ମିଳିବା ପରେ ଡାକ୍ତରଖାନାରୁ ଘରକୁ ଫେରି ଆସିଲେ। ହେଲେ ଏବେ ପାଦ ଫୁଲିବାରେ ଲାଗିଛି। ପିଲାଙ୍କ ମୁହଁକୁ ଚାହିଁ ଶରୀର କଷ୍ଟ ଭୁଲିବାକୁ ଚେଷ୍ଟା କରୁଛି ବୋଲି କହନ୍ତି ଆଶା। ବଖୁରିକିଆ ଝୁମ୍ପୁଡ଼ି ଘର। ଗୋଟିଏ ଖଟ। ଏତିକି ଆଶ୍ରା। ଏଥିରେ ଚଳନ୍ତି ଆଶା ଓ ତାଙ୍କ ୩ ନାତିନାତୁଣୀ। ସାନ ନାତି ଅବିନାଶ ଫାଷ୍ଟ ଫୁଡ୍ ଷ୍ଟଲରେ କାମ କରୁଥିବାବେଳେ ବଡ଼ ସୋନୁ ବିବାହ ବ୍ରତାଦି କାମରେ ବାଜା ବଜାନ୍ତି। ଦୁଇ ଭାଇଙ୍କୁ ଯାହା ମିଳେ ସେଥିରେ ଦୁଃଖେକଷ୍ଟେ ସଂସାର ଚଳେ। ପୁଅ ରବିଙ୍କ ମୃତ୍ୟୁ ପରେ ୩ପିଲାଙ୍କ ଭବିଷ୍ୟତ ଚିନ୍ତା ମୋ ମୁଣ୍ଡବିନ୍ଧା ବଢ଼ାଇ ଦେଇଛି।

ବୃଦ୍ଧ ବୟସ ଓ ରୋଗଣା ଦେହରେ ଏଭଳି ବୋଝ ବୋହିବା କଷ୍ଟକର ହେଲାଣି। ଅଧିକ ଦୁଃଖ ଲାଗୁଛି ଯେ ତିନି ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଛି। ମୁଁ ନାଳରେ ପଡ଼ିଯିବା ପରେ ଅକର୍ମଣ୍ୟ ହୋଇପଡ଼ିଲି। ପର ଘରେ ପାଇଟି କରିବାକୁ ଆଉ କ୍ଷମତା ନାହିଁ। ବିଛଣାରେ ପଡ଼ି ରହିଲି। ପିଲାମାନେ ମୋ ଦୁଃଖ ସହି ପାରିଲେନି। ମତେ ବଞ୍ଚାଇବା ପାଇଁ ସ୍କୁଲ ଯିବା ବନ୍ଦ କରିଦେଲେ। ସେବେଠୁ ଦୁଇ ନାତି ଅବିନାଶ ଓ ସୋନୁ କାମଧନ୍ଦାରେ ମନ ଦେଲେ। ନାତୁଣୀ ଜ୍ୟୋତି ଘରେ ରହି ରୋଷେଇବାସ କରୁଛି। ଯିବା ଆସିବାରେ ମତେ ସାହାରା ହେଉଛି। ଭଙ୍ଗା ଦଦରା ଘରେ ଜୀବନ ବିତୁଛି। ଗୋଟିଏ ଖଟରେ ୪ ପ୍ରାଣୀ କୁଟୁମ୍ବ ଯାକିଜୁକି ହୋଇ ରାତି କାଟୁଛୁ। ଜମି ନ ଥିବାରୁ ସରକାରୀ ଆବାସ ଗୃହଟିଏ ପାଇଁ ଯୋଗ୍ୟ ହୋଇପାରୁନୁ। ନାବାଳକ ପିଲାଙ୍କୁ କିଏ ବା ଏତେ ପାରିଶ୍ରମିକ ଦେବ ଯେ ସେଥିରେ ଆମ ଗୁଜୁରାଣ ମେଣ୍ଟିବ ବୋଲି କହନ୍ତି ଆଶା। ଏବେ ଜ୍ୟୋତିଙ୍କ ଗୋଡ଼ରେ ଏକ ଛୋଟ ଘାଆ ହୋଇ ତାହା କ୍ୟାନସର ରୂପ ନେବାକୁ ବସିଲାଣି। ତାଙ୍କ ଚିକିତ୍ସା କରାଇ ନ ପାରିଲେ ବିଚାରି ଅକାଳରେ ଝଡିପଡ଼ିବ ବୋଲି କହି କାନ୍ଦି ପକାଇଥିଲେ ଆଶା। ସରକାର ଗରିବ ଅସହାୟଙ୍କ ପାଇଁ କୁଆଡ଼େ ବହୁବିଧ ଯୋଜନା କରୁଛନ୍ତି। ହେଲେ ମୋର ଏହି ୨ ନାବାଳକ ନାତି ଓ ନାତୁଣୀଙ୍କ ଭବିଷ୍ୟତ ନେଇ କିଛି ଯୋଜନା ଅଛି କି ନାହିଁ ବୋଲି ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ ଆଶା। ଭଗବାନ ମୋତେ ଆରପାରିକୁ ନେଇଯାଆନ୍ତୁ ପଛେ ମୋ ନାତିନାତୁଣୀଙ୍କୁ ସହାୟ ହୁଅନ୍ତୁ ବୋଲି କାମନା କରିଛନ୍ତି ସେ।



ସେକ୍ଟର-୨୦ ହିଲ୍ ଟପ୍ ବସ୍ତିର ଆଶା କୁମ୍ଭାର ଓ ତାଙ୍କ ନାତୁଣୀ ଜ୍ୟୋତି।

# ଜିଲାସ୍ତରୀୟ ଝରିଆ ଗଉଡ଼ ସମାଜର ବନ୍ଧୁମିଳନ

**ସୁନ୍ଦରଗଡ଼, ୨୯।୧ (ଡି.ଏନ୍.ଏ.)**

ସ୍ଥାନୀୟ ଭୋଜପୁର ବନବାସୀ କଲ୍ୟାଣ ଆଶ୍ରମଠାରେ ଜିଲା ଝରିଆ ଗଉଡ ସମାଜର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଜିଲାର ସମାଜର ଶତାଧିକ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଝରିଆଗଉଡ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ସାଙ୍ଗକୁ ନିଶାନିବାରଣ, ନାରୀ ସଶକ୍ତିକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ସୁସାହିତ୍ୟିକା ଲଳିତା ଖଣ୍ଡା ମୁଖ୍ୟ ଅତିଥି, ଶ୍ରମିକ ନେତା ପ୍ରଣବ ଭୈଷାଁଲ ମୁଖ୍ୟବକ୍ତା ଏବଂ କୃଷ୍ଣଚନ୍ଦ୍ର ପେରୁଆ, କେଶବ ଖର୍ସେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଝରିଆଗଉଡ ସମାଜର ଉନ୍ନତି ପାଇଁ ପରସ୍ପର ସହଭାଗୀତା, ଭାତୃଭାବକୁ ବଜାୟ ରଖିବା, ସାମାଜିକ କୁସଂସ୍କାର ଦୂର ସହ ନାରୀମାନେ ସ୍ୱାବଲମ୍ବୀ ହୋଇ ପରିବାରର ଆର୍ଥିକସ୍ଥିତିକୁ ସୁଦୃଢ଼ କରିବା ଓ ଯୁବସମାଜ ନିଶାସେବନ କୁପ୍ରବୃତ୍ତିରୁ ନିଜକୁ ଦୂରେଇ ରଖିବା ପାଇଁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ କୁନିକୁନି ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ଯୁବକମାନେ କବିତା ଆବୃତ୍ତି କରିଥିଲେ। କେଶବ ରାଉତ ଓ ସୁଦାମ ଗୌଡ ମଞ୍ଚ ପରିଚାଳନା କରିଥିଲେ। ନରେନ୍ଦ୍ର ଭୈଷାଁଲ ଧନ୍ୟବାଦ ଦେଇଥିଲେ।



ଝରିଆ ଗଉଡ ସମାଜର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା।




ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା ଅଫିସ,୨୯।୧**

ଜଲଦା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଗତ ୧୨ଦିନ ବ୍ୟାପୀ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। କଲେଜ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଜ୍ୟୋତ୍ସ୍ନା ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଡାକ୍ତର ଅକ୍ଷୟ ସାମଲ ଯୋଗଦେଇ କହିଥିଲେ, ପ୍ରତ୍ୟେକ ଛାତ୍ରୀ ଶିକ୍ଷା ଗ୍ରହଣ ସହ ନିଜ ଅଧିକାର ଓ ଆତ୍ମରକ୍ଷା ପ୍ରତି ସଚେତନ ହେବା ଆବଶ୍ୟକ। ପରିବର୍ତ୍ତିତ ପରିସ୍ଥିତିରେ ନିଜ ଶରୀରକୁ ସୁସ୍ଥ ତଥା ନିରୋଗ ରଖିବା ସହ ନିୟମିତ ଯୋଗ, ପ୍ରାଣାୟାମ କରିବା ଆବଶ୍ୟକ। ଯେଉଁ ଉଦ୍ଦେଶ୍ୟରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଉଛି ତା'ର ବାସ୍ତବ ଆଭିମୁଖ୍ୟକୁ ଉପଲବ୍ଧି କରିବାକୁ ଡାକ୍ତର ସାମଲ ପରାମର୍ଶ ଦେଇଥିଲେ। ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଗୀତିକା ପଟେଲ ରାଜ୍ୟ ସରକାରଙ୍କ ଏହି ଯୁଗୋପଯୋଗୀ ଯୋଜନାର ପ୍ରଶଂସା କରି ବାଳିକା ଆତ୍ମରକ୍ଷା କୌଶଳ ଛାତ୍ରୀଙ୍କ ସୁରକ୍ଷା ପାଇଁ ଏକ ଆବଶ୍ୟକ ପଦକ୍ଷେପ ବୋଲି ମତ ବ୍ୟକ୍ତ କରିଥିଲେ। ପ୍ରଶିକ୍ଷିକା ରତନୀ ଓରାମ ଓ ଅମ୍ରିତା ପୁରନ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗନେଇଥିଲେ। ଅଧ୍ୟାପିକା ସରିତା ଦାସ, ଇତିଶ୍ରୀ ପଟ୍ଟନାୟକ, ରଞ୍ଜୁ ପଟେଲ, ମିନତୀ ଦାସ ଓ ମୀନା ମହନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପିକା ଶୁଭ୍ରା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆର୍‌ଏମ୍‌ଏସ୍‌ର ଦ୍ୱିବାର୍ଷିକ ଅଧିବେଶନ

# ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ ସପକ୍ଷରେ ୟୁନିୟନ

**ରାଉରକେଲା ଅଫିସ,୨୯।୧**

ହିନ୍ଦ ମଜଦୁର ସଭା ସହବନ୍ଧିତ ରାଉରକେଲା ମଜଦୁର ସଭା (ଆର୍‌ଏମ୍‌ଏସ୍)ର ୩୬ତମ ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଇସ୍ପାତ ଶ୍ରମିକଙ୍କ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା କରଯାଇଥିଲା। ଏଥିରେ ହିନ୍ଦ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ରାଜ୍ୟ ଶାଖା ସଭାପତି କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଓ ସାଧାରଣ ସମ୍ପାଦକ ଯୋଗେନ୍ଦ୍ରନାଥ ତ୍ରିପାଠୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅଧିବେଶନରେ ଆଇଡିଏଲ୍ ମଜଦୁର ସଭା, ରାଉରକେଲା ଠିକା ଶ୍ରମିକ ସଭା, ସୁନ୍ଦରଗଡ଼ ଜିଲା ଅଣସଂଗଠିତ ଶ୍ରମିକ ସଂଘ, ଓଡ଼ିଶା ସିମେଣ୍ଟ ମଜଦୁର ସଭା, ଏନ୍‌ଏସ୍‌ପିସିଏଲ୍ କର୍ମଚାରୀ ସଭା ଓ ମେଡିକାଲ କର୍ମଚାରୀ ସଭା ପକ୍ଷରୁ ପ୍ରତିନିଧି ଉପସ୍ଥିତ ଥିଲେ। ସକାଳ ୧୦ଟାରେ ସେକ୍ଟର-୬ ଆର୍‌ଏମ୍‌ଏସ୍ ସହରାଞ୍ଚଳ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ଆନନ୍ଦ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ୟୁନିୟନ ଉପ ସାଧାରଣ ସମ୍ପାଦକ ଅକ୍ଷୟ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ ପରେ ମହାନ୍ତିଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ୟୁନିୟନର ଦିବଂଗତ ନେତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କୃଷ୍ଣ ପାତ୍ର, ଯୋଗେନ୍ଦ୍ର ତ୍ରିପାଠୀ, ଶିବଚରଣ ବୋଇତି, ଆଦିକନ୍ଦ ଭୋଳ, ଶଶଧର ନାୟକ, ଅକ୍ଷୟ ନାୟକ, ଆଲୋକ ବୋଷ, ଅସୀତ ଦାସ, କଳାକାର ସାହୁ, ସିଦ୍ଧେଶ୍ୱର ବଳ, ନିରଞ୍ଜନ ସାମଲ, ପ୍ରମୋଦ ଦାସ ଓ ଖଗେନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ପାତ୍ର ସମ୍ପ୍ରତି ଦେଶର ରାଜନୈତିକ, ଆର୍ଥିକ ଓ ସାମାଜିକ ପରିସ୍ଥିତି ତଥା ଶ୍ରମ ଆନ୍ଦୋଳନର ବିଷମ ଅବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ତ୍ରିପାଠୀ ଦେଶର ଶ୍ରମିକଙ୍କ ଉପରେ କେନ୍ଦ୍ର ସରକାରଙ୍କ ଦାଉ ସାଧିବା ନୀତି ଓ ଆସନ୍ନ ବିପଦକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ବରିଷ୍ଠ ନେତା ଶିବଚରଣ ବୋଇତି ରାଉରକେଲା ମଜଦୁର ସଭାର ଗୌରବମୟ ଐତିହ୍ୟ ଓ ଇସ୍ପାତ ଶ୍ରମିକଙ୍କୁ ନେଇ ଅତୀତର ଉପଲବ୍ଧିକୁ ସ୍ମରଣ କରାଇ ଦେଇଥିଲେ। ଅନ୍ୟତମ କର୍ମକର୍ତ୍ତା ଭୋଳ ନିଜ ବକ୍ତବ୍ୟରେ ଅଣସଂଗଠିତ ଶ୍ରମିକ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଆର୍‌ଏମ୍‌ଏସ୍ ସାଧାରଣ ସମ୍ପାଦକ ଶଶଧର ନାୟକ ସମ୍ପାଦକୀୟ ବିବରଣୀ ପାଠ କରି ଇସ୍ପାତ ଶିଳ୍ପ ଓ ଶ୍ରମିକ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହି ଅବସରରେ ୟୁନିୟନ ପକ୍ଷରୁ ଆଗତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଇସ୍ପାତ ଶିଳ୍ପରେ ନୂତନ ମଜୁରି ଚୁକ୍ତିନାମା ଓ ଏହାର ବିଳମ୍ବ ସହ ସେଲ୍ ପେନସନ ସ୍କିମ୍ ଲାଗି ଏଥିରେ ଦାବି କରାଯାଇଥିଲା। ଅତିରିକ୍ତ ତାପଜ କେନ୍ଦ୍ରର ଆବଶ୍ୟକତା, ସୁରକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ମହିଳା ଶ୍ରମିକଙ୍କ ସୁବିଧା, ଠିକା ଶ୍ରମିକଙ୍କୁ ନ୍ୟାୟ, ବରସୁଆଁ ଖଣି ଅଞ୍ଚଳର ଆଧୁନିକୀକରଣ, ପୁରୁଣାପାଣି ସିମେଣ୍ଟ କାରଖାନା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଫେରୋସ୍କ୍ରାପ ନିଗମ କର୍ମଚାରୀଙ୍କ ଦରମା ବୃଦ୍ଧି ସମ୍ପର୍କରେ ମଧ ଦାବି ଉଠିଥିଲା। ଆବଶ୍ୟକ ସ୍ଥଳେ ଦାବି ହାସଲ ନେଇ ୟୁନିୟନ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ଏଥିରେ କୁହାଯାଇଥିଲା। ଇସ୍ପାତ ଶ୍ରମିକଙ୍କ ସ୍ୱାର୍ଥ ନେଇ ଆନ୍ଦୋଳନକୁ କର୍ମକର୍ତ୍ତା ସମର୍ଥନ ଜଣାଇଥିଲେ। ଖଗେନ୍ଦ୍ର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଆସନ୍ତା ୨ବର୍ଷ ନିମନ୍ତେ ୟୁନିୟନର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା।

# ଜୀବନରେ ମାରିଦେବା ଧମକ ଅଭିଯୋଗ

**ବେଦବ୍ୟାସ, ୨୯।୧ (ଡି.ଏନ.ଏ)**

## ଶିକ୍ଷୟିତ୍ରୀଙ୍କୁ ଅସଦ୍‌ବ୍ୟବହାର

ବ୍ରାହ୍ମଣୀତରଙ୍ଗ ଥାନା କଲୁଙ୍ଗା ଫାଣ୍ଡି ଅନ୍ତର୍ଗତ ବଡଦଳକି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କ ପ୍ରତି ଅସଦ୍‌ବ୍ୟବହାର ଓ ଜୀବନରେ ମାରିଦେବା ଧମକ ନେଇ ଅଭିଯୋଗ ହୋଇଛି। ଥାନାରେ ଶିକ୍ଷୟିତ୍ରୀଙ୍କ ତରଫରୁ ଲିଖିତ ଅଭିଯୋଗ ହୋଇଥିବାବେଳେ ଅଭିଯୁକ୍ତଙ୍କ ପକ୍ଷରୁ ମଧ ୫ଜଣଙ୍କ ନାମରେ ଲିଖିତ ଅଭିଯୋଗ ହୋଇଥିବା ପ୍ରକାଶ। ପ୍ରାପ୍ତସୂଚନାନୁଯାୟୀ ଗତ ଜାନୁୟାରୀ ୨୬ ସକାଳ ୮ଟାରେ ବଡଦଳକି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଜନରାଜ୍ୟ ଦିବସ ଅବସରରେ ପରେଡ କରୁଥିଲେ। ସେହି ଅଞ୍ଚଳର ଜଗବନ୍ଧୁ ଏକ୍କା ନାମକ ବ୍ୟକ୍ତି ବିଦ୍ୟାଳୟ ଫାଟକ ନିକଟକୁ ଆସି ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଏନେଇ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସ୍ଥାନୀୟ ଅଞ୍ଚଳର ସରପଞ୍ଚ ଓ ଅନ୍ୟ ବ୍ୟକ୍ତିଙ୍କୁ ଅବଗତ କରାଇଥିଲେ। ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ ପରାମର୍ଶ ଦେବାରୁ ଥାନାରେ ଏକ ଅଭିଯୋଗ କରାଯାଇଥିଲା। ହେଲେ ଜଗବନ୍ଧୁଙ୍କ ପକ୍ଷରୁ ମଧ ଲିଖିତ ଅଭିଯୋଗ ମୁତାବକ ପୋଲିସ କାଉଣ୍ଟର ମାମଲା ରୁଜୁ କରିଥିବା ପ୍ରକାଶ। ଏବିଷୟରେ ବ୍ରାହ୍ମଣୀତରଙ୍ଗ ଥାନା କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବପର ହୋଇପାରିନାହିଁ। ପୋଲିସ ବଡଦଳକି ଅଞ୍ଚଳର ୫ଜଣ ବ୍ୟକ୍ତିଙ୍କୁ ଅଟକ ରଖିଥିବା ପ୍ରକାଶ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୨୯।୧**

ସେକ୍ଟର-୨୦ କୋଏଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଉପେନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ରୂପେ ରାମକୃଷ୍ଣ ସିଂ, ରାଜେନ୍ଦ୍ର ପଣ୍ଡା, ଅନୁପମ ଗୁପ୍ତା, କବି କୁଞ୍ଜବିହାରୀ ରାଉତ, ରଶ୍ମିରଞ୍ଜନ ରଥ, ସେଲୁ ଲାଖୁଆ, ରାଜେନ୍ଦ୍ର ବାବା ଓ ନାରାୟଣ ସିଂ ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଗଣେଶ ଜୟସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ ସହ ନିଜ ସୃଜନଶୀଳ ଗୁଣର ବିକାଶ ପାଇଁ ପ୍ରୟାସ ଜାରି ରଖନ୍ତୁ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଗୁରୁଜୀ ବିଶ୍ୱରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଗୁରୁମା ପ୍ରଭାସିନୀ ନାୟକ, ଇପ୍ସିତା ମହାନ୍ତି, ଝରଣା ଦାସ, ମିନାକ୍ଷୀ କାମିଲା, ନମିତା ବିଶ୍ୱାଳ, ସ୍ୱାତୀ ଅପରାଜିତା ଜେନା, ପ୍ରୀତିଛନ୍ଦା ବେହେରା, କାହ୍ନୁଚରଣ ପ୍ରଧାନ, କିଶୋର ସ୍ୱାଇଁ, ମନସ୍ୱିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଜୟସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କୋଏଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

## ହାଇକୋର୍ଟ ସ୍ଥାୟୀ ବେଞ୍ଚ, ରାଜସ୍ୱ ଜିଲା ଦାବିରେ ଓକିଲ ସଂଘର ପିକେଟିଂ

# ବିଚାର ବିଭାଗ, ସରକାରୀ କାର୍ଯ୍ୟାଳୟ ଠପ୍

**ରାଉରକେଲା ଅଫିସ,୨୯।୧**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଓ ରାଜସ୍ୱ ଜିଲା ଘୋଷଣା ଦାବିରେ ମଙ୍ଗଳବାର ରାଉରକେଲା ଓକିଲ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟ ବର୍ଜନ କରାଯିବା ସହ ବିଚାର ବିଭାଗକୁ ସମ୍ପୂର୍ଣ୍ଣ ଅଚଳ କରି ଦିଆଯାଇଥିଲା। ଫଳରେ ବିଚାରପତି ଓ ମହକିଲଙ୍କୁ ଫେରିଯିବାକୁ ପଡ଼ିଥିଲା। ପରେ ସଂଘ ସଦସ୍ୟମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ଠପ୍ କରିଦେଇଥିଲେ। ଏହାଦ୍ୱାରା ଏଡିଏମ୍, ଉପଜିଲାପାଳ, ତହସିଲ, ଶ୍ରମ, ଟ୍ରେଜେରି, ମାପଓଜନ, ସବ୍‌ରେଜିଷ୍ଟ୍ରାର ଅଫିସ ଅଚଳ ହୋଇଯାଇଥିଲା। ଜଷ୍ଟିସ ଯଶୋବନ୍ତ ସିଂ କମିଟି ରିପୋର୍ଟ ଆଧାରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ରାଉରକେଲା ହିଁ ପ୍ରଯୁଜ୍ୟ ସ୍ଥାନ ବୋଲି ସଂଘ କର୍ମକର୍ତ୍ତା ଦାବି କରିଥିଲେ। ସହରବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଣାଇଁ ଓ ପାନପୋଷ ଉପଖଣ୍ଡକୁ ନେଇ ରାଉରକେଲାକୁ ଏକ ରାଜସ୍ୱ ଜିଲା ଘୋଷଣା କରାଯାଉ ବୋଲି ସଂଘ ଦାବି କରିଥିଲା। ସେହିଭଳି ବୀରମିତ୍ରପୁର, ଲାଠିକଟା, ବିଶ୍ରା, କୋଇଡ଼ା, କାଳଟା ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ପ୍ରଶାସନିକ ସେବା ପହଞ୍ଚାଇବା ପାଇଁ ରାଉରକେଲାକୁ ଜିଲା ଘୋଷଣା ନିହାତି ଆବଶ୍ୟକ ବୋଲି ସଂଗଠନ କର୍ମକର୍ତ୍ତା ପ୍ରକାଶ କରିଥିଲେ। ରେଭିନ୍ୟୁ ମାମଲାଗୁଡ଼ିକର ଆପିଲେଟ ଅଥରିଟି ଅଫିସ ସୁନ୍ଦରଗଡ଼ଠାରେ ରହିଥିବାରୁ ବହୁ ଗରିବ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରାଯାଇଥିଲା। ରାଉରକେଲାଠାରୁ ସୁନ୍ଦରଗଡ଼ ସଦର ମହକୁମା ଦୂରତା ଏଥିରେ ଅନ୍ତରାୟ ସାଜିଥିବା କହିଥିଲେ ସଂଗଠନ କର୍ମକର୍ତ୍ତା। ଏହାବ୍ୟତୀତ ନୂଆପଡ଼ା ଭଳି ଛୋଟ ଅଞ୍ଚଳକୁ ନେଇ ସରକାର ଜିଲା ଘୋଷଣା କରିଥିବା ବେଳେ ସମସ୍ତ ଭିତ୍ତିଭୂମି ତଥା ଆବଶ୍ୟକତା ଥାଇ ରାଉରକେଲାକୁ କାହିଁକି ଜିଲା ଘୋଷଣା କରା ନ ଯିବ ବୋଲି ପ୍ରଶ୍ନ କରାଯାଇଥିଲା। ଏନେଇ ଆସନ୍ତା ୩୧ ଯାଏ କୋର୍ଟକାର୍ଯ୍ୟ ଅଚଳ କରାଯିବା ସହ ସରକାରୀ ଦପ୍ତର ଚାଲିବାକୁ ଦିଆଯିବନି ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ରମେଶ ବଳ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ରଙ୍ଗବାହାଦୁର ବାଗ, ଶ୍ରୀନିବାସ ପଣ୍ଡା, ଗୋବିନ୍ଦ ତନ୍ତୀ, ମାଧବୀ ଝା, ଅନୁସୂୟା ପଣ୍ଡା, ପଦ୍ମିନୀ ଦାସ, ସ୍ୱାଗତିକା ମହାନ୍ତି, ଯଜ୍ଞସ୍ମିତା ପ୍ରଧାନ, ଗାର୍ଗୀ ପଣ୍ଡା, ସ୍ମିତା ନନ୍ଦ, ଗିରୀଶ ମହାପାତ୍ର, ନରେଶ ଅଗ୍ରୱାଲ, ମାନସ ପଣ୍ଡା, ସନ୍ତୋଷ ନାୟକ, ଗଙ୍ଗାଧର ଦାସ, ପ୍ରମୋଦ ସାହୁ, ନିରଞ୍ଜନ ସୂତାର ଓ ବୁଲୁ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।




ହାଇକୋର୍ଟ ସ୍ଥାୟୀ ବେଞ୍ଚ ଓ ଜିଲା ଦାବି ନେଇ ରାଉରକେଲା ଓକିଲ ସଂଘ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରାଯାଉଛି।

# ଡାକ୍ତରଙ୍କ ପ୍ରତୀକ ଧର୍ମଘଟ

■ ଫେବୃୟାରୀ ୧ରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି

**ସୁନ୍ଦରଗଡ, ୨୯।୧ (ଡି.ଏନ୍.ଏ)**

ଓଡିଶା ମେଡିକାଲ ସର୍ଭିସେସ ଆସୋସିଏସନ୍ (ଓମସା ) କ୍ୟାଡର ଡାକ୍ତରଙ୍କ ପାଇଁ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ, ୨୦୧୮ କ୍ୟାଡର ରୁଲ ପ୍ରତ୍ୟାହାର ସହ ଓମସା ସହ ଆଲୋଚନା ଓ ସଂଶୋଧନ ପରେ ପ୍ରଚଳନ, ଅବସର ବୟସସୀମା ୬୨ବର୍ଷ ବୃଦ୍ଧିକୁ ବିରୋଧ ଓ ଡାକ୍ତରଖାନାରେ ଡାକ୍ତରଙ୍କ ସୁରକ୍ଷାବ୍ୟବସ୍ଥାର କଡାକଡି ଆଦି ବିଭିନ୍ନ ଦାବି ନେଇ ୨୮ତାରିଖରୁ ସୁନ୍ଦରଗଡ ଜିଲା ଓମସା ଶାଖା ପକ୍ଷରୁ ପ୍ରତୀକ ଧର୍ମଘଟ ଆରମ୍ଭ ହୋଇଛି। ଡାକ୍ତରମାନେ ନିର୍ଦ୍ଧାରିତ ନିଜର ଡ୍ୟୁଟି ସମ୍ପାଦନ ସହ ଜିଲା ମୁଖ୍ୟ ଡାକ୍ତରଖାନା ସମ୍ମୁଖରେ ଦାବିପୂରଣ ନିମନ୍ତେ ଶାନ୍ତିପୂର୍ଣ୍ଣ ଧାରଣା ଦେଉଛନ୍ତି। ଓମସା ଜିଲା ଶାଖା ସମ୍ପାଦକ ଡାଃ ସୋମ ଶୁଭଙ୍କରଙ୍କ ନେତୃତ୍ୱରେ ଡା. ପୁଷ୍ପମିତ୍ର ଭିତ୍ରିଆ, ମନୋଜ କୁମାର ପାଣିଗ୍ରାହୀ, ସଞ୍ଜୟ ଦାଶ, ପୂର୍ଣ୍ଣଚନ୍ଦ୍ର ମାଝୀ, ପ୍ରଦୀପ ପ୍ରସାଦ, ଜଗଦୀଶ କୁମାର ବାରିକ, ସାଗର ଦଳେଇ ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ସାମିଲ ହୋଇଥିଲେ। ଏହି ପ୍ରତୀକ ଧର୍ମଘଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଦାବି ପୂରଣ ଦିଗରେ ସରକାର ତତ୍ପରତା ପ୍ରକାଶ ନ କଲେ ଫେବୃୟାରୀ ୧ ଓ ୨ ତାରିଖ ୨ଦିନ ଡାକ୍ତରମାନେ ସାମୂହିକ ଛୁଟିରେ ଯିବେ ବୋଲି ଓମସା ରାଜ୍ୟ ଶାଖା ନିଷ୍ପତ୍ତି ଅନୁଯାୟୀ ସୁନ୍ଦରଗଡ ଜିଲା ଶାଖା ସମ୍ପାଦକ ସୋମ ଶୁଭଙ୍କର ସୂଚନା ଦେଇଛନ୍ତି।